


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୧୩ ଭୁବନେଶ୍ୱର ସୋମବାର, ଅପ୍ରେଲ୍ ୨୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.213 Bhubaneswar, Monday, April 21, 2025

## ଉଠିଯିବ ଟୋଲ୍ ଗେଟ୍



ନୂଆଦିଲ୍ଲୀ, ୨୦/୪: ଏଣିକି ରାଜପଥରେ ଫାସ୍‌ଟ୍ୟାଗ୍‌ରେ ଟୋଲ୍ ଟ୍ୟାକ୍ସ ଭରିବାକୁ ଲାଇନ୍ ଲଗାଇବାକୁ ପଡ଼ିବନି । ରାଜପଥରେ ଭିଡ଼ କମ କରିବାକୁ ଫାସ୍‌ଟ୍ୟାଗ୍ ସିଷ୍ଟମ୍ ଆଣିଥିଲେ ସରକାର । ଏହା ସଫଳ ସାବ୍ୟସ୍ତ ହୋଇଥିବା ବେଳେ ରାଜପଥ ଯାତ୍ରାକୁ ଆହୁରି ସୁଗମ ଓ ସୁବିଧା କରିବାକୁ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ । କାରଣ ଖୁବଶୀଘ୍ର ଆରମ୍ଭ ହୋଇପାରେ ଦେଶରେ ଆରମ୍ଭ ହୋଇପାରେ ଗ୍ଲୋବାଲ ନେଭିଗେସନ ସାଟେଲାଇଟ୍ ସିଷ୍ଟମ୍ । ତେବେ ଫାସ୍‌ଟ୍ୟାଗ୍ ବଦଳରେ ଟୋଲ୍ ସଂଗ୍ରହ ପାଇଁ ଆରମ୍ଭ ହେବାକୁ ଥିବା ଏହି ନୂଆ ନିୟମ କଣ ତାହା ଆଜି ଆମେ ଆପଣଙ୍କୁ କହିବୁ । ଏପ୍ରିଲ ମାସ ପହିଲାରୁ ଏହି ଜିଏନ୍‌ଏସ୍ ସିଷ୍ଟମ୍ ଆରମ୍ଭ ହେବାକୁ ଥିଲା । ତେବେ କୌଣସି କାରଣବସତଃ ଏଥିରେ ବିଳମ୍ବ ଘଟିଛି । ଏଣୁ ଜୁନ୍ ସୁଦ୍ଧା ଏହି ନୂଆ ସିଷ୍ଟମ୍ ଆରମ୍ଭ ହୋଇପାରେ ବୋଲି ଅନୁମାନ କରାଯାଉଛି । ପ୍ରଥମେ ୨ ହଜାର କିମି ରାସ୍ତାରେ ଏହାକୁ ଲାଗୁ କରାଯିବ । ଏଥିପାଇଁ ଦେଶର ପ୍ରମୁଖ ୪ଟି ରାଜପଥରେ ଏହାର ଟ୍ରାଏଲ କରାଯାଇଥିବା ବେଳେ ଟୋଲ୍ ଟ୍ୟାକ୍ସ ସଂଗ୍ରହ ପାଇଁ ନିୟମରେ ପରିବର୍ତ୍ତନ ହେବ । ଏଥର ରାଜପଥରେ ୨୦ କିମି ପର୍ଯ୍ୟନ୍ତ କୌଣସି ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ । ଏହାର ଅର୍ଥ ରାଜପଥରେ ୨୦ କିମି ପର୍ଯ୍ୟନ୍ତ ମାଗଣାରେ ଯାତ୍ରା କରିବେ ଗାଡ଼ି ଚାଳକ । ଏହାଠାରୁ ଅଧିକ ଯାତ୍ରା କଲେ ଟୋଲ୍ ଟ୍ୟାକ୍ସ ଦେବାକୁ ପଡ଼ିବ । ତେବେ ଏଥିପାଇଁ କୌଣସି ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବ ନାହିଁ । ଜାତୀୟ ମିଡିଆ ରିପୋର୍ଟ ମୁତାବକ ଯଦି କୌଣସି ବ୍ୟକ୍ତି ରାଜପଥ, ଏକ୍ସପ୍ରେସ୍ ୱେ ', ଟନେଲ୍ କିମ୍ବା ବ୍ରିଜ୍ ଉପରେ ଯାତ୍ରା କରୁଛନ୍ତି, ତେବେ ସେମାନଙ୍କୁ ଟୋଲ୍ ଟ୍ୟାକ୍ସ ଦେବାକୁ ହେବ । ୨୦ କିମି ପର୍ଯ୍ୟନ୍ତ ମାଗଣାରେ ଯାତ୍ରା କରିପାରିବେ ଲୋକେ । କିନ୍ତୁ ୨୦ କିମିରୁ ଅଧିକ ଦୂରତା ଅତିକ୍ରମ କଲେ ଟୋଲ୍ ଟ୍ୟାକ୍ସ ଦେବାକୁ ପଡ଼ିବ । ପୁରୁଣା ଟୋଲ୍ ସଂଗ୍ରହ ତରିକା ଓ ଫାସ୍‌ଟ୍ୟାଗ୍ ସିଷ୍ଟମ୍ ବଦଳରେ ଲାଗୁହେବ ଜିଏନଏସଏସ ଟୋଲିଂ ସିଷ୍ଟମ୍ । ଏଥିପାଇଁ ରାଜପଥ ଉପରେ ଅଲଗା ଅଲଗା ଲେନ୍ ନିର୍ମାଣ କରାଯାଉଛି । ଏହି ସ୍ୱେଶାଲ ଲେନ୍‌ରେ କେବଳ ଟୋଲ୍ ଦେଉଥିବା ଗାଡ଼ି ହିଁ ଯାଆଆସ କରିବ । ଏଣୁ ଗାଡ଼ିରେ ଜିପିଏସ୍ ସିଷ୍ଟମ୍ ଲଗାଇବାକୁ ହେବ । ବିନା ଜିପିଏସ୍ ସିଷ୍ଟମ୍ ଥିବା ଗାଡ଼ିଚାଳକଙ୍କଠାରୁ ଦୁଇଗୁଣା ଟୋଲ୍ ଟ୍ୟାକ୍ସ କଲେକ୍ସନ କରାଯିବ । ସରକାରଙ୍କ ଏହି ନୂଆ ଟେକ୍ନୋଲୋଜି ଜିପିଏସ୍ ଆଧାରିତ । ଗାଡ଼ିର ଯାଆଆସ ଟ୍ରାକ୍ କରିବାକୁ ଅନ୍ ବୋର୍ଡ ୟୁନିଟ୍‌ର ବ୍ୟବହାର କରାଯିବ । ପ୍ରାଥମିକ ପର୍ଯ୍ୟାୟରେ କେବଳ କମର୍ସିଆଲ୍ ଗାଡ଼ିଗୁଡ଼ିକ ଉପରେ ଏହି ନୂଆ ନିୟମ ଲାଗୁ ହେବ । ପରବର୍ତ୍ତୀ ସମୟରେ ଏହାକୁ ବ୍ୟକ୍ତିଗତ ଗାଡ଼ି ବା ପର୍ସନାଲ୍ ଭିକେଲ୍ ଉପରେ ବି ଲାଗୁ କରାଯିବ । ଟୋଲ୍ କଟିବା ପରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଗାଡ଼ି ମାଲିକଙ୍କୁ ସୂଚନା ଦିଆଯିବ । ଏହାଫଳରେ ଟୋଲ୍ ଗେଟ୍‌ରେ ଭିଡ଼ ଲଗାଇବାକୁ ପଡ଼ିବ ନାହିଁ ।

# ଜମ୍ମୁକାଶ୍ମୀରରେ ପ୍ରକୃତିର ତାଣ୍ଡବ

## ଲଗାଣବର୍ଷାରୁ ଭୂସ୍ଖଳନ, ପ୍ରଳୟ ପାଟିରେ ପଶିଗଲା ଘର

ଶ୍ରୀନଗର, ୨୦/୪: ଜମ୍ମୁ-କାଶ୍ମୀରରେ ପାଗ ପୁଣି ଥରେ ତାଣ୍ଡବ ରଚିଛି। ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ପ୍ରବଳ ପବନ ରାଜ୍ୟର ଅନେକ ଅଞ୍ଚଳରେ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଦେଇଛି। କିଛି ସ୍ଥାନରେ ନଦୀଗୁଡ଼ିକ ଗାଁଗୁଡ଼ିକୁ ବୁଡ଼ାଇ ଦେଇଥିବାବେଳେ ଅନ୍ୟ ସ୍ଥାନରେ ଭୂସ୍ଖଳନ ରାସ୍ତା ଅବରୋଧ କରିଥିଲା। ଏହା ଆଶ୍ୱସ୍ତିର ବିଷୟ ଯେ ପୋଲିସ ଏବଂ ପ୍ରଶାସନର ସତର୍କତା ଯୋଗୁଁ ସମୟ ମଧ୍ୟରେ ଅନେକ ଜୀବନ ରକ୍ଷା ହୋଇପାରିଲା। ତଥାପି, ଏଥିରେ ତିନି ଜଣଙ୍କ ମୃତ୍ୟୁ ଘଟିଛି। ରାମବନରେ ରାତିସାରା ପ୍ରବଳ ପବନ ଏବଂ ଶିଳାବୃଷ୍ଟି ଯୋଗୁଁ ସହର ଏବଂ ଆଖପାଖ ଅଞ୍ଚଳରେ ଅନେକ ଭୂସ୍ଖଳନ ହୋଇଥିଲା। ଏହି କାରଣରୁ ଜାତୀୟ ରାଜପଥ ଅବରୋଧ ହୋଇଥିଲା ଏବଂ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। କିଛି ପରିବାର ସମ୍ପତ୍ତିର କ୍ଷତି ମଧ୍ୟ ହୋଇଛି। ରାମବନ ଜିଲ୍ଲାର ଧରମକୁଣ୍ଡ ଅଞ୍ଚଳରେ ପ୍ରବଳ ବର୍ଷା ପରେ ଡ୍ରେନ୍ ପାଣି ଗାଁରେ ପ୍ରବେଶ କରି ହଠାତ୍ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି କରିଥିଲା। ଏହି ବନ୍ୟାରେ ଦଶଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ୨୫ ରୁ ୩୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସବୁଠାରୁ ବଡ଼ ଚିନ୍ତାର ବିଷୟ ଥିଲା ଯେ ଏହି ଅଞ୍ଚଳରେ ପ୍ରାୟ ୯୦ ରୁ ୧୦୦ ଲୋକ ଫସି ରହିଥିଲେ, କିନ୍ତୁ ଧରମକୁଣ୍ଡ ପୋଲିସର ତତ୍ପରତା ଯୋଗୁଁ ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା। ଏ ସମ୍ପର୍କରେ ସାଂସଦ ସୂଚନା ଦେଇଛନ୍ତି ଯେ ସେ ଡେପୁଟି କମିଶନର ବସିର-ଉଲ-ହକ୍ ଚୌଧୁରୀଙ୍କ ସହ ନିରନ୍ତର



ଯୋଗାଯୋଗରେ ଅଛନ୍ତି ଏବଂ ଜିଲ୍ଲା ପ୍ରଶାସନର ତୁରନ୍ତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସେ କହିଥିଲେ ଯେ ଆର୍ଥିକ ହେଉ କିମ୍ବା ଅନ୍ୟାନ୍ୟ, ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି। ଆବଶ୍ୟକ ହେଲେ, ସାଂସଦ ପାଣ୍ଠିରୁ ମଧ୍ୟ ସହାୟତା ଯୋଗାଇ ଦିଆଯିବ। ଗୁଜବରେ ଧ୍ୟାନ ନଦେବା ଏବଂ ପ୍ରଶାସନ ସହିତ ମିଶି ପରିସ୍ଥିତିର ସାମ୍ନା କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। କୁଲଗାମ ଜିଲ୍ଲାର କାଜିଗୁଣ୍ଡର ଗୁଲାବ ବାଗରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପାଣି ଅନେକ ଘରେ ପ୍ରବେଶ କରିବା ପରେ ପରିସ୍ଥିତି ଚିନ୍ତାଜନକ ହୋଇପଡ଼ିଥିଲା। ରାସ୍ତା ଅବରୋଧ ଯୋଗୁଁ ଚାରିଟି ପରିବାର ଫସି ରହିଥିଲେ। କିନ୍ତୁ ସୂଚନା ମିଳିବା ମାତ୍ରେ, ଏସ୍‌ଏଚ୍‌ଓଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ପାଣିର ଦିଗ ବଦଳାଇ ସମସ୍ତ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ। ପ୍ରାୟ ୪-୫ଟି ଘର ବିପଦରେ ଥିଲା, କିନ୍ତୁ ସମୟୋଚିତ ପଦକ୍ଷେପ ଯୋଗୁଁ ବଡ଼ କ୍ଷତି ଏଡାଇ ଦିଆଯାଇଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଜମ୍ମୁ ଏବଂ କାଶ୍ମୀରରେ ଆଗାମୀ ୪୮ ଘଣ୍ଟା ପାଇଁ 'ରେଡ୍ ଆଲର୍ଟ' ଜାରି କରିଛି। ବିଭାଗ ସତର୍କ କରାଇ ଦେଇଛି ଯେ ଉପର ଅଞ୍ଚଳରେ ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ପ୍ରବଳ ପବନ ଜାରି ରହିପାରେ, ଯାହା ବନ୍ୟା ଏବଂ ଭୂସ୍ଖଳନର ପରିସ୍ଥିତିକୁ ଆହୁରି ଖରାପ କରିପାରେ। ନଦୀ ଏବଂ ନାଳଗୁଡ଼ିକର ଜଳସ୍ତର ନିରନ୍ତର ତଦାରଖ କରାଯାଉଛି। ଜମ୍ମୁ-କାଶ୍ମୀର ପ୍ରଶାସନ ଏବଂ ସ୍ଥାନୀୟ ପୋଲିସ ବାହିନୀ ସତର୍କ ଅଛନ୍ତି। ରିଲିଫ୍ ଶିବିର ବ୍ୟବସ୍ଥା କରାଯାଉଛି, ଏବଂ ପ୍ରଭାବିତ ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି। ଜିଲ୍ଲା ପ୍ରଶାସନ ଦଳଗୁଡ଼ିକ ନିରନ୍ତର ନଜର ରଖିଛନ୍ତି ଏବଂ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ଅଛନ୍ତି। ଗୁଜବରୁ ଦୂରେଇ ରହିବା, ସୁରକ୍ଷିତ ସ୍ଥାନରେ ରହିବା ଏବଂ ପ୍ରଶାସନ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ପାଳନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ପ୍ରଶାସନ ଏବଂ ପୋଲିସ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି ଏବଂ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇ ଦିଆଯାଉଛି।

## ରାଜ୍ୟରେ ଖୋଲିଲା ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟର

ଭୁବନେଶ୍ୱର, ୨୦/୪: ୩୦ ଜିଲ୍ଲାରେ ଖୋଲିଲା ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟର। ଏହି ସେଣ୍ଟରରେ କୋଚ୍ ରହିବେ ପୂର୍ବତନ ଚାମ୍ପିଅନ ଖେଳାଳି। ଏନେଇ ସୂଚନା ଦେଇଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଭିନ୍ନ ଜିଲ୍ଲାର କ୍ରୀଡ଼ା ଓ ସଂସ୍କୃତିକୁ ଗୁରୁତ୍ୱ ଦିଆଯିବ। ପ୍ରତି ସେଣ୍ଟର ପାଇଁ ବାର୍ଷିକ ୫ ଲକ୍ଷ ଖର୍ଚ୍ଚ ହେବ। ଅଲିମ୍ପିକ୍ସ ଖେଳକୁ ପ୍ରୋତ୍ସାହନ ମିଳିବ। ତାଛଡା ଫୁଟବଲ, ଖୋ ଖୋ, ଯୋଗାସନ ବି ରହିବ। ଯେଉଁ ଜିଲ୍ଲାର ଯେଉଁ ଖେଳ ଅଛି ତାକୁ ଗୁରୁତ୍ୱ ଦିଆଯିବ। ରାଜ୍ୟ ସ୍ତରୀୟ, ସର୍ବଭାରତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପୂର୍ବତନ ଖେଳାଳୀମାନେ କୋଚ୍ ରହିବେ। ଏହି ସେଣ୍ଟର ଗୁଡ଼ିକ ତୃଣମୂଳ ସ୍ତରରୁ ପ୍ରଶିକ୍ଷଣ ଦେବା କାମ କରିବେ। ଯେଉଁଠି ସେଣ୍ଟର ଅଛି ପୂର୍ବରୁ ସେଠାରେ ଭିତ୍ତିଭୂମି ରହିଛି। ଖେଳାଳି କ୍ରୀଡ଼ାକୁ କ୍ୟାରିଅର କରିପାରିବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ସହଯୋଗରେ ଏହି ୩୦ଟି ସେଣ୍ଟର ଖୋଲାଯାଇଛି।

## ଇଡି ଅଫିସ ଘେରାଉ କଲା ପ୍ରଦେଶ ଯୁବ କଂଗ୍ରେସ



ଭୁବନେଶ୍ୱର, ୨୦/୪: ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର କର୍ମୀମାନେ ଏକ ର?ାଲିରେ ଯାଇ ଇଡି ଅଫିସ ସମ୍ମୁଖରେ ଥିବା ପୋଲିସ ବାରିକେଡ ଭାଙ୍ଗିଥିଲେ। ପୋଲିସ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରାୟ ଦୁଇଘଂଟା ଧରି ଧସ୍ତାଧସ୍ତି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ଶ୍ରୀ ରଣଜିତ ପାତ୍ର କହିଛନ୍ତି ଯେ ଇଡି ବିଜେପିର ଏକ ଛାମୁଆ ସଂଗଠନ ଭାବେ କାର୍ଯ୍ୟକରୁଛି। ଯେଉଁ ଅଣ କଂଗ୍ରେସ ଦଳର ନେତୃତ୍ୱ ବିଜେପିର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ ବୃଦ୍ଧି, ମହିଳା ନିର୍ଯ୍ୟାତନା, ଚାଷୀ ପ୍ରସଙ୍ଗ ଓ ବେକାରୀ ସମସ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ସଂସଦ ଭିତରେ ଏବଂ ବାହାରେ ଶାଣିତ ସ୍ୱର ଉତୋଳନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ମୋଦି ସରକାର ଅଗଣତାନ୍ତ୍ରିକ ଭାବେ ଇଡିର କାର୍ଯ୍ୟାନୁଷ୍ଠାନ ପ୍ରୟୋଗ କରୁଛନ୍ତି। ଲୋକସଭାର ବିରୋଧି ଦଳର ନେତା ଶ୍ରୀ ରାହୁଲ ଗାନ୍ଧୀଜୀ, ପୂର୍ବତନ କଂଗ୍ରେସ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଜୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୁଦ୍ଧରେ ଇଡି ଯେଉଁ ଚାର୍ଜସିଟ ଦାଖଲ କରିଛି ଏହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୁନା। ନ୍ୟାସନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଅ ମାମଲା ବିଜେପିର ଏକ ଚକ୍ରାନ୍ତମୂଳକ ପ୍ରସଙ୍ଗ। ଏଥିରେ ଦୁର୍ନୀତି ବା ବା ଅର୍ଥ କାରବାରର ଚିହ୍ନବର୍ଣ୍ଣ ହିଁ ନାହିଁ। କେବଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସହି ନପାରି ପ୍ରଧାନମନ୍ତ୍ରୀ ମୋଦି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ବଦନାମ କରିବାପାଇଁ ଏଥିରେ ଷଡଯନ୍ତ୍ର ହୋଇଛି। ରାହୁଲ ଗାନ୍ଧୀଙ୍କ ଜନପ୍ରିୟତା, ଦୁର୍ନୀତି ବିରୋଧି ସ୍ୱର ଏବଂ ଭାରତର ଅଖଣ୍ଡତା ରକ୍ଷାକରିବା ପାଇଁ ଦୁର୍ବାର ଆନ୍ଦୋଳନ ମୋଦିଙ୍କୁ ଭୟଭୀତ କରିଛି। ତେଣୁ ସେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ରାଷ୍ଟ୍ରର ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଆଉ ନିରପେକ୍ଷ ନାହିଁ। ବିଶେଷ କରି ଇଡି ଆଉ ସିବିଆଇ ମୋଦିଙ୍କର ହତିଆର ସାଜିଛ। ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ମୁକେଶ ଦେଶମୁଖ କହିଥିଲେ ଯେ ଏ ଅନ୍ୟାୟ ବିରୁଦ୍ଧରେ ଯୁବ କଂଗ୍ରେସ ନୀରବ ରହିବ ନାହିଁ। ଯୁବ କଂଗ୍ରେସ ମୋଦି ସରକାରଙ୍କ ସେଚ୍ଛାଚାରିତା ସଂଗ୍ରାମ ଜାରି ରଖିବ। ନ୍ୟାସନାଲ ହେରାଲ୍ଡ ଯାହାକୁ ନେଇ ବିଜେପି ତୁମ୍ବିତୋଫାନ କରୁଛି ତାହା ସ୍ୱାଧୀନତା ସଂଗ୍ରାମ ସମୟରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ୱର ଭାବେ କାର୍ଯ୍ୟ କରୁଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଏହାକୁ ସ୍ଥାପନ କରିଥିଲେ। ଆଜି ଦୁର୍ନୀତିରେ ବୁଡ଼ି ଯାଇଥିବା ଏବଂ ଦେଶର ଅଖଣ୍ଡତାକୁ ଭାଙ୍ଗୁଥିବା ମୋଦି ସରକାର ନ୍ୟାସନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଆ ପ୍ରସଙ୍ଗରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି। ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କର ହିଟଲରୀ ଶାସନର ତୀବ୍ର ନିନ୍ଦା କରିଥିଲେ। ମୋଦି ଶାସନ ବ୍ରିଟିଶ ଶାସନ ଠାରୁ ଆହୁରି ଭୟଙ୍କର ବୋଲି କହିଥିଲେ। ମୋଦିଙ୍କ ଫାସିବାଦ ବିରୁଦ୍ଧରେ ଯୁବକମାନେ ସ୍ୱର ଉତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମନୋଜ ରାଉତ, ମନୋଜ ବିଶ୍ୱାଳ, ଅଭିଲାଷ ମାଣିଆ, ଉଦିତ ପ୍ରଧାନ, ସୁଦିପ ସାମଲ, ନିହାର ବେହେରା, ମହମ୍ମଦ ଗୁଲଫାମ, ଗୋପନ ମାର୍ଥା, ଅଭିଜିତ ଜେନା, ସ୍ୱାଗତ କର, ରଜନୀ ମହାନ୍ତି, ଅଜୟ ସାହୁ, ବଟକୃଷ୍ଣ ରାଉତରାୟ, କୃଷ୍ଣ ମହାନ୍ତି, ଦୀପକ ମହାପାତ୍ର, ଅମରେଶ ପରିଡ଼ା, ଜାଭେଦ ଅକତର, ମହମ୍ମଦ ପରଭେଜ, ବଳରାମ ନନ୍ଦ, ଶିଳ୍ପିଶ୍ରୀ ହରିଚନ୍ଦନ, ମନ୍ଦାକିନି ବଣୁଆ, ମଧୁସ୍ମିତା ଆଚାର୍ଯ୍ୟ, ଆଲୋକ ଦାସ, ମୋହନ ନାୟକ, ଅମିତ ଆଚାର୍ଯ୍ୟ, ଗଣେଶ ସାହୁ, ମହମ୍ମଦ ସାହେବ, ଅମିତ ଆହିର, ଅଙ୍କିତ ସାହୁ, ସୁରଜ ବେହେରା, ବିଶ୍ୱଜିତ ସ୍ୱାଇଁ, ବିଂରଚି ବାରିକ, ପବିତ୍ର ସେଠୀ ପ୍ରମୁଖ ଏହି ଘେରାଉ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ

ନୂଆଦିଲ୍ଲୀ, ୨୦/୪: ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ। ଆହୁରି ସହଜ ହେବ ବନ୍ଦେ ଭାରତ ଟ୍ରେନ ଯାତ୍ରା। ରେଲୱେ ପକ୍ଷରୁ ବନ୍ଦେ ଭାରତ ସ୍ଲିପର ଟ୍ରେନ ଲଞ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହା ଦିଲ୍ଲୀ ଓ ହାଓ୍ୱଡା ଟ୍ରାକରେ ଗଡ଼ିବ ବୋଲି ସୂଚନା ମିଳିଛି। ଦିଲ୍ଲୀ ଏବଂ ହାଓଡ଼ା ମଧ୍ୟରେ ଭାରତୀୟ ରେଳବାଇ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଆରମ୍ଭ କରିବ। ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ପ୍ରଚଳନ ସହିତ ଭାରତୀୟ ରେଳବାଇ ଦୀର୍ଘ ଦୂରତା ଯାତ୍ରାକୁ ହ୍ରାସ ପାଇଁ ଯୋଜନା ପ୍ରସ୍ତୁତ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରିମିୟମ୍ ସ୍ଲିପର ସେବା ଦିଲ୍ଲୀ-ହାଓ୍ୱଡା ରୁଟରେ କାର୍ଯ୍ୟ କରିବ, ଯାହା ଯାତ୍ରୀମାନଙ୍କୁ ଏକ ଆଧୁନିକ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀ ଆରାମକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି। ଏହା ଏକ ଅର୍ଦ୍ଧ-ହାଇ-ସ୍ପିଡ୍ କ୍ଷମତା ପ୍ରଦାନ କରେ, ଯାହା ୧୬୦ କିମି/ଘଣ୍ଟା ପର୍ଯ୍ୟନ୍ତ ବେଗରେ ପହଞ୍ଚିଥାଏ, ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ ଯାତ୍ରା ସୁନିଶ୍ଚିତ କରେ। ଯାତ୍ରୀ ସୁବିଧାଗୁଡ଼ିକରେ ସ୍ୱୟଂଚାଳିତ ପ୍ଲଗ୍ ଦ୍ୱାର, ପ୍ରଶସ୍ତ ଗ୍ୟାଙ୍ଗୱେ, ଉପର ବର୍ଥକୁ ପ୍ରବେଶ କରିବା ପାଇଁ ଏରଗୋନୋମିକ୍ ସିଡ଼ି ଏବଂ ଆଲୋକ, ଏୟାର କଣ୍ଡିସନିଂ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଏକ କେନ୍ଦ୍ରୀୟ କୋଚ୍ ମନିଟରିଂ ସିଷ୍ଟମ ଅନ୍ତର୍ଭୁକ୍ତ।ଏହି ଟ୍ରେନରେ ଅନବୋର୍ଡ ୱାଇ-ଫାଇ ଏବଂ ସିସି ଟିଭି ନିରୀକ୍ଷଣ ସୁବିଧା ଉପଲବ୍ଧ ଥିବାବେଳେ ଯାତ୍ରୀମାନଙ୍କ ପାଇଁ ସୁଗମ ଶୌଚାଳୟ ମଧ୍ୟ ପ୍ରଦାନ କରାଯାଏ। ଏକ ଜରୁରୀକାଳୀନ ଟକ୍-ବ୍ୟାକ୍ ୟୁନିଟ୍ ଯାତ୍ରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଟ୍ରେନ ପରିଚାଳକ କିମ୍ବା ଲୋକୋ ପାଇଲଟ୍ ସହିତ ସିଧାସଳଖ ଯୋଗାଯୋଗ କରିବାକୁ ଅନୁମତି ପ୍ରଦାନ କରିବ। ଭାରତୀୟ ରେଳବାଇ ଡିସେମ୍ବର ୨୦୨୫ ସୁଦ୍ଧା ନଅଟି ଅତିରିକ୍ତ ୧୬ କୋଚ ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ନିର୍ମାଣ କରିବାକୁ ଯୋଜନା କରୁଛି। ସେହିପରି ୨୦୨୬-୨୭ରେ ୨୪ କୋଚ ବିଶିଷ୍ଟ ଟ୍ରେନ୍ ସେଟ୍?ର ପୂର୍ଣ୍ଣ-ସ୍ତରର ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି। ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଦୀର୍ଘ-ଦୂରତା ରେଳ ଯାତ୍ରାରେ ବିପ୍ଳବ ଆଣିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହା ଯାତ୍ରୀମାନଙ୍କୁ ଏକ ସୁରକ୍ଷିତ, ଆରାମଦାୟକ ଏବଂ ଦକ୍ଷ ପରିବହନ ବ୍ୟବସ୍ଥା ଯୋଗାଇବାରେ ସହାୟକ ହୋଇପାରିବ ବୋଲି ଭାରତୀୟ ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଚେଇଁ ଉଠିଛି ଓଡ଼ିଶା ପୁଲିସ

## ଦେଢ଼ବର୍ଷ ଚୁପ୍ ଥିଲା; ମାସକରେ ୧୬ ଏନ୍‌କାଉଣ୍ଟର



ଭୁବନେଶ୍ୱର, ୨୦/୪: ୨୦୨୩ ସେପଟ୍ଟେମ୍ବର ୧୬ ତାରିଖରେ କଟକ କମିସନରେଟ୍ ପୁଲିସ କରିଥିଲା ଶେଷ ଏନ୍‌କାଉଣ୍ଟର। ସେହିବର୍ଷ ମାର୍ଚ୍ଚ ୩ରେ ବି ଗୋଟିଏ ଏନ୍‌କାଉଣ୍ଟର ହୋଇଥିଲା। ୧୯ ମାସର ବ୍ୟବଧାନ ପରେ କଟକ କମିସନରେଟ୍ ପୁଲିସ ଗତ ୧୬ ତାରିଖ ରାତିରେ କରିଛି ଡବଲ୍ ଏନ୍‌କାଉଣ୍ଟର। ଯେଉଁ ଢଙ୍ଗରେ ପୁଲିସ ଏହି ଏନ୍‌କାଉଣ୍ଟର କରିଛି, ତାହାକୁ ନେଇ ସନ୍ଦେହ ବଢୁଛି। ଓଡ଼ିଶା ପୁଲିସ ହଠାତ୍ ନିଜକୁ ଦକ୍ଷ ବୋଲି ପ୍ରମାଣିତ କରିବା ପାଇଁ ଏନ୍‌କାଉଣ୍ଟରକୁ ମାଧ୍ୟମ କରିବା ନେଇ ପ୍ରଶ୍ନ ଉଠୁଛି। ପାଖାପାଖି ଦେଢ଼ବର୍ଷ ହେଲା ପୁଲିସ ଏନ୍‌କାଉଣ୍ଟର ରାଜ୍ୟରେ ଶୂନ ଥିବା ବେଳେ ହଠାତ ଚେଇଁ ଉଠିବା ଏବଂ ଫେବ୍ରୁଆରି ୧୭ରୁ ଏପ୍ରିଲ ୧୬ ତାରିଖ, ମାତ୍ର ମାସକ ମଧ୍ୟରେ ୧୬ ଜଣ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିବା ଘଟଣା ରହସ୍ୟମୟ ହେବାରେ ଲାଗିଛି। କଟକ ସମେତ ଭୁବନେଶ୍ୱର, ଅନୁଗୁଳ, ରାଉରକେଲା, ସମ୍ବଲପୁର ଓ ଝାରସୁଗୁଡ଼ାରେ ପୁଲିସ ଏଭଳି ଏନ୍‌କାଉଣ୍ଟର କରିଛି। କିନ୍ତୁ ପୁଲିସ ଏନ୍‌କାଉଣ୍ଟର ସଂପର୍କରେ ଯାହା ବର୍ଣ୍ଣନା କରୁଛି, ବାସ୍ତବ ଘଟଣା ସହ ତାହା ଅନେକ କ୍ଷେତ୍ରରେ ମେଳ ଖାଉ ନ ଥିବାରୁ ଏଭଳି ଏନ୍‌କାଉଣ୍ଟରର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଥ୍ୟ ଅନୁଯାୟୀ ୨୦୨୩ ମାର୍ଚ୍ଚ ୩ ରେ ରାଣୀହାଟ ଗୋପାଳସାହିର ଶଙ୍କର ଓରଫ୍ ଦୀପକ ନାୟକକୁ ଭୁଆଶୁଣି ପଠାରେ ଏନ୍‌କାଉଣ୍ଟର କରାଯାଇଥିଲା। ସେହି ବର୍ଷ ସେପଟ୍ଟେମ୍ବର ୧୬ରେ ମଙ୍ଗୁ ଓରଫ୍ ମନୋଜ ମହାରଣାକୁ କନ୍ଦରପୁର ଥାନା ପୁଲିସ ସଦର ଥାନା କାଜିପାଟଣା ନିକଟରେ ଏନ୍‌କାଉଣ୍ଟର କରିଥିଲା। କିନ୍ତୁ ୨୦୨୫ରେ ପୁଲିସ ଯେଉଁ ଏନ୍‌କାଉଣ୍ଟର ଅଭିଯାନ ଆରମ୍ଭ କରିଛି ସେଥିରେ ରହିଛି ଫେବ୍ରୁଆରି ୧୭ରେ ଭୁବନେଶ୍ୱର ବାଲିଅନ୍ତା ନିକଟରେ ମଧ୍ୟପ୍ରଦେଶର ଅପରାଧୀ ଅର୍ଜୁନ ଆନାରେ ଏନ୍‌କାଉଣ୍ଟର। ପରକୁ ପର ମାର୍ଚ୍ଚ ୪ରେ ସମ୍ବଲପୁର ଅଇଁଠାପାଲି ଅଞ୍ଚଳରେ ଦୁର୍ଦ୍ଦାନ୍ତ ଅପରାଧୀ ମହେଶ କୁମାର ଏନ୍‌କାଉର୍ଣ୍ଟର, ମାର୍ଚ୍ଚ ୮ ରାତିରେ ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରେ ବିହାରୀ ଡକାୟତ ଦୀପକ କୁମାର ଏନ୍‌କାଉଣ୍ଟର, ମାର୍ଚ୍ଚ ୧୧ ରାତିରେ ସମ୍ବଲପୁର ପୁଲିସ ପକ୍ଷରୁ ପଶ୍ଚିମବଙ୍ଗ ହାଓ୍ୱଡ଼ାର ଦୁଇ ଗୋରୁ ମାଫିଆ ସେକ୍ ମଣ୍ଟୋ ହକ୍ ଓ ସେକ୍ ଆରିଫଙ୍କୁ ଏନ୍‌କାଉଣ୍ଟର, ମାର୍ଚ୍ଚ ୧୨ରେ ରାଉରକେଲା ପୁଲିସର ଦୁର୍ଦ୍ଦାନ୍ତ ବେୟାସ ଲାଖୁଆକୁ ଏନ୍‌କାଉଣ୍ଟର, ଏପ୍ରିଲ ୨ ବିଳମ୍ବିତ ରାତିରେ ଅନୁଗୁଳ ଜିଲ୍ଲା ତାଳଚେର ତାଳବେଡ଼ା ଜଙ୍ଗଲରେ ଦୁର୍ଦ୍ଦାନ୍ତ ଅପରାଧୀ ସୁଶାନ୍ତ କୁମାର ନାୟକ ଓରଫ୍ ଝାମୁକୁ ଏନ୍‌କାଉଣ୍ଟର, ଏପ୍ରିଲ ୪ ସକାଳେ ଦୁଇ ବିହାରୀ ଲୁଟେରା ସୋନୁ ଯାଦବ ଓ ମନୀଷ ଯାଦବଙ୍କୁ ଭୁବନେଶ୍ୱର ସହିଦନଗର ଥାନା ବାଙ୍କୁଆଳରେ ଏନ୍‌କାଉଣ୍ଟର, ଏପ୍ରିଲ ୬ରେ ଦୁର୍ଦ୍ଦାନ୍ତ ଅପରାଧୀ କ୍ଷୀରୋଦ ନାୟକଙ୍କୁ ଅନୁଗୁଳ ପୁଲିସର ଏନ୍‌କାଉଣ୍ଟର, ଏପ୍ରିଲ ୧୦ ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଜୟଦେବ ବାଟିକା ଅଞ୍ଚଳରେ ବ୍ରାଉନ୍‌ସୁଗାର ମାଫିଆ ସେକ୍ ଜାମସେଦକୁ ଏନ୍‌କାଉଣ୍ଟର, ଏପ୍ରିଲ ୧୩ରେ ସମ୍ବଲପୁର ପୁଲିସ ପକ୍ଷରୁ ସୀତାରାମ ଷଡ଼ଙ୍ଗୀକୁ ଏନ୍‌କାଉଣ୍ଟର, ଏପ୍ରିଲ ୧୨ରେ ଝାରସୁଗୁଡ଼ା ପୁଲିସ ଦ୍ୱାରା ସେକ ଆସିଫ ଓ ଅଭିଷେକ ବାରିକଙ୍କୁ ଏନ୍‌କାଉଣ୍ଟର ଓ ଏପ୍ରିଲ ୧୬ ତାରିଖ ରାତିରେ ଭୁବନେଶ୍ୱର ନନ୍ଦନକାନନ ଥାନା ଅଞ୍ଚଳର କଟାସ ଓରଫ୍ ସଂଗ୍ରାମ ଓରଫ୍ ସଂଯୋଗ ରାଉତ ଓ କଟକ ବୟାଳିଶମୌଜାର ଶୁଭ ଓରଫ୍ ଜୁବୁଲା ଓରଫ୍ ଶୁଭ୍ରାଂଶୁ ପରିଡ଼ାକୁ କଟକ ପୁଲିସର ଏନ୍‌କାଉଣ୍ଟର ଘଟଣା। ରାଜ୍ୟରେ ଅପରାଧ, ନିୟନ୍ତ୍ରଣ ବାହାରକୁ ଯାଇଥିବାରୁ ଭୟ ସୃଷ୍ଟି କରିବାକୁ ପୁଲିସ ଏଭଳି ଏନ୍‌କାଉଣ୍ଟର କରୁଛି ନା ନିଜର ପାରିବାପଣିଆ ସାବ୍ୟସ୍ତ କରିବାକୁ ଏହି ଅଭିଯାନ ଆରମ୍ଭ କରିଛି, ତାହା ଏବେ ବଡ଼ ପ୍ରଶ୍ନ। ଏସବୁ ଏନ୍‌କାଉଣ୍ଟର କରିଥିବା ପୁଲିସ ଅଧିକାରୀଙ୍କ ଗୁଳିଚାଳନା ବିଶେଷ କରି ଗୋଡ଼ର ନିର୍ଦ୍ଦିଷ୍ଟ ସ୍ଥାନରେ ଗୁଳି ଫୁଟାଇବାର ଦକ୍ଷତା ବି ଆଲୋଚ୍ୟ ବିଷୟ ହୋଇଛି।

# ବିଜେଡିର କାୟାକଳ୍ପ ବଦଳିବ

## ନବୀନ ପୁଣି ସଭାପତି ହେଲେ, ବରିଷ୍ଠଙ୍କ ଅନୁପସ୍ଥିତି ଚର୍ଚ୍ଚା ବଢ଼ାଇଲା



ଭୁବନେଶ୍ୱର,୨୦/୪: ଯାହା ସ୍ପଷ୍ଟ ଥିଲା ତାହା ହିଁ ହେଲା। ନବୀନ ପଟ୍ଟନାୟକ ନବମ ଥର ପାଇଁ ବିଜେଡିର ସଭାପତି ହେଲେ। ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଫଳରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ଆଜି ଘୋଷଣା କରାଗଲା। ଏହା ପରେ ନେତା ଓ କର୍ମୀମାନେ ନବୀନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଲେ। ପ୍ରତିବଦଳରେ ନବୀନ ଦଳର ନେତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ହେଁ କେନ୍ଦ୍ର ବିରୋଧରେ ପଦୁଟିଏ କହିଲେ ନାହିଁ। କିମ୍ବା ନୂଆ କିଛି ସାଂଗଠନିକ କାମ କରିବା ପାଇଁ ମଧ୍ୟ ତାଙ୍କ ଭାଷଣରେ ବାର୍ତ୍ତା ନଥିଲା। ଚିରାଚରିତ ଢଙ୍ଗରେ ଲିଖିତ ଭାଷଣ ପଢ଼ିଦେଲେ ବିଜେଡି ମୁଖିଆ। ନବୀନ କହିଥିଲେ, ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ସମୟ ଥିଲା ଓଡ଼ିଶା ବିକାଶର ସୁବର୍ଣ୍ଣ ଯୁଗ। ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ପଥପ୍ରଦର୍ଶକ ସାଜିଥିଲା। ବିଜେଡିର ସାଂଗଠନିକ ଶକ୍ତିକୁ କେହି ହେୟଜ୍ଞାନ କରିବା ଉଚିତ ନୁହେଁ। କର୍ମୀମାନେ ହେଉଛନ୍ତି ଆମ ଦଳର ପ୍ରକୃତ ସମ୍ପଦ। ଆମ ନୀତି ଓ ଆଦର୍ଶ ହେଉଛି ଆମର ଶକ୍ତି। କ୍ଷମତାରେ ଥାଉ ବା ନଥାଉ, ବିଜେଡି ସବୁବେଳେ ଓଡ଼ିଶାବାସୀଙ୍କ ସେବା କରି ଚାଲିଛି। ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନ ସାଥୀରେ ବିଜେଡି ସବୁବେଳେ ଯୋଡ଼ି ହୋଇ ରହିଛି ଓ ରହିବ। ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଶାର ସ୍ୱାର୍ଥ ଆମ ପାଇଁ ସବୁଠାରୁ ଉପରେ। ନିର୍ବାଚନ ହାରିବା କଥା ଉଠାଇ ନବୀନ କହିଥିଲେ, ଗତ ନିର୍ବାଚନରେ ଆମେ ଅଧିକ ଭୋଟ୍ ପାଇ ମଧ୍ୟ ଅଳ୍ପକେ ହାରିଲୁ। ଏହାର କାରଣ ଅପପ୍ରଚାର (ଫଲ୍‌ସ ନ୍ୟାରେଟିଭ୍)କୁ ଆମେ ଠିକ୍ ଭାବେ ପ୍ରତିହତ କରିପାରିଲୁନି। ଏବେ ବି ବିଜେଡି ବିରୋଧରେ ଅପପ୍ରଚାର କରାଯାଉଛି। ଏହାକୁ ସାମାଜିକ ଗଣମାଧ୍ୟମରେ ଆକ୍ରମଣାତ୍ମକ ଢଙ୍ଗରେ ଆମେ ମୁକାବିଲା କରିବା ଦରକାର। ଆମର ସାମାଜିକ ଗଣମାଧ୍ୟମ ଉପସ୍ଥିତିକୁ ଜୋରଦାର ଢଙ୍ଗରେ ବଢ଼ାଇବାର ଆବଶ୍ୟକତା ଅଛି। ସତ ଜଣାଇବାକୁ ଟେକ୍ନୋଲୋଜିର ସାହାଯ୍ୟ ନେବାକୁ ପଡ଼ିବ। ଏହା ବିନା ଆମେ ଲୋକଙ୍କ ପାଖରେ ପହଞ୍ଚିବା ସମ୍ଭବ ନୁହେଁ। ବିଜେଡିର କର୍ମୀ, ଭାଇଭଉଣୀମାନଙ୍କ ଉପରେ ମୋର ପୂରା ଭରସା ଅଛି। ସେମାନେ ହିଁ ମିଛ ପ୍ରଚାରର ଉଚିତ ଜବାବ ଦେବେ। ଓଡ଼ିଶାର ସବୁ ଗାଁ, ସବୁ ସହରରେ ଆମ ସେବାର ବାର୍ତ୍ତା ପହଞ୍ଚାଇବେ। ବିଜେଡି ସଭାପତି ଭାବେ ଦଳର ସେବା କରିବା ପାଇଁ ପୁଣି ସୁଯୋଗ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଜି ସଭାପତି ନିର୍ବାଚନ ପାଇଁ ଶଙ୍ଖ ଭବନ ବେଶ୍ ଉତ୍ସବମୁଖର ଥିଲା। ନିର୍ବାଚନ ଅଧିକାରୀ ପ୍ରତାପ କେଶରୀ ଦେବ ବିଧିବଦ୍ଧ ଭାବେ ସଭାପତିଙ୍କ ନାମ ଘୋଷଣା କରିଥିଲେ। ଏହା ପରେ ନେତାମାନେ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ବାହାରେ ବାଜା ବଜାଇ କର୍ମୀମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନି ଦେଇଥିଲେ। ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରିନାରାୟଣ ପାତ୍ର, ପ୍ରତାପ ଜେନା, ଦେବୀ ପ୍ରସାଦ ମିଶ୍ର ଓ ପ୍ରମିଳା ମଲ୍ଲିକ ପ୍ରମୁଖ ମଞ୍ଚରେ ଭାଷଣ ଦେଇଥିଲେ। ମଞ୍ଚରେ ନବୀନ ଆଦୌ କେନ୍ଦ୍ର ସରକାରଙ୍କ ବିରୋଧରେ କହି ନଥିଲେ କି କେନ୍ଦ୍ରୀୟ ଅବହେଳା କଥା ଉଠାଇ ନଥିଲେ। କିନ୍ତୁ ବାହାରେ ନେତାମାନେ ଗଣମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଲଢ଼େଇ ହେବ ବୋଲି କହିଥିଲେ। ଅରୁଣ ସାହୁ କହିଥିଲେ, କେନ୍ଦ୍ରରେ ଓ ରାଜ୍ୟରେ ବିଜେପି ସରକାର ଅଛି। ଯଦି ଓଡ଼ିଆମାନଙ୍କ ନ୍ୟାଯ୍ୟ ଅଧିକାରରୁ ସାମାନ୍ୟ ଊଣା ହେବ, ତେବେ କେନ୍ଦ୍ର ଓ ରାଜ୍ୟ ବିରୋଧରେ ଲଢ଼େଇ କରିବୁ। ଓଡ଼ିଶାରେ ବିଜେପି ସରକାରକୁ ହଟାଇବା ସହ କେନ୍ଦ୍ର ଅବହେଳା ବିରୋଧରେ ଲଢ଼େଇ ହେବ। ସଭାପତି ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଛନ୍ତି ଲଢ଼େଇ କରିବାକୁ। ବିଜେଡିର ସଭାପତି ଭାବେ ନବୀନ ପଟ୍ଟନାୟକ ନବମ ଥର ନିର୍ବାଚିତ ହେଲେ। ଏହା ଅତ୍ୟନ୍ତ ସ୍ୱାଭାବିକ ଘଟଣା। କିନ୍ତୁ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀରେ କେଉଁମାନେ ସ୍ଥାନ ପାଇଲେ, ତାହା କେହି ଜାଣିପାରୁ ନାହାନ୍ତି। ଆଜି ବିଧିବଦ୍ଧ ଭାବେ ସେହି ନାମଗୁଡ଼ିକ ଘୋଷଣା କରାଯାଇ ନାହିଁ। ଶଙ୍ଖ ଭବନରେ ଏ ନେଇ ସମସ୍ତେ ପରସ୍ପରକୁ ପଚାରୁଥିଲେ ବି କାହା ପାଖରେ ଉତ୍ତର ନଥିଲା। ଦଳରେ ଆଭ୍ୟନ୍ତରୀଣ ଅସନ୍ତୋଷ ତୀବ୍ର ଥିବାରୁ ଜାଣିଶୁଣି କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇ ନଥିବା କୁହାଯାଉଛି। କ୍ଷମତାଚ୍ୟୁତ ହେଲା ପରେ ବିଜେଡିର ଏହି ଭୟ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସାଧାରଣତଃ ସଭାପତି ନିର୍ବାଚନ ପୂର୍ବରୁ ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରିବା କଥା। ରାଜ୍ୟ ପରିଷଦର ୩୫୫ ଜଣ ରହିବାର ବ୍ୟବସ୍ଥା ଥିଲା ବେଳେ ସେଥିରୁ ୮୧ ଜଣ ରାଜ୍ୟ କାର୍ଯ୍ୟକାରିଣୀକୁ ଯିବେ। କାର୍ଯ୍ୟକାରିଣୀର ସଦସ୍ୟମାନେ ସଭାପତି ନିର୍ବାଚନ କରିବେ। ଏକ ରାଜନୈତିକ ଦଳର କାର୍ଯ୍ୟକାରିଣୀ କମିଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆଜି ନା ରାଜ୍ୟ ପରିଷଦ ନା କାର୍ଯ୍ୟକାରିଣୀ କମିଟି, କାହାର ବି ସଦସ୍ୟମାନଙ୍କ ନାମ ଘୋଷଣା ହୋଇ ନଥିଲା। ରାଜ୍ୟ ପରିଷଦ ବୈଠକରେ କାର୍ଯ୍ୟକାରିଣୀ କମିଟି ସଦସ୍ୟମାନଙ୍କ ନିର୍ବାଚନ ହେବା କଥା। କିନ୍ତୁ ସେହି ପ୍ରକ୍ରିୟା ଆଜି କରାଯାଇ ନଥିଲା। ସିଧାସଳଖ ସଭାପତି ନିର୍ବାଚନ କରାଯାଇଥିଲା। ଯେହେତୁ ଆଜି ରାଜ୍ୟ ପରିଷଦ ବୈଠକ ଥିଲା, ତେଣୁ ଯେଉଁମାନଙ୍କୁ ଡକାଯାଇଥିଲା ସେମାନେ ନିଶ୍ଚିତ ରାଜ୍ୟ ପରିଷଦକୁ ମନୋନୀତ ହୋଇଥିବା ସ୍ପଷ୍ଟ ହୋଇଛି। କିନ୍ତୁ ପୂର୍ଣ୍ଣାଙ୍ଗ ପରିଷଦ ଗଠନ ହୋଇ ନଥିବା କୁହାଯାଉଛି। ଦଳର ନିୟମ ଅନୁଯାୟୀ ସବୁ ସାଂସଦ ଓ ବିଧାୟକ ରାଜ୍ୟ ପରିଷଦର ସଦସ୍ୟ ରହିଛନ୍ତି। ପୂର୍ବ ନିର୍ବାଚନରେ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ହୋଇଥିବା ନେତା ବି ପରିଷଦର ସଦସ୍ୟ ରହିବେ। ଏମାନଙ୍କ ବାଦ୍ ଆଉ କେଉଁମାନେ ରହିଲେ, ସେ ନେଇ ସମସ୍ତେ ଅନ୍ଧାରରେ। ତେବେ ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୩୦୦ ଭିତରେ ସୀମିତ ରହିଛି। ରାଜନୈତିକ ମହଲର କହିବା କଥା ହେଉଛି, ବିଜେଡିରେ ବିଦ୍ରୋହ ମୁଣ୍ଡ ଟେକୁଥିବା ପରିପ୍ରେକ୍ଷୀରେ ରାଜ୍ୟ କାର୍ଯ୍ୟକାରିଣୀ କମିଟିକୁ ବେଶ୍ ସତର୍କତାର ସହ ଗଠନ କରାଯାଉଛି। ଯେଉଁ କାରଣ ପାଇଁ ବିଦ୍ରୋହ ଆରମ୍ଭ ହୋଇଛି, ତାହାକୁ ଏ ଯାଏଁ ସମାଧାନ କରାଯାଇନି। କାରଣଟି ହେଲା ପାଣ୍ଡିଆନ ଓ ତାଙ୍କ ଅନୁଗତ ହାତଗଣତି ନେତାଙ୍କ ଉପଦ୍ରବ। ନବୀନ ଏହି କାରଣକୁ ସମାଧାନ କରିବା ପରିବର୍ତ୍ତେ ପାଣ୍ଡିଆନଙ୍କୁ ସୁନାପୁଅର ମାନପତ୍ର ଦେଇ ଅସନ୍ତୋଷକୁ ଆହୁରି କୁହୁଳିବା ପାଇଁ ସୁଯୋଗ ଦେଇଛନ୍ତି। ସେଥିପାଇଁ ବିଦ୍ରୋହର ଆଶଙ୍କା ବଳବତ୍ତର ରହିଛି। ଯଦି ଅସନ୍ତୋଷ ଆହୁରି ତୀବ୍ର ହୁଏ, ତେବେ ଭବିଷ୍ୟତରେ କାର୍ଯ୍ୟକାରିଣୀର ଅର୍ଦ୍ଧାଧିକ ସଦସ୍ୟଙ୍କୁ ମେଳି କରି ଦଳରେ ବିଭାଜନ କରିବା ବଡ଼ କଥା ନୁହେଁ। ତେଣୁ ଯେଉଁମାନେ ଅତ୍ୟନ୍ତ ବିଶ୍ୱସ୍ତ, ସେମାନଙ୍କୁ ହିଁ କାର୍ଯ୍ୟକାରିଣୀରେ ରଖାଯିବାକୁ ଗୋଟିଚାଳନା ହୋଇଛି। ହଠାତ୍ ନାମ ସାମନାକୁ ଆସିଲେ ଅସନ୍ତୋଷ ବ୍ୟାପିବାର ଆଶଙ୍କା ଥିବାରୁ ଏହି କମିଟି ଘୋଷଣା କରାଯାଇ ନାହିଁ। ମାତ୍ର ଆପାତତଃ ଚୂଡ଼ାନ୍ତ ହୋଇସାରିଛି। ଏପରିକି ନିଜକୁ ପ୍ରଭାବଶାଳୀ ଭାବୁଥିବା ବରିଷ୍ଠ ନେତାମାନଙ୍କୁ ମଧ୍ୟ ଅନ୍ଧାରରେ ରଖାଯାଇଛି। ଆଜିର ବୈଠକରେ କିଛି ବରିଷ୍ଠ ସଦସ୍ୟଙ୍କ ଅନୁପସ୍ଥିତି ଚର୍ଚ୍ଚାର ଖୋରାକ ଯୋଗାଇଛି। ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅନଙ୍ଗ ଉଦୟ ସିଂହଦେଓ, ପ୍ରଫୁଲ୍ଲ ମଲ୍ଲିକ, ଭୂପିନ୍ଦର ସିଂହ, ଶଶୀଭୂଷଣ ବେହେରା ପ୍ରମୁଖ ବୈଠକକୁ ଆସି ନଥିଲେ। ଏମାନେ ସମସ୍ତେ ଦଳର ପରିଚାଳନା ନେଇ ନିକଟ ଅତୀତରେ ଅସନ୍ତୋଷ ପ୍ରକାଶ କରିଥିଲେ। ବରିଷ୍ଠମାନେ କରିଥିବା ମେଳିରେ ସାମିଲ ହୋଇଥିଲେ। ତେଣୁ ବରିଷ୍ଠଙ୍କ ଭିତରେ ଫାଟ ସୃଷ୍ଟି କରିବାକୁ ଜାଣିଶୁଣି କିଛି ନେତାଙ୍କୁ ଆଡ଼େଇ ଦିଆଯାଉଥିବା କୁହାଯାଉଛି। ପ୍ରଫୁଲ୍ଲ ମଲ୍ଲିକ ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି, ମୋତେ ବୈଠକକୁ ଡକାଯାଇନି। ମୁଁ ମଧ୍ୟ ଏ ସମ୍ପର୍କରେ ସଭାପତିଙ୍କୁ ଭେଟି କିଛି କହିବି ନାହିଁ। ଯଦି ଦଳ କିଛି ଦାୟିତ୍ୱ ଦେବ ନେବି, ନ ଦେଲେ ବି କହିବାର ନାହିଁ। ଆହୁରି ମଧ୍ୟ ନିର୍ବାଚନ ଅଧିକାରୀ ନିଯୁକ୍ତି ନେଇ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ତିନିଟି ନିର୍ବାଚନରେ ପ୍ରତାପ କେଶରୀ ଦେବ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ଲଗାତାର ଭାବେ କାହିଁକି ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଉଛି ବୋଲି ବହୁ ନେତା ପ୍ରଶ୍ନ କଲେଣି। ନବୀନ ସଭାପତି ଭାବେ ନିର୍ବାଚିତ ହେଲା ପରେ ସଂଗଠନର ବିଭିନ୍ନ ପଦପଦବି ଓ ଛାମୁଆ ସଂଗଠନରେ କାହାକୁ ନିଯୁକ୍ତି ଦେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ସାଂଗଠନିକ ସମ୍ପାଦକ ପଦବି ରହିବ କି ନାହିଁ, ତାହା ବି ସ୍ପଷ୍ଟ ହୋଇ ନାହିଁ। ଦୀର୍ଘ କାଳ ପରେ ପୁଣି ଥରେ ଦଳରେ ରାଜନୈତିକ ବ୍ୟାପାର କମିଟି ଗଠନ ହେବ ବୋଲି କୁହାଯାଉଥିଲେ ବି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଦଳର ସମ୍ପତ୍ତି ପରିଚାଳନା ପାଇଁ ଏକ 'ବୋର୍ଡ ଅଫ୍ ଟ୍ରଷ୍ଟି' ଗଠନର ବ୍ୟବସ୍ଥା ରହିଛି। ସଭାପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ବୋର୍ଡରେ ସାତ ଜଣ ସଦସ୍ୟ ରହିବେ। କିନ୍ତୁ ଏହାକୁ କେବେ ବି ଗଠନ କରାଯାଉ ନଥିଲା। ଏବେ ତାହାକୁ ଗଠନ ନେଇ କିଛି ନେତା ପ୍ରସ୍ତାବ ଦେଇଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

## ଏମଏମଏଲପି ପରିଦର୍ଶନ କଲେ ଭୂଟାନ ରାଜା



ନୂଆଦିଲ୍ଲୀ, ୨୦/୪: ଭୁଟାନର ମହାମହିମ ରାଜା ଆଜି ସକାଳେ ଜୋଗିଘୋପା ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (ଏମଏମଏଲପି) ପରିଦର୍ଶନ କରିଥିଲେ, ଯେଉଁଠାରେ ତାଙ୍କୁ ଏକ ମଡେଲ ପ୍ରଦର୍ଶନ ଏବଂ ଉପସ୍ଥାପନା ମାଧ୍ୟମରେ ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଗସ୍ତ ସମୟରେ ହୋଇଥିବା ପ୍ରସ୍ତୁତିକୁ ମହାମାନ୍ୟ ପ୍ରଶଂସା କରିଥିଲେ। ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ (ଏନ୍‌ଏଚ୍‌ଆଇଡିସିଏଲ୍) ଦ୍ୱାରା ବିକଶିତ ଜୋଗିଘୋପା ଏମ୍‌ଏମ୍‌ଏଲପି ହେଉଛି ଭାରତର ପ୍ରଥମ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ଯାହାର ପ୍ରଥମ ପର୍ଯ୍ୟାୟ ପ୍ରାୟ ପ୍ରସ୍ତୁତ ହୋଇସାରିଛି। ଏହା ମଧ୍ୟ ଉତ୍ତର-ପୂର୍ବ ଭାରତର ପ୍ରଥମ ଏମ୍‌ଏମ୍‌ଏଲପି। ଏହା ପ୍ରାୟ ୩୦୦ ଏକର ଜମିରେ ପରିବ୍ୟାପ୍ତ ଏବଂ ଏହା ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି ତଥା ଘରୋଇ ତଥା ଆନ୍ତର୍ଜାତୀୟ ବାଣିଜ୍ୟକୁ ସମର୍ଥନ ବିଶେଷ କରି ଭୁଟାନ ସହିତ କାରବାର ପାଇଁ ଡିଜାଇନ୍ କରାଯାଇଛି । ଭୁଟାନରୁ ଆମଦାନୀ ଏବଂ ରପ୍ତାନି ପାଇଁ ଆସାମର ପ୍ରବେଶ ଏବଂ ପ୍ରସ୍ଥାନ ପଏଣ୍ଟ ମଧ୍ୟରୁ ଧୁବ୍ରି (ନଦୀ ମାର୍ଗ) ଅନ୍ୟତମ । ଜୋଗିଘୋପା ଆଭ୍ୟନ୍ତରୀଣ ଜଳପଥ ଟର୍ମିନାଲ ଧୁବ୍ରି ଠାରୁ ପ୍ରାୟ ୬୫ କିଲୋମିଟର ଦୂରରେ ଅବସ୍ଥିତ। ଏମଏମଏଲପିରେ ଜୋଗିଘୋପା ରେଳ ଷ୍ଟେସନରୁ ରେଳ ସଂଯୋଗ ରହିଛି ଏବଂ ଏହାର ଏକ ଅଂଶ ଭାବରେ ଏକ ଆଧୁନିକ ଆଭ୍ୟନ୍ତରୀଣ ଜଳ ଟର୍ମିନାଲ୍ ଅନ୍ତର୍ଭୁକ୍ତ । ପ୍ରଥମ ପର୍ଯ୍ୟାୟରେ ପ୍ରଶାସନିକ ଭବନ, ସୀମା ଶୁଳ୍କ କାର୍ଯ୍ୟାଳୟ, ବିଦ୍ୟୁତ ଉପ-କେନ୍ଦ୍ର, ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ ଏବଂ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ ଅନ୍ତର୍ଭୁକ୍ତ। ଏଥିରେ କାର୍ଗୋ ରେଳ ଟର୍ମିନାଲ, କଣ୍ଟେନର ୟାର୍ଡ, ବନ୍ଧିତ କ୍ଷେତ୍ର, ପଣ୍ୟାଗାର, ପକ୍କା ରାସ୍ତା, ପାର୍କିଂ ଏବଂ ଉପଯୋଗିତା ଅନ୍ତର୍ଭୁକ୍ତ କରିବାକୁ ଯୋଜନା କରାଯାଇଛି। ଏହି ପ୍ରକଳ୍ପର ମୋଟ ଆନୁମାନିକ ମୂଲ୍ୟ ହେଉଛି ୬୪୦.୫୭ କୋଟି ଟଙ୍କା। ଆଭ୍ୟନ୍ତରୀଣ ଜଳପଥ ଟର୍ମିନାଲ (ଆଇଡବ୍ଲ୍ୟୁଟି) ଜୋଗିଘୋପା ଏମଏମଏଲପିର ଏକ ଅଂଶ ଭାବେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣର ଆବଶ୍ୟକତା ଅନୁଯାୟୀ ଏନ୍‌ଏଚ୍‌ଆଇଡିସିଏଲ୍ ଦ୍ୱାରା ଆଭ୍ୟନ୍ତରୀଣ ଜଳ ଟର୍ମିନାଲକୁ ବିକଶିତ କରାଯାଇଛି। ଭୁଟାନ ଯିବା ପୂର୍ବରୁ ଭୁଟାନର ରାଜା ମଧ୍ୟ ଆଭ୍ୟନ୍ତରୀଣ ଜଳପଥ ଟର୍ମିନାଲ (ଆଇ. ଡବ୍ଲ୍ୟୁ. ଟି.) ପରିଦର୍ଶନ କରିଥିଲେ।

## ଶିଳ୍ପ ସୁରକ୍ଷା ବାଟାଲିଅନ ଗଠନକୁ ମଞ୍ଜୁରୀ

ଭୁବନେଶ୍ୱର,୨୦/୪: ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ର ଆଉ ଏକ ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ନୂତନ ବାଟାଲିଅନ ପାଇଁ ସମୁଦାୟ ୧୦୪୦ ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଓଆଇଏସଏଫ୍ ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଅଛି। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭। ନୂଆ ବାଟାଲିଅନ ସୃଷ୍ଟି ହେବା ପରେ ଏଥିରେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରିବ। ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ହେବ। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି। ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି।

## ସାଇବର ଠକଙ୍କ ନିଶାଣରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ

ଭୁବନେଶ୍ୱର,୨୦/୪: ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ସାଇବର ଠକଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଡିଜିଟାଲ୍ ଆରେଷ୍ଟ ଭଳି ସଂଗିନ୍ ମାମଲା ସହିତ ଛୋଟଛୋଟ ମାମଲାରେ ସରକାରୀ ଯୋଜନାର ହିତାଧିକାରୀମାନଙ୍କୁ ବି ଟାର୍ଗେଟ୍ କରୁଛନ୍ତି ସାଇବର ଠକ। ଏବେ ସାଇବର ଠକଙ୍କ ନିଶାଣରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ। ହୋଟେଲ୍, ଗେଷ୍ଟହାଉସ୍ ଭଳି ସୁବିଧା ଯୋଗାଇବାକୁ ୱେବ୍‌ସାଇଟ୍ ମାଧ୍ୟମରେ ଲୋଭ ଦେଖାଇ ସାଇବର ଠକମାନେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନଙ୍କୁ ଲୁଟୁଛନ୍ତି। ମାଲମାଲ ନକଲି ୱେବ୍‌ସାଇଟ୍ ଘୂରି ବୁଲୁଛି। ତେଣୁ ଟିକିଏ ସାବଧାନ ନ ହେଲେ, ଫସିବା ନିଶ୍ଚିତ। ଏଭଳି ଠକେଇ ନୂଆ ନ ହେଲେ ହେଁ ଏହା ବଢ଼ିବଢ଼ି ଚାଲିଛି। ତେଣୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏନେଇ ଚିନ୍ତା ପ୍ରକଟ କରିଛି ଏବଂ ସତର୍କ ରହିବାକୁ ପରାମର୍ଶ ଦେଇଛି। ଗୃହ ମନ୍ତ୍ରାଳୟ ଅଧୀନରେ ଥିବା ଇଣ୍ଡିଆନ୍ ସାଇବର କ୍ରାଇମ୍ କୋ-ଅର୍ଡିନେସନ୍ ସେଣ୍ଟର ଏଭଳି ସତର୍କତା ଜାରି କରିଛି। ଓଡ଼ିଶା କ୍ରାଇମବ୍ରାଞ୍ଚରେ ଏଭଳି ବହୁ ମାମଲା ରୁଜୁ ହେଲାଣି। ୪ମାସ ଭିତରେ ୪୮ରୁ ଅଧିକ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୨୦ଟି ମାମଲାରେ ଓଡ଼ିଆ ତୀର୍ଥଯାତ୍ରୀମାନେ ଲକ୍ଷାଧିକ ଟଙ୍କା ହରାଇଛନ୍ତି। ଏକ ଅଭିଯୋଗ ଅନୁସାରେ ଅଶୋକ ସାହୁ ଉତ୍ତର ଭାରତ ଭ୍ରମଣରେ ଯିବାକୁ ବାହାରିଥିଲେ। ତେଣୁ ବିଭିନ୍ନ ତୀର୍ଥ ସ୍ଥାନରେ ହୋଟେଲ୍ ଓ ଟାକ୍ସି ଆଦି ଆଗୁଆ ବୁକ୍ କରିବା ପାଇଁ ସେ ୱେବ୍‌ସାଇଟ୍‌ରେ ପ୍ରତିଷ୍ଠିତ ଟ୍ରାଭେଲ୍ ଏଜେନ୍‌ସି ଖୋଜିଲେ। ବାରାଣସୀରେ ହୋଟେଲ୍ ରହଣି ପାଇଁ ସେ ଏକ ୱେବ୍‌ସାଇଟ୍ ଜରିଆରେ ବୁକ୍ କଲେ। ଦୁଇ ଦିନ ରହଣି ପାଇଁ ତାଙ୍କୁ ୧୦ ହଜାର



ଟଙ୍କା ଦେବାକୁ ପଡ଼ିବ ଏବଂ ଅଗ୍ରିମ ଆକାରରେ ୨ ହଜାର ଟଙ୍କା ଦେବାକୁ ହେବ ବୋଲି କୁହାଗଲା। ସେ ଅନ୍‌ଲାଇନ୍‌ରେ ଟଙ୍କା ପଇଠ କଲେ। କିଛି ସମୟ ପରେ ତାଙ୍କୁ ଉକ୍ତ ସଂସ୍ଥା ପକ୍ଷରୁ ପୁଣି ଫୋନ୍ କରି କୁହାଗଲା କି ହୋଟେଲ ଖର୍ଚ୍ଚର ୫୦ ପ୍ରତିଶତ ପଇଠ ନ କଲେ, ବୁକିଂ ବାତିଲ ହୋଇଯିବ। ତେଣୁ ଅଶୋକ ଅନ୍‌ଲାଇନ୍‌ରେ ଆଉ ୩ ହଜାର ଟଙ୍କା ପଠାଇଦେଲେ। କିନ୍ତୁ ସେ ବାରାଣସୀରେ ପହଞ୍ଚିବା ପରେ ଠକାମିର ଶିକାର ହୋଇଥିବା ଜାଣିଲେ। କର୍ତ୍ତୃପକ୍ଷ ହୋଟେଲର ପ୍ରକୃତ ୱେବ୍‌ସାଇଟ୍ ଦେଖାଇ ଅଶୋକଙ୍କୁ ନିଶ୍ଚିତ କଲେ ଯେ ତାଙ୍କ ନାଁରେ କୌଣସି ରୁମ୍ ବୁକ୍ ହୋଇନାହିଁ। ତେଣୁ ଅଶୋକ ବାଧ୍ୟ ହୋଇ ଅଧିକ ଟଙ୍କା ପଇଠ କରି ହୋଟେଲ୍‌ରେ ରହିଲେ। ତାଙ୍କ ଅଗ୍ରିମ ୫ ହଜାର ତ ଗଲା, ଶେଷରେ ତତ୍କାଳ ହୋଟେଲ୍ ବୁକ୍ କରି ଅଧିକ ଖର୍ଚ୍ଚାନ୍ତ ହେଲେ। କେବଳ ଅଶୋକ ନୁହନ୍ତି ଏମିତି ଅନେକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ସାଇବର ଠକଙ୍କ ଶିକାର ହେଉଛନ୍ତି। କିଏ ହୋଟେଲ୍ ନାଁରେ ତ ଆଉ କିଏ ହେଲିକପ୍ଟର, କ୍ୟାବ୍ ଆଦି ଆଗୁଆ ବୁକ୍ କରିବାକୁ ଯାଇ ଫସୁଛନ୍ତି। ଓଡ଼ିଶାରେ ପୁରୀ, କୋଣାର୍କ ଓ ଭୁବନେଶ୍ୱର ଭଳି ସହରକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏମିତି ନକଲି ୱେବ୍‌ସାଇଟ୍‌ରେ ଯୋଗାଯୋଗ କରି ପରେ ହନ୍ତସନ୍ତ ହେଉଛନ୍ତି। ଅନ୍‌ଲାଇନ୍‌ରେ ବୁକ୍ କରି ତୀର୍ଥସ୍ଥାନ ବା ପର୍ଯ୍ୟଟନସ୍ଥଳରେ ପହଞ୍ଚିବା ବେଳକୁ ନା ହୋଟେଲ୍ ମିଳୁଛି ନା ମିଳୁଛି ଟ୍ରାଭେଲ୍ ଏଜେନ୍‌ସି। ସମଗ୍ର ଦେଶରେ ଏଭଳି ମାମଲା ବଢ଼ୁଥିବାରୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ଚିନ୍ତା ପ୍ରକଟ କରିଛି। ତେଣୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ଅନ୍‌ଲାଇନ୍ ସର୍ଚ୍ଚ କଲା ବେଳେ ୱେବ୍‌ସାଇଟ୍‌ର ବୈଧତା ଯାଞ୍ଚ କରିବାକୁ ପରାମର୍ଶ ଜାରି କରାଯାଇଛି। ପର୍ଯ୍ୟଟନସ୍ଥଳ ଓ ତୀର୍ଥସ୍ଥଳ ଭ୍ରମଣ ପାଇଁ ସରକାରୀ ୱେବ୍‌ସାଇଟ୍ ରହିଛି। ତେଣୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ସରକାରୀ କିମ୍ବା ଅନ୍ୟ ବୈଧ ୱେବ୍‌ସାଇଟ୍‌ରେ ଯୋଗାଯୋଗ କରିବା ଉଚିତ ବୋଲି ପରାମର୍ଶ ଦିଆଯାଇଛି।

## ଅଣ୍ଡା ପ୍ରକ୍ରିୟାକରଣ କାରଖାନା ଉଦଘାଟିତ

ବଲାଙ୍ଗିର,୨୦/୪: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରକାନି ଠାରେ 'ଓଭୋ ଫାର୍ମ୍ ଅଣ୍ଡା ପ୍ରକ୍ରିୟାକରଣ କାରଖାନା'ର ଶୁଭାରମ୍ଭ କରିବା ସହ ପରିଦର୍ଶନ କରିଛନ୍ତି । ଆକାଂକ୍ଷା ଜିଲ୍ଲାରେ ଏହି ପ୍ଲାଣ୍ଟର ସ୍ଥାପନା ଆତ୍ମବିଶ୍ୱାସ ଓ ଦୃଢ଼ କଳ୍ପନାର ପ୍ରତିଫଳନ ତଥା ବଲାଙ୍ଗୀର ସମେତ ରାଜ୍ୟ ପାଇଁ ଏକ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜିର ପଦକ୍ଷେପ ଦ୍ୱାରା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବଲାଙ୍ଗିର ଆଉ ଗୋଟିଏ ପାଦ ଆଗକୁ ବଢ଼ିଲା । ବଡ଼ କାମ କରିବା ପାଇଁ ହେଲେ ବଡ଼ ଭାବିବାକୁ ପଡେ । ବଲାଙ୍ଗିର ଭଳି ଆକାଂକ୍ଷୀ ଜିଲ୍ଲାରେ ଏଭଳି ବିଶ୍ୱମାନର ପ୍ଲାଣ୍ଟର କଳ୍ପନାକୁ ପ୍ରଶଂସା କରି ସେ କହିଛନ୍ତି ବଲାଙ୍ଗୀର ଭଳି ଅଞ୍ଚଳରୁ ସ୍ଥାପନା ହୋଇଥିବା ଏହି ପ୍ଲାଣ୍ଟର ଏକ ଗ୍ଲୋବାଲ ମାର୍କେଟ୍ ଅଛି । ଏଠାରେ ଉତ୍ପାଦିତ ହେଉଥିବା ଏଗ୍ ପାଉଡର ବିଶ୍ୱବଜାରକୁ ଯିବ । ଏହି ପ୍ଲାଣ୍ଟ୍ ଦ୍ୱାରା ସ୍ଥାନୀୟ ଅର୍ଥନୀତିକୁ ବଳ ମିଳିବ । ସ୍ଥାନୀୟ ଯୁବାଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ମିଳିବ । ସବୁଠାରୁ ବଡ଼ କଥା ହେଲା, ବଲାଙ୍ଗୀରର ଆକାଂକ୍ଷୀ ଯୁବବର୍ଗଙ୍କୁ ଏଣ୍ଟ୍ରପ୍ରିନ୍ୟୁଅର ହେବା ପାଇଁ ଏହି ଶିଳ୍ପ ଉତ୍ସାହିତ କରିବ । ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ପାଇଁ ଉଦ୍ୟମ କରିଥିବାରୁ



ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର ଏବଂ ସହଯୋଗୀ ସମରେନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନିଜ ଅଞ୍ଚଳ ପ୍ରତି ଆସକ୍ତି, ମମତା ଥିବା କାରଣରୁ ସେ ଏହି କାରଖାନାକୁ ସାକାର ରୂପ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ସାମ୍ପ୍ରତିକ ସମୟରେ କୃଷି ଉଦ୍ୟୋଗ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଫଳରେ ଉତ୍ପାଦନ ପ୍ରକ୍ରିୟା ସମ୍ପ୍ରସାରଣ ହୋଇପାରୁଛି । ଏହିଭଳି ଭାବରେ ଲୋକାର୍ପିତ 'ଏଗ୍ ପ୍ରୋସେସିଂ ପ୍ଲାଣ୍ଟ' ଏକ ପ୍ରଶଂସନୀୟ ପଦକ୍ଷେପ । ଏହି କାରଖାନାରେ ଉତ୍ପାଦନ ହେଉଥିବା ଅଣ୍ଡା ଓ ବିଭିନ୍ନ ଉତ୍ପାଦର ଗୁଣବତ୍ତା ଉଚ୍ଚମାନର । ବଲାଙ୍ଗିର ଯୁବକମାନେ ବାହାର ରାଜ୍ୟକୁ ରୋଜଗାର ପାଇବା ଆଶାରେ ଯାଉଥିଲେ । ତେବେ ଆଜିର ଏହି ଓଭୋ ଫାର୍ମ ବଲାଙ୍ଗିରରେ ରୋଜଗାର ଏବଂ ବିକାଶର ମୂଳଦୁଆ ପକେଇଲା । ଏହି କାରଖାନା ରାଜ୍ୟର ଯୁବ ଉଦ୍ୟୋଗୀ ତଥା ଭାରତବର୍ଷର ଦୁର୍ଗମ ଅଞ୍ଚଳର ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢାଇବା ସହ ଅନୁପ୍ରାଣିତ କରିବ । ବଲାଙ୍ଗିର ଜିଲ୍ଲାରେ ଶିଳ୍ପ ପାଇଁ ବାତାବରଣ ସୃଷ୍ଟି କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଥିଲେ । ଚଳିତଥର ଫିଫାର ମ୍ୟାଚରେ ଓଭୋ ଫାର୍ମ ଅଣ୍ଡାର ବ୍ୟବହାର ହେବା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଅଚଳ ହେଲାଣି ସଂସ୍କୃତି ବିଭାଗ କାର୍ଯ୍ୟାଳୟ



ଭୁବନେଶ୍ୱର,୨୦/୪: ଭଞ୍ଜକଳାମଣ୍ଡପ ପାଖରେ ଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟାଳୟରେ ଅଜବ ସ୍ଥିତି ଦେଖିବାକୁ ମିଳିଛି। କର୍ମଚାରୀ ଅଭାବରୁ ବିଭିନ୍ନ କାମରେ ଆସୁଥିବା ଶତାଧିକ କଳାକାରଙ୍କ କାମ ହେଉନି। ଏଣେ ଲିଫ୍ଟ ଅଚଳ ହୋଇଯିବାରୁ କଷ୍ଟ ଯନ୍ତ୍ରଣା ଭୋଗି ଘରକୁ ଫେରିବାକୁ ପଡୁଛି। ସଂସ୍କୃତି ବିଭାଗରେ କଳାକାର ତଥା ସାଧାରଣ ଲୋକଙ୍କ ଅଧିକାଂଶ କାମ ଥିବାରୁ ଏହାକୁ ସଚିବାଳୟ ପରିସରରୁ ବାହାରେ ରଖାଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳର କଳାକାରମାନେ ଆର୍ଥିକ ସହାୟତା, ସାଂସ୍କୃତିକ ଦଳ ପରିଚାଳନା ଭଳି କାମ ପାଇଁ ବିଭାଗକୁ ଧାଉଁଛନ୍ତି। ହେଲେ ପ୍ରାୟ ୪ ମାସ ହେବ ବିଭାଗରେ ଏହି ସବୁ କାମକୁ ପରିଚାଳନା କରୁଥିବା ଏଏସ୍‌ଓ ନାହାନ୍ତି। ସଚିବାଳୟରେ ଥିବା ବିଭାଗୀୟ କାର୍ଯ୍ୟାଳୟରୁ ଦୁଇଜଣ ମହିଳାଙ୍କୁ ଅଧା ଦିନ ସଂସ୍କୃତି ଭବନ କାର୍ଯ୍ୟାଳୟରେ କାମ କରିବାକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ କିଛି ଦିନ ପରେ ସେମାନେ ଆଉ ଆସିଲେ ନାହିଁ। ଏବେ ଏହି ସ୍ଥାନ ସମ୍ପୂର୍ଣ୍ଣ ଖାଲି। ଯେଉଁଥିପାଇଁ ବିଭାଗର ସମସ୍ତ ଫାଇଲ ଅଟକି ରହିଛି। ପ୍ରତିଦିନ ଶତାଧିକ ଲୋକ ଆସି ଅଧିଆ ପଡୁଛନ୍ତି। ବିଭାଗରେ ଲୋକ ନଥିବା କହି ଅଧିକାରୀମାନେ ହାତ ଟେକି ଦେଉଛନ୍ତି। ସେହିଭଳି ପ୍ରାୟ ମାସେ ହେବ ଲିଫ୍ଟ ଅଚଳ ହେବାରୁ ବୟସ୍କ ଲୋକମାନେ ଅଧିକ ଅସୁବିଧାରେ ପଡୁଛନ୍ତି। ତିନି ମହଲାରେ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଥିବାରୁ କିଛି ସିଡ଼ିରେ ଚଢ଼ି ଯାଉଛନ୍ତି। ଆଉ କିଛି ଲୋକ ଚଢ଼ି ନପାରି ଫେରି ଯିବାକୁ ବାଧ୍ୟ ହେଉଛନ୍ତି। ଏମିତିକି ବିଭାଗର କିଛି ବୟସ୍କ କର୍ମଚାରୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲ

ଭୁବନେଶ୍ୱର, ୨୦/୪: ଲୋକସେବା ଭବନ ଠାରେ ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ବୈଠକରେ ସ୍ପେନ ଏବଂ ଓଡିଶା ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସ୍ପେନର ରାଷ୍ଟ୍ରଦୂତ କହିଥିଲେ ଯେ, ରିନିୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ । ଆଲୋଚନାରୁ ଜଣା ଯାଇଛି ଯେ, ସ୍ପେନ ସହିତ ଅଧିକ ସହଭାଗୀତା ପାଇଁ ଦୁଇ ଦେଶ ମଧ୍ୟରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ପାଇଲଟ ମୋଡରେ ଚାଲିଛି ସରକାର ସ୍ଥାଣୁ ପାଲଟିଲାଣି ତୃଣମୂଳ ପ୍ରଶାସନ

ଭୁବନେଶ୍ୱର,୨୦/୪: ରାଜ୍ୟରେ ବିଜେପି ସରକାରକୁ ୧୦ ମାସ ପୂରିଲାଣି। ମାତ୍ର ସରକାରଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ଉତ୍ସାହ ପରିଲକ୍ଷିତ ହେଉନାହିଁ। ତୃଣମୂଳ ସ୍ତରରେ ବିକାଶମୂଳକ କାର୍ଯ୍ୟ ବନ୍ଦ ପଡ଼ିବା କିମ୍ବା ଉନ୍ନୟନମୂଳକ କାର୍ଯ୍ୟରେ ଅଗ୍ରଗତି ନହେବା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ରାଜ୍ୟ ସରକାରଙ୍କୁ ଜନତାଙ୍କ କାଠଗଡ଼ାରେ ଛିଡ଼ା କରାଇଛି। ଏପରିସ୍ଥିତିରେ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତାକୁ ଆକଳନ କରି ସାଧାରଣଜନତା 'କିଛି ତ ହେଉନି' ଟ୍ୟାଗ୍ ଲାଇନ୍ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ମନ୍ତ୍ରୀ ଓ ବିଧାୟକ ମାନଙ୍କର ପ୍ରଶାସନରେ ମାତ୍ରାଧିକ ହସ୍ତକ୍ଷେପ ଅମଲାତନ୍ତ୍ରର ମନୋବଳକୁ ଦୋହଲାଇ ଦେଇଛି। ଏପରି ସ୍ଥିତିରେ ରାଜ୍ୟରେ ପ୍ରଶାସନିକ ସ୍ଥାଣୁତାର ଉପୁଜିବାର ଆଶଙ୍କା ଦେଖାଦେଇଛି। ଏପରିକି ରାଜ୍ୟ ସରକାର ଏବେ ଏକ ପ୍ରକାର 'ଅଟୋ ପାଇଲଟ ମୋଡ'ରେ ଚାଲୁଥିବା ନେଇ ବୁଦ୍ଧିଜୀବୀ ମହଲ ମତ ଦେଉଥିବା ବେଳେ ସରକାରଙ୍କ ଦକ୍ଷତା ପରିପ୍ରେକ୍ଷିରେ ଜନତାଙ୍କ 'କିଛି ତ ହେଉନି' ଉପାଖ୍ୟାନକୁ ନେଇ ବରିଷ୍ଠ ସାମ୍ବାଦିକ ରୁବେନ୍ ବାନାର୍ଜୀଙ୍କ ମନ୍ତବ୍ୟ ରାଜନୈତିକ ମହଲରେ ଚର୍ଚ୍ଚାକୁ ରୋଚକ ମୋଡ଼ ଦେଇଛି। ପୂର୍ବରୁ ରାଜ୍ୟରେ ବିଜେପି ଶାସନ ଭାର ସମ୍ଭାଳିବା ପରେ ରୁବେନ୍ ରାଜ୍ୟ ସରକାରଙ୍କ ପ୍ରଶଂସାରେ ଶତମୁଖ ଥିବା ବେଳେ ଏବେ ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ନିକଟରେ ସେ ଓଡ଼ିଶା ଆସିଥିବା ବେଳେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲେ। ଓଡ଼ିଶା କେମିତି ଚାଲିଛି ବୋଲି ପଚାରିଥିଲେ। ୧୦୦ରୁ ୯୦ ଜଣ ରାଜ୍ୟରେ କିଛି ତ ହେଉନି ବୋଲି ମତ ଦେଇଥିବା ନେଇ ନିଜ ୟୁଟ୍ୟୁବ୍? ଚ୍ୟାନେଲରେ ରୁବେନ୍ ପ୍ରକାଶ କରିଛନ୍ତି। ଏପରିକି 'କିଛି ତ ହେଉନି'କୁ ରାଜ୍ୟ ସରକାର 'ଷ୍ଟେଟ୍ ସେଣ୍ଟେନ୍ସ' ବା ଆପ୍ତବାକ୍ୟରେ ପରିଣତ କରିଦେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି। ରୁବେନଙ୍କ ଏହି ପୋଷ୍ଟକୁ ନେଇ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି ଯେ ଇଏ ସେଇ ରୁବେନ ବାବୁ ଯିଏ, ସରକାର ପରିବର୍ତ୍ତନ ହେବା ପରେ ବିଜେପି ଓ ମୋହନ ସରକାରକୁ ପ୍ରଶଂସାରେ ପୋତି ପକାଉଥିଲେ। ଏବେ ସେ ବି ବୁଝିଗଲେଣି ଯେ ରାଜ୍ୟରେ କିଛି ତ ହେଉନି। ସୂଚନାଯୋଗ୍ୟ ଯେ ଗତ ସାଧାରଣ ନିର୍ବାଚନରେ ଏକାଧିକ ଲୋଭନୀୟ ପ୍ରତିଶ୍ରୁତିକୁ ଦେଇ କ୍ଷମତାକୁ ଆସିଥିଲା ବିଜେପି। ଗତ ୧୦ ମାସରେ ମଧ୍ୟରେ କେବଳ ସୁଭଦ୍ରାକୁ ଛାଡ଼ି ସରକାର ସେପରି କୌଣସି ଆଖିଦୃଶିଆ ଯୋଜନାର କାର୍ଯ୍ୟାନ୍ୱୟନ କରିପାରି ନାହାନ୍ତି। ଏପରିକି ଆୟୁଷ୍ମାନ, ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଦିଆଯିବାକୁ ଥିବା ନୂଆ ରାସନ୍ କାର୍ଡକୁ ନେଇ ମଧ୍ୟ ସାଧାରଣରେ ଦ୍ୱନ୍ଦ୍ୱ ଉପୁଜିଛି। ଏଥିସହ ସାଧାରଣରେ ଏକ ସ୍ୱଷ୍ଟ ଚିତ୍ର ରଖିବାରେ ସରକାର ଅସମର୍ଥ ହୋଇଛନ୍ତି। ଅପରପକ୍ଷେ ଗତ ୬ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ୨ ଥର ବଦଳିଥିବା ବେଳେ ଗତ ଶୁକ୍ରବାର ଗୋଟିଏ ଦିନରେ ଦୁଇ ବରିଷ୍ଠ ଆଇଏଏସ ନିକୁଞ୍ଜ ବିହାରୀ ଧଳ, ବୀର ବିକ୍ରମ ଯାଦବ କେନ୍ଦ୍ରୀୟ ଡେପୁଟେସନରେ ଯିବାକୁ ସ୍ଥିରୀକୃତ ହୋଇଛି। ରାଜ୍ୟରେ ବର୍ତ୍ତମାନ ୬୭ ଆଇଏଏସ, ୬୯ ଆଇପିଏସ ପଦବୀ ଖାଲି ରହିଛି। ଜଣେ ଜଣେ ଆଇଏଏସ ଏକାଧିକ ବିଭାଗ ବୁଝୁଛନ୍ତି। ଅଫିସର ସଙ୍କଟକୁ ନେଇ ରାଜ୍ୟ ସରକାର ସନ୍ତୁଳି ହେଉଥିବା ବେଳେ ରାଜ୍ୟର ଅଫିସରମାନେ କେନ୍ଦ୍ରକୁ ଏପରି ଢଙ୍ଗରେ ଚାଲିଯିବା ରାଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପ୍ରଶାସନିକ ମହଲରେ ମତ ପ୍ରକାଶ ପାଇଛି। କେବଳ ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ତରରେ ନୁହେଁ, ବରଂ ରାଜ୍ୟବ୍ୟାପୀ ତୃଣମୂଳ ସ୍ତର ଯାଏଁ ପ୍ରଶାସନିକ ସ୍ଥାଣୁତା ଭାଇରସ୍ ପରି ମାଡିଗଲାଣି। ଅନ୍ୟପକ୍ଷରେ ମାଗଣା ବିଜୁଳି, ସରକାର ଗଢ଼ିବାର ୨୪ ଘଣ୍ଟା ମଧ୍ୟରେ ଚିଟ୍ ?ଫଣ୍ଡ ଟଙ୍କା ଫେରସ୍ତ ପରି ପ୍ରତିଶ୍ରୁତି ଧୂଆଁବାଣ ସାଜିଥିବା ବେଳେ ଅନ୍ୟ କେତେକ ପ୍ରତିଶ୍ରୁତିକୁ ଯେନତେନ ଉପାୟରେ ପୂରଣ କରିବାକୁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଏନେଇ କଂଗ୍ରେସ ମୁଖପାତ୍ର ଡ. ମନୀଷା ଦାସ ମହାପାତ୍ର ସାମାଜିକ ଗଣମାଧ୍ୟମରେ ମତପ୍ରକାଶ କରି କହିଛନ୍ତି ଯେ ଏଇ ସରକାରକୁ ୧୦ ମାସ ପୂରିଲାଣି; ମାତ୍ର ଏମାନେ କେବଳ ଫିତା କାଟିବା, ରଙ୍ଗ ଲିଭେଇବା ଛଡ଼ା ଅନ୍ୟ କିଛି କରି ନାହାନ୍ତି। ଓଡ଼ିଶାରେ କିଛି ତ ହେଉନି। ସେହିପରି ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ ମିଶ୍ରଙ୍କଠାରୁ ଆରମ୍ଭ କରି ଏକାଧିକ ବୁଦ୍ଧିଜୀବୀ ମଧ୍ୟ ରାଜ୍ୟ ସରକାରଙ୍କ ଚାଲିଚଳଣୀକୁ ସାମାଜିକ ଗଣମାଧ୍ୟମରେ ବେଶ୍ ସମାଲୋଚନା କରୁଛନ୍ତି। ମାତ୍ର ୧୦ ମାସର ଅବଧି ମଧ୍ୟରେ ସରକାରଙ୍କ ବିରୋଧରେ ଏପରି ଜନମତକୁ ନେଇ ମୋହନ ସରକାର ସତର୍କ ଏବଂ ସଚେତନ ହେବା ଆବଶ୍ୟକ। ନହେଲେ ଏହା ସରକାରଙ୍କ ପାଇଁ ବୁମେରାଂ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## କିନ୍ନର ବେଶରେ ପିଲା ଚୋରି ଧରାପଡିଲେ ଦୁଇ ଅଭିଯୁକ୍ତ



ଯାଜପୁର,୨୦/୪: କିନ୍ନର ବେଶରେ ଠାକୁରମୁଣ୍ଡାରୁ ଶିଶୁକନ୍ୟା ଚୋରି ଘଟଣା। ପୁଲିସ୍ ଯାଜପୁର ରୋଡ୍ ଥାନା କାଚହୁଡି ସାହିରୁ ଶିଶୁ କନ୍ୟାଟିକୁ ଉଦ୍ଧାର କରିଥିବା ସୂଚନା ମିଳିଛି। ଚୋରି କରିଥିବା କିନ୍ନରକୁ ପିଲା ସହ ଅନ୍ୟ କିନ୍ନରମାନେ ଧରିଥିବାବେଳେ ଚୋର ଦୁଇ ଜଣ କିନ୍ନର ହୋଇନଥିବା ଜଣାପଡିଛି। ଗତ ୧୭ ତାରିଖରେ ଶିଶୁ କନ୍ୟାଟି ମା ବାସୁଳେଇ ଯାତ୍ରା ବୁଲିବାକୁ ଆସିଥିବାବେଳେ ଠାକୁରମୁଣ୍ଡାରୁ ଯୁବକ ଜଣକ ଚୋରି କରିନେଇଥିଲା। ଉଭୟ ଶାଢୀ ପିନ୍ଧି ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଏବଂ ବିଭିନ୍ନ ଉଭୟ ବିଭିନ୍ନ ଅପରାଧୀକ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି। ଯାଜପୁର ପୁଲିସ୍ ଦୁଇ ଜଣଙ୍କୁ ଅଟକ ରଖି ଅଧିକ ଛାନଭିନ୍ ଜାରି ରଖିଛି।

## ମା' ତାରିଣୀଙ୍କ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ



ଘଟଗାଁ,୨୦/୪: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ତଥା ଆରବିଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଘଟଗାଁ ଆସି ମା'ତାରିଣୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ତାଙ୍କ ସହିତ ପତ୍ନୀ ଲୋପାମୁଦ୍ରା ଦାସ ଉପସ୍ଥିତ ଥିଲେ। ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ ପୂଜାର୍ଚ୍ଚନା କରିବା ସହ ଆଳତି ଅର୍ପଣ କରିଥିଲେ। ପୂଜା ସାରିବା ପରେ ଶ୍ରୀ ଦାସ ମନ୍ଦିର ବେଢ଼ା ବୁଲି ଦେଖିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ କହିଥିଲେ, ମୁଁ ଓ ମୋର ପତ୍ନୀ ତାରିଣୀଙ୍କ ବଡ଼ ଭକ୍ତ। ବହୁବର୍ଷ ପୂର୍ବରୁ ମୁଁ ତାରିଣୀ ଦର୍ଶନ କରିଥିଲି। ଆଜି ଘଟଗାଁର ପରିବେଶ ସମ୍ପୂର୍ଣ୍ଣ ବଦଳିଯାଇଛି ବୋଲି ଶ୍ରୀ ଦାସ କହିଥିଲେ। ପରେ ସେ ଡାକବଙ୍ଗଳାକୁ ଯାଇ ସ୍ୱଳ୍ପ ସମୟ ପାଇଁ ରହିଥିଲେ। ମା' ତାରିଣୀ ମନ୍ଦିର ପରିଚାଳନା ବୋର୍ଡର ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ଜଗବନ୍ଧୁ ସା, ମକରଧ୍ୱଜ ବେହେରା ପ୍ରମୁଖ ତାଙ୍କୁ ସାକ୍ଷାତ କରିଥିଲେ। ବୀଣାଝରି ଗ୍ରାମର ଧାନମୂର୍ତ୍ତି କାରିଗର କୁମୁଦିନୀ ଦାସ ଧାନରେ ପ୍ରସ୍ତୁତ ମା' ତାରିଣୀଙ୍କ ମୂର୍ତ୍ତି ତାଙ୍କୁ ଉପହାର ଦେଇଥିଲେ। ଏହି ଅବସରରେ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସାରଦା ପ୍ରସନ୍ନ ମହାନ୍ତି, କେନ୍ଦ୍ରାଞ୍ଚଳ ଆରଡିସି ପରମେଶ୍ୱରନ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଏଡିଏମ୍ ରବୀନ୍ଦ୍ର କୁମାର ସାହୁ, ତହସିଲଦାର ଭବାନୀ ପ୍ରଧାନ, ବିଡିଓ ଖଗେଶ୍ୱର ବରାଳ, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ନେଉଛି ପ୍ରାଣ: ଦିନକୁ ହାରାହାରି ୧୭ ୩ବର୍ଷରେ ୩୬ହଜାର ଦୁର୍ଘଟଣା

ଭୁବନେଶ୍ୱର,୨୦/୪: ଓଡ଼ିଶାର ସଡ଼କ ପଥକୁ ଆମେରିକାର ଅତ୍ୟାଧୁନିକ ରାସ୍ତା ଭଳି ଚିକ୍ ଚିକ୍ କରିବାକୁ ସ୍ୱପ୍ନ ଦେଖାଇଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ। ଓଡ଼ିଶାର ସଡ଼କ ପଥର ବିକାଶକୁ ନେଇ ଶ୍ରୀ ଗଡ଼କରୀ ବେଶ୍ ଉତ୍ସାହଜନକ ରୋଡ୍ ମ୍ୟାପ୍ ପ୍ରଦାନ କରିଛନ୍ତି। ହେଲେ ଓଡ଼ିଶାର ସଡ଼କ ପଥର ସ୍ଥିତି କେତେ ଗମ୍ଭୀର, କେତେ ଶୋଚନୀୟ ଗତ ୩ବର୍ଷର ସଡ଼କ ଦୁର୍ଘଟଣାର ପରିସଂଖ୍ୟାନରୁ ସ୍ପଷ୍ଟ। ସବୁ ମୁଖ୍ୟ ସଡ଼କ ପଥ ମରଣଯନ୍ତା ପାଲଟିଛି। ପ୍ରତି ବର୍ଷ ସଡ଼କ ଦୁର୍ଘଟଣା ବଢୁଥିବା ବେଳେ ମୃତ୍ୟୁ ସଂଖ୍ୟା ଚିନ୍ତାଜନକ ହେଲାଣି। ଗତ ୩ ବର୍ଷରେ ରାଜ୍ୟରେ ମୋଟ ୩୬, ୦୩୦ଟି ସଡ଼କ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କର ଅକାଳମୃତ୍ୟୁ ହୋଇଛି। ୩୧,୪୪୧ ଜଣ ଆହତ ହୋଇଛନ୍ତି। ସଡ଼କ ଦୁର୍ଘଟଣାରେ ହଜାର ହଜାର ପରିବାର ଉଜୁଡ଼ିଯାଉଛି। ଗୋଟିଏ ଧାଡ଼ିରେ କହିଲେ, ଦୈନିକ ୧୭ଜଣଙ୍କର ମୃତ୍ୟୁ ସଡ଼କ ପଥରେ ହିଁ ଘଟୁଛି। ସରକାରଙ୍କ ତଥ୍ୟ ଅନୁସାରେ, ୨୦୨୨ ମସିହାରେ ୧୧,୬୬୩ଟି ସଡ଼କ ଦୁର୍ଘଟଣାରେ ୫,୪୬୭ ଜଣଙ୍କର ଅକାଳମୃତ୍ୟୁ ହୋଇଥିଲା। ସେବର୍ଷ ୧୦,୩୦୨ ଜଣ ଆହତ ହୋଇଛନ୍ତି। ୨୦୨୩ ମସିହାରେ ୧୧,୯୯୨ଟି ଦୁର୍ଘଟଣାରେ ୫,୭୩୯ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୦,୩୬୯ ଜଣ ଆହତ ହୋଇଛନ୍ତି। ସେହିପରି ଗତବର୍ଷ ୨୦୨୪ ମସିହାରେ ୧୨,୩୭୫ଟି ଦୁର୍ଘଟଣାରେ ୬,୧୪୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦,୭୭୦ ଜଣ ଆହତ ହୋଇଛନ୍ତି। ପ୍ରତି ବର୍ଷ ସଡ଼କ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ସହିତ ଆହତ ଓ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ଅଥଚ ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସଭାସମିତି, ପ୍ରଚାର ପ୍ରସାରରେ କୋଟିକୋଟି ଟଙ୍କା ବ୍ୟୟ ହେଉଛି। ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପ୍ରହସନରେ ପରିଣତ ହୋଇଛି। ରାଜ୍ୟର ସଡ଼କ ଦୁର୍ଘଟଣା ପରିସଂଖ୍ୟାନ ଅନୁଯାୟୀ, ଜିଲ୍ଲାଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ୩ ବର୍ଷରେ ସର୍ବାଧିକ ଦୁର୍ଘଟଣା ଘଟିଛି। ୨୦୨୨ ମସିହାରେ ୧୦୦୧ଟି, ୨୦୨୩ରେ ୧୧୬୩ଟି ଓ ୨୦୨୪ ମସିହାରେ ୧୧୮୯ଟି ସଡ଼କ ଦୁର୍ଘଟଣା ହୋଇଛି। ସେଥିମଧ୍ୟରୁ ୨୦୨୨ ମସିହାରେ ୭୫୨ ଜଣ, ୨୦୨୩ରେ ୯୭୭ ଜଣ ଓ ୨୦୨୪ରେ ୧୦୩୧ ଜଣ ଆହତ ହୋଇଛନ୍ତି। ସେହିପରି ମୃତ୍ୟୁସଂଖ୍ୟା ଦୃଷ୍ଟିରୁ ୨୦୨୨ ମସିହାରେ ଗଞ୍ଜାମ ଜିଲ୍ଲାରେ ୪୧୪ ଜଣ, ସୁନ୍ଦରଗଡ଼ ଜିଲ୍ଲାରେ ୨୦୨୩ ମସିହାରେ ୪୪୯ ଜଣ ଓ ୨୦୨୪ ମସିହାରେ ସର୍ବାଧିକ ୫୨୨ ଜଣଙ୍କର ପ୍ରାଣ ଯାଇଛି। ରାଜ୍ୟରେ ଅବ୍ୟବସ୍ଥିତ ଟ୍ରାଫିକ୍ ବ୍ୟବସ୍ଥା ଓ ସଡ଼କ ସୁରକ୍ଷା ନିୟମ ପାଳନରେ ବିଫଳ ପାଇଁ ସଡ଼କ ଦୁର୍ଘଟଣା ଅଣାୟତ୍ତ ହୋଇଥିବା ଗୋଟିଏ ପକ୍ଷ କହୁଛନ୍ତି। ଅନ୍ୟପକ୍ଷ କିନ୍ତୁ ମତ ରଖୁଛନ୍ତି ଯେ ଦୁର୍ଘଟଣା ବୃଦ୍ଧିର ଅନେକ କାରଣ ମଧ୍ୟରୁ ସଡ଼କ ନିର୍ମାଣ ବି ଗୋଟିଏ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଥିବା ଆରଟିଓ ଓ ଟ୍ରାଫିକ୍ ଥାନା ଗୁଡିକର ସଡ଼କ ସୁରକ୍ଷା ପାଇଁ ସେପରି ଧ୍ୟାନ ନାହିଁ। ବେପରୁଆ ଗାଡ଼ି ଚାଳନା, ଅନ୍‌ଫିଟ୍ ଗାଡ଼ି, ବିନା ଲାଇସେନ୍ସରେ ଅଳ୍ପ ବୟସ୍କ ଛାତ୍ରଛାତ୍ରୀଙ୍କ ଗାଡ଼ି ଚାଳନା, ବେଆଇନ ପାର୍କିଂ ପାଇଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହାବ୍ୟତୀତ ମଦ୍ୟ ପାନ କରି ଗାଡ଼ି ଚାଳନା ଓ ରାସ୍ତା ପାର୍ଶ୍ୱରେ ବେଆଇନ ମଦ ବିକ୍ରି ସଡ଼କ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ଜାତୀୟ ରାଜପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରି ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସଡ଼କ ସୁରକ୍ଷା ଆଇନକୁ କଡ଼ାକଡ଼ି ପାଳନ ଓ ଟ୍ରାଫିକ ବ୍ୟବସ୍ଥାକୁ ସୁଧାର କରାଗଲେ ଦୁର୍ଘଟଣା ହ୍ରାସ ପାଇପାରିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ବିଞ୍ଝାରପୁର ଅନର କିଲିଂ: ବାପାମା'ଙ୍କୁ ଆଜୀବନ ସଜା, ଗର୍ଭବତୀ ନାବାଳିକା ଝିଅକୁ ମାରି ପୋଡ଼ିଥିଲେ

ଯାଜପୁରଟାଉନ/ସଦର,୨୦/୪: ବିଞ୍ଝାରପୁରର ଏକ ଅନର କିଲିଂ ମାମଲାର ବିଚାର କରି ଯାଜପୁର ପୋକ୍‌ସୋ କୋର୍ଟ ନାବାଳିକା ଗର୍ଭବତୀ ଝିଅକୁ ହତ୍ୟା କରିଥିବା ବାପା ମା'ଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁସାରେ, ୨୦୧୬ ଫେବ୍ରୁଆରି ୧୪ ତାରିଖ ରାତିରେ ବିଞ୍ଝାରପୁର ଥାନା ଅଞ୍ଚଳର ନକୁଳ ଜେନା ଓ ସଞ୍ଜୁ ଜେନା ତାଙ୍କ ଝିଅକୁ ପ୍ରବଳ ମାଡ଼ ମାରିଥିଲେ। ଏହି ସମୟରେ ତାଙ୍କ ଘର ବାଟ ଦେଇ ଯାଉଥିବା ସେହି ଗାଁର ଜଣେ ମହିଳା ମାତାଜୀ ଜେନା ଝିଅର ଚିତ୍କାର ଶୁଣିବାକୁ ପାଇଥିଲେ। କିଛି ସମୟ ପରେ ସେ ଫେରିବା ବେଳେ ଆଉ କିଛି ସୋରଶବ୍ଦ ନଥିଲା। ପରେ ଏହି ଦମ୍ପତି ନିଜ ଝିଅକୁ ଘର ପଛପଟେ ପୋଡ଼ି ଦେଇ ପାଉଁଶକୁ ନିକଟସ୍ଥ ଖରସ୍ରୋତା ନଦୀରେ ଭସାଇ ଦେଇଥିଲେ। ଘଟଣାକୁ ନେଇ ସନ୍ଦେହ ହେବାରୁ ମାତାଜୀ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ (ନଂ ୩୬/୨୦୧୬)ରେ ଏକ ମାମଲା ରୁଜୁ କରି ତନାଘନା କରିଥିଲା। ନାବାଳିକା ଝିଅ ୩ ମାସର ଗର୍ଭବତୀ ଥିବାରୁ ପରିବାର ଲୋକ ହତ୍ୟାକାଣ୍ଡ ଘଟାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟା ଅପରାଧରେ ଅଭିଯୁକ୍ତ ବାପାମା'ଙ୍କୁ କୋର୍ଟଚାଲାଣ କରିଥିଲା ପୁଲିସ। ଏହି ମାମଲାରେ ୩୦ ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଅଧାର କରି ଯାଜପୁର ଫାଷ୍ଟଟ୍ରାକ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ବିଜୟ ଜେନା ଉଭୟ ବାପାମା'ଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ୬ ମାସ ଅଧିକ ଜେଲଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରିଥିଲେ। ତେବେ ଏହି ଘଟଣାରେ ନାବାଳିକାଙ୍କୁ ଗର୍ଭବତୀ କରିଥିବା ଅଭିଯୁକ୍ତ ଆଜି ପର୍ଯ୍ୟନ୍ତ ଚିହ୍ନଟ ହୋଇ ପାରିନାହିଁ।

## ପୁରୀ ସାହିତ୍ୟ ମହୋତ୍ସବ; ନିସଙ୍ଗତାରେ ସାହିତ୍ୟ ଥାଏ, ଭିଡ଼ରେ ନୁହେଁ: ଗୌରହରି




ପୁରୀ,୨୦/୪: ନିସଙ୍ଗତାରେ ସାହିତ୍ୟ ଥାଏ, ଭିଡ଼ରେ ନୁହେଁ। ବିଶ୍ୱସନୀୟତା ନ ରହିଲେ ସାହିତ୍ୟ ଆଦୃତ ହେବନି। ବିଜ୍ଞାନ ଅଜଣା କଥାକୁ ସିଧା ଜଣାଇଥାଏ। ସାହିତ୍ୟ ଜଣା କଥାକୁ ବୁଲେଇ ବଙ୍କେଇ ଉପସ୍ଥାପନ କରିଥାଏ ଯାହା ପାଠକକୁ ବାନ୍ଧି ରଖେ। ପରିବର୍ତ୍ତନ ସହ ଆମକୁ ବଦଳିବାକୁ ହେବ, ଆମ ଲେଖା ବଦଳିବ। ହେଲେ ମୌଳିକତା ବଜାୟ ରଖିବାକୁ ହେବ। ପୁରୀ ସାହିତ୍ୟ ମହୋତ୍ସବ-୨୦୨୫ର ଦ୍ୱିତୀୟ ଦିନର ଏକ 'ଏକବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ' ଶୀର୍ଷକ ପ୍ରସଙ୍ଗ ଆଲୋଚନାରେ ବିଶିଷ୍ଟ କଥାକାର ଡ. ଗୌରହରି ଦାସ ବିଜ୍ଞାନ ଓ ସାହିତ୍ୟ ମଧ୍ୟରେ ପାର୍ଥକ୍ୟକୁ ଅତି ସହଜରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ ଆଜିର ସାହିତ୍ୟକୁ କୃତ୍ରିମ ମେଧା ଓ ସଂଚାର ପ୍ରଭାବିତ କରିଥିବା କହିଥିଲେ। ସଂପାଦିକା ଡ. ଇତିରାଣୀ ସାମନ୍ତ, କବି ରକ୍ଷକ ନାୟକ, ଯୁବ ଗାଳ୍ପିକ ଦେବବ୍ରତ ଦାସ, ପେନ୍‌ଇନ୍ ବୁକ୍‌ସ୍‌ର ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ସମ୍ପୃକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନର ପ୍ରଥମ ସତ୍ରରେ ହିନ୍ଦୋଳ ସେନଗୁପ୍ତା, ମଧୁପର୍ଣ୍ଣା ଦାସ ଓ ଅଭିଜିତ ମଜୁମଦାର 'ବର୍ତ୍ତମାନ ସମୟରେ ଲେଖକଙ୍କର ଅବଦାନ' ବିଷୟରେ ଚର୍ଚ୍ଚା କରିଥିଲେ। ଜଣେ ଲେଖକ ନିର୍ଭୟରେ ତା'ର ଲେଖନୀ ଚଳାଇଥାଏ, କିନ୍ତୁ ଅପ୍ରାସଙ୍ଗିକ ଭାବେ ଲେଖିବା କେତେ ଗ୍ରହଣୀୟ, ତାହା ଉପରେ ପ୍ରଶ୍ନ ଉଠାଇଥିଲେ। ଦ୍ୱିତୀୟ ଅଧିବେଶନରେ ଦୀପ୍ ହଳଧର, ନନ୍ଦିନୀ ସେନଗୁପ୍ତା, ତୁହିତ ସିହ୍ନା, ଉତ୍ପଳ କୁମାର, ମୌପିଆ ବାସୁ ପ୍ରମୁଖ 'ପରିବର୍ତ୍ତନର ସ୍ୱର: ସାମାଜିକ ସମାଲୋଚକ ଏବଂ ସକ୍ରୀୟକର୍ମୀ ଭାବେ ଲେଖକଙ୍କ ଭୂମିକା' ଉପରେ ଚର୍ଚ୍ଚା କରିଥିଲେ। ତୃତୀୟ ଅଧିବେଶନରେ ରାଘବ କୃଷ୍ଣ, ରାଜୀବ ବାସୁଦେବନ, ଅଜିତ ପଦ୍ମନାଭ ପ୍ରମୁଖ 'ନବୋତ୍ପାଦ ଏବଂ ନବ ଆକାଂକ୍ଷା: ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବ' ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ରୋଜାଲିନ୍ ପାଟ୍ଟସାଣୀ ଓ ପ୍ରିୟଦର୍ଶୀ ମିଶ୍ର ବକ୍ତାମାନଙ୍କୁ ପଟ୍ଟଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ '୨୦୩୬ରେ ଓଡ଼ିଶା: ପୂର୍ବୋଦୟର ଓଡ଼ିଶା ଏବଂ ଓଡ଼ିଆଙ୍କ ଭୂମିକା' ବିଷୟରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କଟକ ବାରବାଟି ବିଧାୟିକା ସୋଫିଆ ଫିରଦୌସ୍, ପୂର୍ବତନ ପ୍ରାଶାସନିକ ଅଧିକାରୀ ଜିତେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଆଲୋଚକ ଭାବେ ଉପସ୍ଥିତ ଥିଲେ। ଅମିତ୍ କୁମାର ସିଂହ ଓ ସୋମ୍ ପରିଡ଼ା ପରିଚାଳନା କରିଥିଲେ। ଶେଷ ଅଧିବେଶନରେ 'ମ୍ୟୁଜ୍ ନା ମେସିନ୍ ଡିଜିଟାଲ୍ ଯୁଗରେ କଳାରେ ଆତ୍ମାର ଅନୁସନ୍ଧାନ' ଉପରେ ରବି ଶଙ୍କର ଏଟେଥ୍, ସାଇସ୍ୱରୂପା ଲିୟର, ନମିତ ସକ୍ସେନା ପ୍ରମୁଖ ଏଆଇ ଉପରେ ଆଲୋଚନା କରିଥିଲେ। ପୁରୀ ସାହିତ୍ୟ ମହୋତ୍ସବର ସଦସ୍ୟ ରାକେଶ ବାରିକ, ବାସୁଦେବ ସନତ, ମହେନ୍ଦ୍ର ସିଂ, ପୂର୍ଣ୍ଣିମା ମହାନ୍ତି କଳ୍ପତରୁ ଦାସ, ହିମା ଠାକୁର ଏବଂ ଆଦ୍ୟାଶା ପ୍ରମୁଖ ଅତିଥିଙ୍କୁ ସମ୍ମାନିତ କରିଥିଲେ। ପ୍ରଧାନମନ୍ତ୍ରୀ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ସଂକଳନରେ 'ଆଧୁନିକ ଓଡ଼ିଆ ଗଳ୍ପ' ଓ 'ଆଧୁନିକ ଓଡ଼ିଆ କବିତା' ଉନ୍ମୋଚିତ ହୋଇଥିଲା। ଆସନ୍ତାକାଲି ଏହାର ଉଦ୍‌ଯାପନୀ ରହିଛି।

## ଉଦ୍ୟାନ କୃଷି ବିଭାଗ ଥାଇ କି ଲାଭ ? ମିଳୁନି ଚାଷୀଙ୍କୁ ପରାମର୍ଶ, ୧୦୨ କର୍ମଚାରୀଙ୍କ ସ୍ଥାନରେ ଅଛନ୍ତି ୪୨




ଅନୁଗୁଳ,୨୦/୪: ଅନୁଗୁଳ ଜିଲ୍ଲାରେ ଫଳ, ପନିପରିବା, ଫୁଲ ଚାଷ ପାଇଁ ଉପଯୁକ୍ତ ପରିବେଶ ସାଙ୍ଗକୁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ଚାଷୀମାନଙ୍କୁ ସହାୟତା ଲାଗି ଏଠାରେ ଉଦ୍ୟାନ କୃଷି ବିଭାଗ ମଧ୍ୟ ରହିଛି। ହେଲେ ଏହି ବିଭାଗରେ ଆବଶ୍ୟକ କର୍ମଚାରୀ ନଥିବାରୁ ଠିକଣା ସମୟରେ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ମିଳିପାରୁନି। ଏହାକୁ ଖୋଦ୍ ବିଭାଗର ଅଧିକାରୀମାନେ ମଧ୍ୟ ସ୍ୱୀକାର କରୁଛନ୍ତି। ସୂଚନା ମୁତାବକ, ଉଦ୍ୟାନ ବିଭାଗ ପକ୍ଷରୁ ଜଳବାୟୁ ଉପଯୋଗୀ ସ୍ୱତନ୍ତ୍ର ଫଳ ବଗିଚା, ଫୁଲ ମିସନ୍, ଛତୁ ମିସନ୍, ଖରିଫ ଓ ରବି କାର୍ଯ୍ୟକ୍ରମ, ଉଦ୍ୟାନ କୃଷି ମିସନ୍ ଯୋଜନା ଇତ୍ୟାଦି କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ମାଧ୍ୟମରେ ଚାଷୀମାନେ ଆର୍ଥିକ ସହାୟତା ପାଇ ବିଭିନ୍ନ ପ୍ରକାରର ଫୁଲ, ଫଳ ଚାଷ କରି ସ୍ୱାବଲମ୍ବୀ ହେବାର ସବୁପ୍ରକାର ବ୍ୟବସ୍ଥା ରହିଛି। ବିଭାଗୀୟ ଅଧିକାରୀମାନେ ଆଗ୍ରହୀ ଚାଷୀଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ନିକଟରେ ସବୁ ଯୋଜନା କିପରି ପହଞ୍ଚି ପାରିବ ସେ ନେଇ ସହଯୋଗ ଯୋଗାଇ ଦିଅନ୍ତି। ବିଶେଷ କରି ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେଇ ଅମଳ ବୃଦ୍ଧିରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା, କିଶୋରନଗର, ଆଠମଲ୍ଲିକ, ଅନୁଗୁଳ ସଦର ବ୍ଲକ୍, ପାଲଲହଡ଼ା ଆଦି ଅଞ୍ଚଳର ମାଟି ଚାଷ ପାଇଁ ବେଶ୍ ଉପଯୋଗୀ। ଏହିସବୁ ଅଞ୍ଚଳରେ ଆଳୁ, ପିଆଜ, ରସୁଣ, ଲଙ୍କା, ଧନିଆ ସହିତ ବିଭିନ୍ନ ପନିପରିବା ଚାଷ ହେଉଛି। ସେହିପରି ଗେଣ୍ଡୁ ଫୁଲ, ମହୁ, କଦଳୀ ମଧ୍ୟ ବିଭିନ୍ନ ସ୍ଥାନରେ ଚାଷ ହେଉଥିବାର ଦେଖାଯାଇଛି। କିନ୍ତୁ ଚାଷୀମାନଙ୍କ ପାଖରେ ଉଦ୍ୟାନ କୃଷି ବିଭାଗ ପହଞ୍ଚି ପାରୁନାହିଁ। ଆବଶ୍ୟକ ସମୟରେ ଚାଷୀ ଉପଯୁକ୍ତ ପରାମର୍ଶ ପାଇପାରୁ ନଥିବା ଅଭିଯୋଗ ହେଉଛି। ଉଲ୍ଲେଖନୀୟ ଯେ ଅନୁଗୁଳ ଉଦ୍ୟାନ କୃଷି ବିଭାଗରେ କର୍ମଚାରୀଙ୍କ ଅଭାବ ରହିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଉଦ୍ୟାନ କୃଷି ବିଭାଗରେ ୧୦୨ ଜଣ କର୍ମଚାରୀ ରହିବା ସ୍ଥାନରେ ଏବେ ମାତ୍ର ୪୨ ଜଣ କର୍ମଚାରୀ ରହିଛନ୍ତି। ପୁଣି ସେମାନଙ୍କ ମଧ୍ୟରୁ ଚଳିତ ବର୍ଷ କେତେକ କର୍ମଚାରୀ ଅବସର ନେବାକୁ ଯାଉଛନ୍ତି। ଫଳରେ ଆଗକୁ କର୍ମଚାରୀ ସଂଖ୍ୟା ଆହୁରି କମିବ। ସେହିପରି ମାଳି, ଆଟେଣ୍ଡାଣ୍ଟ, ଡ୍ରାଇଭର, ପିଅନ ଭଳି ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନାହାନ୍ତି। ଅଧାରୁ ଅଧିକ କର୍ମଚାରୀ ନ ଥିବାରୁ ବିଭିନ୍ନ ସମୟରେ ଚାଷୀମାନଙ୍କୁ ତାଲିମ୍ ଓ ପରାମର୍ଶ ମିଳୁ ନଥିବା ବିଭାଗୀୟ ଅଧିକାରୀ ମନୋରଞ୍ଜନ ପଣ୍ଡା ସ୍ୱୀକାର କରିଛନ୍ତି। ସେପଟେ ଚାଷ ଓ ଚାଷୀଙ୍କ ପାଇଁ କାମ କରୁଥିବା ଏହି ବିଭାଗରେ କର୍ମଚାରୀ ଅଭାବ ପାଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ସମୟରେ ପରାମର୍ଶ ମିଳୁ ନଥିବାରୁ ଏହାର ପ୍ରଭାବ ଚାଷୀଙ୍କ ଉପରେ ପଡୁଛି। ଅନ୍ୟପକ୍ଷରେ ଜିଲ୍ଲାରେ ବିଭିନ୍ନ କୃଷିଜାତ ଦ୍ରବ୍ୟର ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଆ ନଗଲେ ଜିଲ୍ଲାରେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବା ଲୋକମାନେ କୃଷିରୁ ବିମୁଖ ହୋଇପାରନ୍ତି।

## ଆଦିବାସୀ ପରିବାରକୁ ବିନା ଥଇଥାନରେ ଉଚ୍ଛେଦ କରାଯାଇଛି: କଂଗ୍ରେସ



ରାଇରଙ୍ଗପୁର,୨୦/୪: କଂଗ୍ରେସ ପିସିସି ସଭାପତି ଶନିବାର ରାଇରଙ୍ଗପୁର ଗସ୍ତ କରିଛନ୍ତି। ସ୍ଥାନୀୟ ଦାଣ୍ଡବୋଷ ବିମାନବନ୍ଦର ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ୪୩ଟି ଆଦିବାସୀ ପରିବାରକୁ ବିନା ଥଇଥାନରେ ଉଚ୍ଛେଦ କରାଯାଇଛି ବୋଲି କଂଗ୍ରେସ କହିଛି। ଏଥିରେ ପ୍ରଭାବିତ ହୋଇ ବାସହୀନ ହୋଇଥିବା ଲୋକଙ୍କୁ ରାଜ୍ୟ କଂଗ୍ରେସ ପିସିସି ସଭାପତି ଭକ୍ତ ଚରଣ ଦାସ ସାକ୍ଷାତ କରି ଆଲୋଚନା କରିଥିଲେ। ବିସ୍ଥାପିତ ଲୋକଙ୍କୁ ନ୍ୟାୟ ଦେବା ସହ ଉଚିତ କ୍ଷତି ପୂରଣ ଦେବା ପାଇଁ ସରକାରଙ୍କ ସହ ଲଢେଇ କରିବେ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ବି ଅଧିକାଂଶ ଘର ପଲିଥିନ ତଳେ ରହୁଛନ୍ତି। କଂଗ୍ରେସ କର୍ମୀମାନେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି କଚେରୀ ପଡିଆଠାରେ ଅନୁଷ୍ଠିତ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହି ସାଧାରଣ ସଭାରେ ମହିଳା ଏବଂ ଆଦିବାସୀଙ୍କ ଉପରେ ହେଉଥିବା ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ପ୍ରବର୍ତ୍ତାଇ ଥିଲେ।ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି କଚେରୀ ଷ୍ଟାଡିୟମ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା ରାଜ୍ୟ କଂଗ୍ରେସ କମିଟୀ ସଭାପତି ଭକ୍ତ ଚରଣ ଦାସ, ଜଗତସିଂହପୁର ବିଧାୟକ ତଥା ବିରୋଧୀ ଦଳ ଉପନେତା ଅଶୋକ ଦାସ, ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସାଂସଦ ଶୁଶିଳା ତିରିଆ,ପର୍ଯ୍ୟବେକ୍ଷକ ତଥା କେନ୍ଦୁଝର ଜିଲ୍ଲା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପର୍ଯ୍ୟବେକ୍ଷକ ନଳିନୀ ମହାନ୍ତି, ପୂର୍ବତନ ବିଧାୟକ ଶ୍ୟାମଚରଣ ହାଁସଦାଃ, ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତୀ, ବିଧାୟକ ପ୍ରାର୍ଥୀ ଜଗେନ୍ଦ୍ର ବାନରା, ବଡ଼ସାହି ବିଧାୟକ ପ୍ରାର୍ଥୀ କ୍ଷୀରୋଦ ଚନ୍ଦ୍ର ପାତ୍ର ଓ କରଂଜିଆ ବିଧାୟକ ପ୍ରାର୍ଥୀ ଲକ୍ଷ୍ମୀଧର ସିଂ, ପୂର୍ବ ମୟୂରଭଞ୍ଜ ଜିଲ୍ଲା ସଭାପତି ନିରୋଜ୍ ଲୋଚନ ଦାସ, ପ୍ରକାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଭା ଆରମ୍ଭ ପୂର୍ବରୁ ରାଇରଙ୍ଗପୁର ନଗର ସଭାପତି ଅଶୋକ ଅଗ୍ରୱାଲ, ବସନ୍ତ ପଟ୍ଟନାୟକ, ଭଜହରି ମହାନ୍ତ, ରୂପକ ମହାନ୍ତି, ନିବେଦିତା ପାଲ ଓ ଅନ୍ୟମାନେ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ଭକ୍ତ ଚରଣ ଦାସଙ୍କୁ ସ୍ୱାଗତ କରିଥିଲେ। ସଭାପତି ତାଙ୍କର ସଭାପତିତ୍ୱ ବକ୍ତବ୍ୟ ପ୍ରଦାନ କରିବା ପରେ ଅନ୍ୟାନ୍ୟ ଅତିଥିଗଣ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଦାଣ୍ଡବୋଷରେ ଏୟାରଷ୍ଟ୍ରିପ ସଂପ୍ରସାରଣ ନେଇ ବିସ୍ଥାପିତ ଲୋକମାନଙ୍କର ସମସ୍ୟା ସଂପର୍କରେ ଲୋକମାନଙ୍କୁ ଅବଗତ କରାଇବା ସହିତ ନାରୀ ନିର୍ଯ୍ୟାତନା, ଦରବୃଦ୍ଧି ଆଦି ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ବିଧାୟକ ପ୍ରାର୍ଥୀ ଜଗେନ୍ଦ୍ର ବାନରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂପାଦକୀୟ

# ଦଳ ବଦଳ

ଆମ ଦେଶରେ ଏବେ ଦଳ ବଦଳ ରାଜନୀତିରେ ଏକ ବିପଜ୍ଜନକ ଧାରା ମୁଣ୍ଡ ଟେକୁଥିବାର ଲକ୍ଷ୍ୟ କରାଯାଉଛି । ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନୀତି, ଆଦର୍ଶ ଓ ବିଚାରଧାରାକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରି ସେମାନଙ୍କ ସମର୍ଥନ ହାସଲ କରିବା ପରେ ଅନ୍ୟ ଏକ ଦଳକୁ ଲମ୍ଫ ପ୍ରଦାନ କରିବା ଭୋଟରଙ୍କ ପ୍ରତି ବିଶ୍ୱାସ ଘାତକତା କହିଲେ, ଅତ୍ୟୁକ୍ତି ହେବନାହିଁ । ନିର୍ବାଚନ ପୂର୍ବରୁ ଦଳ ବଦଳ କରିବା ଯେତେ ଦୋଷାବହ ନୁହେଁ, ସାଂସଦ ବା ବିଧାୟକ ଭାବରେ ଗୋଟିଏ ଦଳରୁ ନିର୍ବାଚିତ ହେବା ପରେ ସେହି ଦଳକୁ ଧୋକା ଦେଇ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନିମନ୍ତେ ଅନ୍ୟ ଦଳରେ ସାମିଲ ହେବା ନିଶ୍ଚିତ ଭାବରେ ଏକ ଅଗଣତାନ୍ତ୍ରିକ ପଦକ୍ଷେପ । ଗତ ୨୦୧୯ ମସିହାରେ ସାଧାରଣ ନିର୍ବାଚନ ଏବଂ ପରବର୍ତ୍ତୀ ସମୟରେ କେତେକ ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରି ସାଂସଦ ବା ବିଧାୟକ ହୋଇଥିବା କିଛି ରାଜନେତା ଇତି ମଧ୍ୟରେ ଦଳବଦଳ କରି ଅନ୍ୟ ଦଳରେ ଯୋଗ ଦେବାର ଏକାଧିକ ଦୃଷ୍ଟାନ୍ତ ନଜରକୁ ଆସିଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ମଣିପୁର, ଆସାମ ଆଦି ରାଜ୍ୟରେ ବହୁ ବିଧାୟକ ମୂଳ ଦଳ ଛାଡ଼ିଥିବା ବେଳେ ଅଦଳ ବଦଳ ଯୋଗୁଁ କେତେକ ରାଜ୍ୟରେ ସରକାରର ପତନ ମଧ୍ୟ ଘଟିସାରିଛି । ବୁଧବାର ଦିନ ଗୋଆରେ ଏକ ବଡ଼ ଧରଣର ଦଳବଦଳ ନାଟକ ଦେଖିବାକୁ ମିଳିଛି । ଅଳ୍ପ କିଛିମାସ ପୂର୍ବେ ଏହି ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ମୋଟ୍ ୪୦ଟି ଆସନ ମଧ୍ୟରୁ ବି.ଜେ.ପି.କୁ ୨୦ଟି ଆସନ ମିଳିଥିବା ବେଳେ ମୁଖ୍ୟ ବିରୋଧୀଦଳ କଂଗ୍ରେସକୁ ୧୧, ଆପ୍‌କୁ ୨ ଓ ଏମ୍.ଜି.ପି.କୁ ୨ ଓ ଅନ୍ୟମାନଙ୍କୁ ୫ଟି ଆସନ ମିଳିଥିଲା । ତେବେ କଂଗ୍ରେସ ଦଳର ଟିକେଟ୍‌ରେ ନିର୍ବାଚିତ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ୮ ଜଣ ବିଧାୟକ ବୁଧବାର ଦଳତ୍ୟାଗ କରି ବି.ଜେ.ପି.ରେ ଯୋଗ ଦେଇଛନ୍ତି, ଯଦ୍ୱାରା କଂଗ୍ରେସ ବିଧାୟକ ସଂଖ୍ୟା ୩କୁ ଖସି ଆସିଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ରାଜ୍ୟର ଜଣେ ପ୍ରବୀଣ ତଥା ବୟୋଜ୍ୟେଷ୍ଠ କଂଗ୍ରେସନେତା ଦିଗମ୍ବର କାମାତ୍ ଏବଂ ବିରୋଧୀ ଦଳର ନେତା ପଦରେ ଅଧିଷ୍ଠିତ ମାଇକେଲ୍ ଲୋବୋ ନିଜ ଦଳ ଛାଡ଼ି ବି.ଜେ.ପି.ରେ ସାମିଲ ହେବାକୁ ପଛାଇ ନାହାନ୍ତି । ଦିଗମ୍ବର ଅତୀତରେ କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ରହିଥିଲେ ଏବଂ ଏଥର କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । ସେହିପରି ମାଇକେଲ ଲୋବୋ ଯଦିଓ ନିର୍ବାଚନର ଠିକ୍ ପୂର୍ବରୁ କଂଗ୍ରେସରେ ଆସି ଯୋଗ ଦେଇଥିଲେ, ତଥାପି ଦଳ ତାଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ବିରୋଧୀ ଦଳର ନେତା ପଦରେ ବସାଇଥିଲା । ଇସ୍ତଫା ଦେବା ପରେ ମାଇକେଲ ଲୋବୋ 'କଂଗ୍ରେସ ଛାଡ଼- ବି.ଜେ.ପି.କୁ ଯୋଡ଼' ମତ ରଖି ମୂଳ ଦଳକୁ ବିଦ୍ରୂପ କରିବାକୁ ମଧ୍ୟ ପଛାଇ ନାହାନ୍ତି । ଯଦିଓ ଦୁଇ ତୃତୀୟାଂଶ ବିଧାୟକ ସମୂହ ଭାବରେ ଇସ୍ତଫା ଦେଇଥିବାରୁ ଏ କ୍ଷେତ୍ରରେ ଦଳବଦଳ ଆଇନ୍ ଲାଗୁ ହୋଇପାରିବ ନାହିଁ, ତଥାପି ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଦୃଷ୍ଟିରୁ ଏହି ପଦକ୍ଷେପ କେତେଦୂର ଗ୍ରହଣୀୟ ତାହା ବିଚାର୍ଯ୍ୟ । ଗୋଆରେ କଂଗ୍ରେସ ନେତାମାନଙ୍କ ଆନୁଗତ୍ୟକୁ ସନ୍ଦେହ କରି ନିର୍ବାଚନ ପୂର୍ବରୁ ରାହୁଳ ଗାନ୍ଧୀ ଦଳର ସବୁ ପ୍ରାର୍ଥୀଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଦଳ ନଛାଡ଼ିବାକୁ ଶପଥ ପାଠ କରାଇଥିଲେ । ସମସ୍ତ ପ୍ରାର୍ଥୀ ଶପଥ ପତ୍ରରେ ସ୍ୱାକ୍ଷର ମଧ୍ୟ କରିଥିଲେ । ଏହାସତ୍ତ୍ୱେ ନିଜର ଶପଥ ଭଙ୍ଗ କରି ଦଳତ୍ୟାଗ କରିବାକୁ ସେମାନେ ତିଳେ ମାତ୍ର କୁଣ୍ଠାବୋଧ କରି ନାହାନ୍ତି । ଭୋଟ୍‌ଦାତାଙ୍କ ରାୟକୁ ହେୟଜ୍ଞାନ କରିବା ଓ ଦଳବଦଳ ପନ୍ଥା ଅନୁସରଣ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ।

# ଶଂସୟ

ସୃଷ୍ଟିକର୍ତ୍ତା ଏ ପୃଥିବୀକୁ ସୃଷ୍ଟି କଲେ । ଗ୍ରହ, ନକ୍ଷତ୍ର, ସମୁଦ୍ର, ପାଣି, ପବନ, ଆକାଶ, ଅଗ୍ନି, ପର୍ବତ, ବୃକ୍ଷଲତା ଆଦି ସୃଷ୍ଟି କଲେ । ନଦୀ ପ୍ରାନ୍ତରରେ ପାହାଡ଼ ତଳେ ଝରଣାର କୁଳୁକୁଳୁ ଶବ୍ଦ ସହିତ ସମତଳ ଓ ଉର୍ବର ସ୍ଥଳଭାଗ ଦେଲେ । ଏହା ସହିତ ମଣିଷକୁ ଶବ୍ଦ, କଥପକଥନ ଓ ଚିନ୍ତା କରିବାର ଶକ୍ତି ପ୍ରଦାନ କଲେ । ଭାବିଥିଲେ ମନୁଷ୍ୟ ଦିନେ ନା ଦିନେ ଭାବି ବ ସୃଷ୍ଟିକର୍ତ୍ତା ବିନା ସୃଷ୍ଟି କ'ଣ ସମ୍ଭବ ? ସେ ଖୋଜିବ ସୃଷ୍ଟିକର୍ତ୍ତାଙ୍କୁ ଓ ତାଙ୍କୁ ହୃଦୟଙ୍ଗମ କରିବାକୁ ଚେଷ୍ଟା କରିବ ।

ସେହିପରି କିନ୍ତୁ ହେଲାନାହିଁ । ସୃଷ୍ଟିକର୍ତ୍ତା ଦିନ ଦିନ ଧରି ତାର ଅତିପ୍ରିୟ ମନୁଷ୍ୟକୁ ଚାହିଁ ରହିଥିଲେ ମଧ୍ୟ ସେ ଆସି ପାରିଲା ନାହିଁ । ବାରମ୍ବାର ସୃଷ୍ଟିକର୍ତ୍ତାଙ୍କୁ ମନୁଷ୍ୟରୂପ ଧରି ନିଜର ଅସ୍ତିତ୍ୱର ପ୍ରମାଣ ଦେବା ପାଇଁ ଓ ଜୀବନର ଲକ୍ଷ୍ୟ ବୁଝାଇବା ପାଇଁ ଆସିବାକୁ ପଡ଼ିଲା । ବାଧ ହୋଇ ଗୀତାରେ କହିଗଲେ ମତେ ବାରମ୍ବାର ଆସିବାକୁ ପଡ଼ିବ ଓ ମୋର କୌଣସି ଅବତାରତ୍ୱକୁ ତୁମେ ଏକ ପୂର୍ଣ୍ଣଚ୍ଛେଦ ବୋଲି ଭାବିବ ନାହିଁ । 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' । ମନୁଷ୍ୟ ମାଧ୍ୟାକର୍ଷଣ ଶକ୍ତିକୁ ଚିହ୍ନିପାରିଲା ନାହିଁ । ଆକାଶକୁ ଯାଇ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଏବଂ ସୃଷ୍ଟି ସମ୍ବନ୍ଧରେ କଳନା କରି ପାରିଲାନାହିଁ । ଦିନେ ଭଗବାନ ମଣିଷରୂପରେ ଆସି ତାଙ୍କର ସବୁଠାରୁ ବୁଦ୍ଧିମାନ ମନୁଷ୍ୟକୁ ଡାକି କହିଲେ, 'ବାପାରେ ଦିଗ୍‌ବଳୟର ଆରପଟେ କ'ଣ ଅଛି ଓ ତାଙ୍କ ନିକଟକୁ ତୁ ଯିବାକୁ ଚାହୁଁ କି ? ବୁଦ୍ଧିମାନ ଲୋକଟି ତତ୍‌କ୍ଷଣାତ ସୃଷ୍ଟିକର୍ତ୍ତାଙ୍କୁ କହିଲା ବାର୍ଦ୍ଧକ୍ୟ ହେତୁ ମତେ ବିଶେଷ କିଛି ଦୃଶ୍ୟମାନ ହେଉନାହିଁ ତେଣୁ ମୁଁ ଅଚଳ ଅବସ୍ଥାକୁ ଆସିଗଲିଣି ଆପଣ ମୋର ପତ୍ନୀ ଓ ପୁତ୍ର, କନ୍ୟା ମାନଙ୍କୁ ନେଇ ବୁଲାଇ ଆଣନ୍ତୁ । ଏହା ତାଙ୍କର ଦେଖିବା ଓ ଶିଖିବାର ବେଳ । ନିରାଶ ହୋଇ ଫେରି ଯିବାର କିଛି ଦିନରେ ସୃଷ୍ଟିକର୍ତ୍ତା ବୁଦ୍ଧିମାନ ବ୍ୟକ୍ତିର ସ୍ତ୍ରୀ ନିକଟରେ ପହଞ୍ଚି କହିଲେ ତୁମେ ସ୍ୱର୍ଗପୁର ଦେଖିବାକୁ ଚାହୁଁଛ ? ସେଠାରେ ଲୋକ କିପରି ରହୁଛନ୍ତି ଦେଖିବାକୁ ଚାହୁଁଛ ? ଯଦି ଚାହୁଁଥାଅ, ମୋ ସହିତ ଆସିପାର । ବୁଦ୍ଧିମାନ ଲୋକର ସ୍ତ୍ରୀଟି ତତ୍‌କ୍ଷଣାତ କହିଉଠିଲା ଏ ବୃଦ୍ଧା ବୟସରେ ମୋ ପାଦରେ ବଳ ନଥିବା

**ଅନୀତା ପଟ୍ଟନାୟକ**

ସମୟରେ ମୋ ହାତଟେକାକୁ ଚାହିଁଥିବା ସ୍ୱାମୀଙ୍କୁ ଛାଡ଼ି କିପରି ଯାଇପାରିବି ? ତୁମର ଡାକିବରେ ଡେରି ହୋଇଗଲାଣି ଓ ମୋର ମଧ୍ୟ ବଳପାଉନାହିଁ । ମୋର ପିଲାମାନେ ଆମ କଥା ନବୁଝି ବୁଲା ବୁଲି କରିବାକୁ ଭଲ ପାଆନ୍ତି । ତାଙ୍କୁ ନେଇଯାଇ ସ୍ୱର୍ଗପୁରୀ ଦେଖାଅ ସେମାନେ ଖୁସି ହେବେ । ଏପରି କଥା ଶୁଣି ସୃଷ୍ଟିକର୍ତ୍ତା ବାଧ ହୋଇ ମନଦୁଃଖରେ ଫେରିଗଲେ । କିଛି ଦିନ ପରେ ଫେରି ଆସି ବୁଦ୍ଧିମାନ ଲୋକଟିର ପୁଅବୋହୁଙ୍କୁ ସ୍ୱର୍ଗରାଜ୍ୟରେ ଜୀବନ ଓ ତାଙ୍କୁ ସ୍ୱର୍ଗ ବୁଲାଇ ଆଣିବାର ପ୍ରସ୍ତାବ ରଖନ୍ତେ ସେମାନେ କହିଲେ ଆମର ବେଳନାହିଁ ଆମେ କ'ଣ ସୃଷ୍ଟି ଛଡ଼ା ହୋଇଛୁ ? ଆମ ମୁକ୍ତିରେ ସ୍ୱର୍ଗ, ଭଗବାନ ସୃଷ୍ଟିକର୍ତ୍ତା ଏସବୁ ଶବ୍ଦ କିଛି ଧରୁନାହିଁ । ଏସବୁ ଶବ୍ଦ ବିଷୟରେ ବାର୍ଦ୍ଧକ୍ୟ ସମୟରେ ଚିନ୍ତା କରାଯାଏ । ସୃଷ୍ଟିକର୍ତ୍ତା ଦେଖିଲେ ବୁଦ୍ଧିମାନ ଲୋକର ନାତିଟିଏ ଗୋଟିଏ କବିତା ପରୀକ୍ଷା ପାଇଁ ଘୋଷୁଛି ଓ ବାରମ୍ବାର ଆବୃତ୍ତି କରି କହୁଛି 'ରେ ଆତ୍ମନ ନିଦ୍ରାପରିହରି ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ ନିସ୍ତବ୍ଧ ଜୀବନସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ' ସୃଷ୍ଟିକର୍ତ୍ତା ପିଲାଟିକୁ ପଚାରିଲେ ତୁମେ କ'ଣ କରୁଛ ? ପିଲାଟି କହିଲା ମହାଭାଗ ! ଆଜି ଆମର କବିତା ଆବୃତ୍ତି ପ୍ରତିଯୋଗିତା ଅଛି । କ'ଣ ଟିଏ ଘୋଷି ଗାଇଲେ ମୁଁ ପ୍ରଥମ ହୋଇପାରିବି ପଚାରିବାରେ ବାପା-ମାଆ କହିଲେ ଆମର ବେଳ ନାହିଁ ତୁ ତୋର ଶିକ୍ଷକଙ୍କୁ ପଚାର ଶିକ୍ଷକଙ୍କ ଘରକୁ ଯାଇ ଦେଖିଲି ଶିକ୍ଷକ ଓ ତାଙ୍କ ସ୍ତ୍ରୀଙ୍କର ଏକ ମନ୍ଦିରକୁ ଯିବା ନଯିବା ନେଇ ବିବାଦ ସୃଷ୍ଟି ହୋଇଛି । ଶିକ୍ଷକ ନିଜର କାର୍ଯ୍ୟ ବସ୍ତତା ପାଇଁ ତାଙ୍କର ପତ୍ନୀଙ୍କୁ ମନ୍ଦିରକୁ ନେଇ ପାରିବେ ନାହିଁ ବୋଲି ଦ୍ୱନ୍ଦ ଉପୁଜିଥିବା ସମୟରେ କବିତା ବହିଟିକୁ ମୋ ଆଡ଼କୁ ଫୋପାଡି ଦେଇ ଏଇ କବିତାଟିକୁ ଘୋଷିବା ପାଇଁ କହିଲେ । ସୃଷ୍ଟିକର୍ତ୍ତା କହିଲେ 'ଆସେ ମୁଁ ତତେ ଏହାଠାରୁ ଭଲ କବିତା ଦେବି' ପିଲାଟି ତତ୍‌କ୍ଷଣାତ କହିଲା ତୁମେ କିଛି ଜାଣିନ ଏଠାରୁ ଯାଅ ମୁଁ ଲୋକଙ୍କୁ ଟ୍ରେନରେ ବସରେ ଏହି ଗୀତ ଶୁଣୁଥିବା ଶୁଣିଛି । ଯାହା ମୋ ପକ୍ଷେ ସମ୍ଭବ ନୁହେଁ, ଯାହା ମୋ ଠାରୁ ଦୂର ଓ ଉଚ୍ଚରେ ଅଛି ଓ ଯାହା କଷ୍ଟ ତାହା ମୁଁ କରିପାରିବି ନାହିଁ । ଭଗବାନ ମନରେ ଶଂସୟ ଜାତ ହେଲା ଶବ୍ଦ ଓ ଚିନ୍ତାର ଅପପ୍ରୟୋଗକୁ ନେଇ ସେ ଚିନ୍ତିତ ହେଲେ । ଭାବିଲେ 'ଓଃ କି ଭାଷା ଡେରି ହୋଇଗଲାଣି, ବୃଦ୍ଧ ହୋଇଗଲିଣି, ପାରିବିନି, ବିଳମ୍ବ ହୋଇଗଲାଣି, ଅସମ୍ଭବ, ଦୂରରେ, ବହୁ ଉଚ୍ଚରେ, ଏସବୁ ଚିନ୍ତା ଓ ଶବ୍ଦ ଓ ଏହାର ସମାଧାନ କି କଷ୍ଟ, କି ମୂର୍ଖ ! କିଛି ବିଳମ୍ବ ହୋଇନି, କିଛି ଅନ୍ତ ନାହିଁ, କେବଳ ଆରମ୍ଭ ଅଛି । କ'ଣ କରାଯାଇପାରିବ ମଣିଷ ପାଖରୁ ଏପରି ଅପପ୍ରୟୋଗ କରୁଥିବା ଶବ୍ଦ ଓ ଚିନ୍ତାକୁ ଫେରି ଆଣିଲେ ସେ କ'ଣ ମୋ ଆଡ଼କୁ ଚାହିଁବ ? ହେଉ ଏଥର ନ ହେଲେ ନାହିଁ ଆରଥରକର ଅବତାରତ୍ୱରେ ଦେଖିବା ।

# ସବୁରି ଉପରେ ଓଡ଼ିଆ

ରାଷ୍ଟ୍ରପତି ନିର୍ବାଚନ ପରେ ପରେ ପ୍ରଥମେ ସାମାଜିକ ଗଣମାଧ୍ୟମରେ ଏବଂ ପରେ କେତୋଟି ପ୍ରତିଷ୍ଠିତ ସମ୍ବାଦପତ୍ରରେ ଓଡ଼ିଶା ସମ୍ପର୍କୀୟ କିଛି ଆଲେଖ୍ୟ ପ୍ରସାରିତ ହୋଇ ଚାଲିଲା । ଏହାର ମୂଳ ବାର୍ତ୍ତା ହେଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ହିଁ ସୁଯୋଗ୍ୟ ଓଡ଼ିଆମାନେ ଦେଶର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି । ଏହି ବିବରଣୀରେ ଯାହା ଲେଖା ନ ଥାଇ ସୁଦ୍ଧା ଉଚ୍ଚ ସ୍ୱରରେ ପ୍ରକଟିତ ହେଉଥିଲା ତାହା ହେଲା ଅନ୍ୟ କୌଣସି ପ୍ରଧାନମନ୍ତ୍ରୀଙ୍କ ଅମଳରେ ଓଡ଼ିଶାରେ ଏତେ ବ୍ୟକ୍ତିଙ୍କ ଏଭଳି ବନ ପଦପଦବୀରେ ଅବସ୍ଥାପିତ କରାଯାଇନଥିଲା ।

ବର୍ତ୍ତମାନ ସମଗ୍ର ଭାରତରେ ଓଡ଼ିଶାର ଗୌରବ ବଢ଼ାଉଛନ୍ତି କେତେଜଣ ବିଶିଷ୍ଟ ବ୍ୟକ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରର ସର୍ବୋଚ୍ଚ ପଦରେ ରହି ଦେଶର ସମ୍ବିଧାନିକ, ଶାସନ ଓ ପ୍ରଶାସନିକ କାର୍ଯ୍ୟକୁ ଆଗେଇ ନେଉଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ସିଏଜି, ବଡ଼ ବଡ଼ ମନ୍ତ୍ରଣାଳୟର କ୍ୟାବିନେଟ ଓ ରାଷ୍ଟ୍ରପାହ୍ୟା ମନ୍ତ୍ରୀ, ଆଇଏମଡି, ଏନସିବି ମହାନିର୍ଦ୍ଦେଶକ ପ୍ରମୁଖ । ମେଧାଶକ୍ତି, ସଚ୍ଚୋଟତା, କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଏବଂ ଦକ୍ଷତା ସେମାନଙ୍କୁ ଉଚ୍ଚପଦରେ ଅଧିଷ୍ଠିତ କରାଇଛି ।

ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ନାଗରିକ : ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହୋଇଛନ୍ତି । ସେ ଏବେ ରାଇସିନା ହିଲ ବା ୩୪୦ କୋଠରୀ ବିଶିଷ୍ଟ ରାଷ୍ଟ୍ରପତି ଭବନର ୪ ମହଲାରେ ରହୁଛନ୍ତି । ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ କୁସୁମୀ ବ୍ଲକ ଉପରବେଡ଼ା ଗ୍ରାମର ବିରଞ୍ଚି ନାରାୟଣ ମୁର୍ମୁ ଏବଂ ମା'ସିନଗୋ ମୁର୍ମୁଙ୍କ ଔରସରୁ ୨୦ ଜୁନ ୧୯୫୮ ମସିହାରେ ଦ୍ରୌପଦୀ ମୁର୍ମୁ ଜନ୍ମ ଗ୍ରହଣ କରିଥିଲେ । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ଏହାପରେ ୧୯୭୪ରେ ଭୁବନେଶ୍ୱରରେ ରହି ମାଟ୍ରିକ ପାସ କରିଥିଲେ । ରମାଦେବୀ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ଜଳସେଚନ ଓ ଶକ୍ତି ବିଭାଗରେ କିରାଣି ଭାବେ କାର୍ଯ୍ୟ କରିଥିଲେ । ୧୯୯୭ରେ ରାଇରଙ୍ଗପୁର ଏନଏସିର ୨ ନମ୍ବର ୱାର୍ଡ଼ରୁ କାଉନସିଲର ହୋଇ ଉପାଧ୍ୟକ୍ଷା ହୋଇଥିଲେ । ୨୦୦୦ ମସିହାରେ ଭାଜପା ଟିକେଟରେ ରାଇରଙ୍ଗପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହେବା ସହ ଭାଜପା-ବିଜେଡ଼ି ମେଣ୍ଟ ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ହୋଇଥିଲେ । ୬ ଅଗଷ୍ଟ ୨୦୦୨ ପର୍ଯ୍ୟନ୍ତ ସେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ । ୨୦୦୪ ନିର୍ବାଚନରେ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୫ରେ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇ ୧୨ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ । ୨୧ ଜୁନ ୨୦୨୨ ସନ୍ଧ୍ୟାରେ ସେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ । ଗତ ଜୁଲାଇ ୨୧ରେ ରାଷ୍ଟ୍ରପତି ଭୋଟ ଗଣତି ହେବାପରେ ସେ ଦେଶର ୧୫ତମ ରାଷ୍ଟ୍ରପତି ଘୋଷିତ ହୋଇଥିଲେ ଓ ୨୫ ଜୁଲାଇରେ ଶପଥ ନେଇଥିଲେ ।

ପ୍ରଧାନ ମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ.ମିଶ୍ର : ୧୯୭୨ ବ୍ୟାଚ ଗୁଜୁରାଟ କ୍ୟାଡ଼ର ଆଇଏଏସ ଅଫିସର ପ୍ରମୋଦ କୁମାର ମିଶ୍ର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସେ ୧୯୪୮ ଅଗଷ୍ଟ ୧୧ରେ ସମ୍ବଲପୁର ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ । ସେ ଉଭୟ ଗୁଜୁରାଟ ଏବଂ ଭାରତ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ । ଗୁଜୁରାଟ ସରକାରରେ ସେ ମେହସାଣା ଏବଂ ବଂଶକଣ୍ଠ ଜିଲ୍ଲାର ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଇଛନ୍ତି । ୨୦୧୯ ଜୁନ ୧୧ରେ ତାଙ୍କୁ ମୋଦି ପୁନଃ ନିଯୁକ୍ତି ଦେଇଛନ୍ତି । କ୍ୟାବିନେଟର ଆପଏଣ୍ଟମେଣ୍ଟ କମିଟି ତାଙ୍କ ପୁନଃ ନିଯୁକ୍ତିକୁ ମୋହର ମାରିବା ପରେ ୩୧ମେ ୨୦୧୯ରୁ ତାହା ଲାଗୁ ହୋଇଛି । ସମ୍ବଲପୁର ୟୁନିଭର୍ସିଟିରେ ୧୯୭୦ରେ ପଢ଼ା ଶେଷ କରି ୟୁନିଭର୍ସିଟି ଅଫ ସସେକ୍ସ ଏବଂ ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରେ ପଢ଼ା ସାରିଥିଲେ । ବହି ପଢ଼ିବାକୁ ତାଙ୍କୁ ଭଲ ଲାଗେ ।

**ସୌର ଚନ୍ଦ୍ର ମହାପାତ୍ର**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ : ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ୨୫ତମ ଗଭର୍ଣ୍ଣର ଭାବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ ଦାୟିତ୍ୱ ତୁଲାଉଛନ୍ତି । ଏହା ପୂର୍ବରୁ ସେ ପଞ୍ଚଦଶ ଫାଇନାନ୍ସ କମିଶନର ସଦସ୍ୟ ଥିଲେ । ସେ ହେଉଛନ୍ତି ୧୯୮୦ ବ୍ୟାଚର ତାମିଲନାଡୁ କ୍ୟାଡ଼ର ଆଇଏଏସ ଅଫିସର ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏବେ ଶିକ୍ଷା, ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି । ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ୧୯ ତିନିମୂର୍ତ୍ତି ମାର୍ଗଠାରେ ତାଙ୍କ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି । ଧର୍ମେନ୍ଦ୍ର ଏବେ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି । ୨୦୨୧ ଜୁଲାଇ ୭ରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପରିବର୍ତ୍ତିତ ମନ୍ତ୍ରୀମଣ୍ଡଳରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି । ୨୦୧୪ରେ ଦେଶରେ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାରରେ ଧର୍ମେନ୍ଦ୍ରଙ୍କୁ ପ୍ରଥମେ ରାଷ୍ଟ୍ରମନ୍ତ୍ରୀ ଭାବେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ପଦ ମିଳିଥିଲା । ଏହାପରେ ୨୦୧୭ରେ ତାଙ୍କୁ ଉକ୍ତ ମନ୍ତ୍ରଣାଳୟର କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି ମିଳିଥିଲା । ଧର୍ମେନ୍ଦ୍ର ୧୯୬୯ ଜୁନ ୨୬ରେ ଅନୁଗୁଳ ଜିଲ୍ଲା ତାଳଚେର ନିକଟ ଧରମପୁର ଠାରେ ଜନ୍ମ ଗ୍ରହଣ କରିଥିଲେ । ଧର୍ମେନ୍ଦ୍ର ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଏବଂ ବାସନ୍ତୀ ମଞ୍ଜରୀ ପ୍ରଧାନଙ୍କ ପୁଅ । ସେ ତାଙ୍କ ରାଜନୈତିକ ଜୀବନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରୁ ୧୯୮୩ରୁ ଆରମ୍ଭ କରିଥିଲେ । ୧୯୯୫ରେ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ହୋଇଥିଲେ । ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ ପାଲଲହଡ଼ା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହେଲେ । ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଦେବଗଡ଼ ଲୋକସଭା ଆସନରୁ ଏମପି ଭାବେ ନିର୍ବାଚିତ ହୋଇଥିଲେ । ୨୦୦୭ରୁ ଇତିମଧ୍ୟରେ ଛତିଶଗଡ଼, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକର ପ୍ରଭାରୀ ଓ ସହ ପ୍ରଭାବୀଭାବେ ଦଳୀୟ ସଂଗଠନ କାର୍ଯ୍ୟ କରିଥିଲେ । ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ବିହାରରୁ ରାଜ୍ୟସଭା ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ । ମୋଦି ସରକାରର ପାୱାର ଗୋଷ୍ଠୀ ମଧ୍ୟରେ ସେ ଅନ୍ୟତମ ।

ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ : ଓଡ଼ିଶା ବିଜେପିର ଅନ୍ୟତମ ବର୍ଷିଆନ ଓ ଭେଟରାନ ଅଭିଜ୍ଞ ନେତା ବିଶ୍ୱଭୂଷଣ ହରିଚନ୍ଦନ ଏବେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳଭାବେ କାର୍ଯ୍ୟରତ । ଓଡ଼ିଶାରେ ବିଜେପିକୁ ସଂଗଠିତ କରିବା, ସଶକ୍ତ କରିବା ସହ ଓଡ଼ିଶାରେ ବିଜେଡ଼ି-ବିଜେପି ମେଣ୍ଟ ଚକ୍ରରେ ସେ କ୍ୟାବିନେଟ ମନ୍ତ୍ରୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଓଡ଼ିଶା ରାଜନୀତିରେ ସାଲିସବିହୀନ ନେତୃତ୍ୱ ଦୀର୍ଘ ରାଜନୈତିକ ଅଭିଜ୍ଞତାର ସମସ୍ତ ଶ୍ରେୟ ବିଶ୍ୱଭୂଷଣ ବାବୁଙ୍କୁ ଦିଆଯାଇଥାଏ । ଓଡ଼ିଶାରେ ଆଜି ବିଜେପି ଯେଉଁପରି ସଶକ୍ତ ଭାବେ ପହଞ୍ଚିଛି ଏ କ୍ଷେତ୍ରରେ ବିଶ୍ୱଭୂଷଣ ବାବୁଙ୍କ ଅବଦାନ ମଧ୍ୟ ଅବିସ୍ମରଣୀୟ । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଦାୟିତ୍ୱ ନେବା ପରେ ତାଙ୍କୁ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଦାୟିତ୍ୱ ଦିଆଯାଇଛି ।

ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁ : ମୋଦି ସରକାର ଅଗଷ୍ଟ ୨୦୨୦ରେ ଗିରୀଶ ଚନ୍ଦ୍ର ମୁର୍ମୁ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଯୁକ୍ତ କରିଥିଲେ । ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ଥିବା ଗିରିଶ ଚନ୍ଦ୍ର ମୁର୍ମୁ ସେହି ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ଦେଶର ସିଏଜି ଭାବେ ନିଯୁକ୍ତି ମିଳିଥିଲା । ସିଏଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ସ୍ଥାନ ପାଇବାରେ ମୁର୍ମୁ ହେଉଛନ୍ତି ପ୍ରଥମ ଓଡ଼ିଆ । ଏହାପରେ ୨୦୧୯ ଅକ୍ଟୋବର ୩୧ରେ ସେ ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ । ୨୦୨୦ ଅଗଷ୍ଟ ୬ ପର୍ଯ୍ୟନ୍ତ ସେ ଉପରାଜ୍ୟପାଳ ପଦରେ ରହିଥିଲେ । ସ୍ମିତା ଶୁକ୍ଳା ମୁର୍ମୁ ହେଉଛନ୍ତି ତାଙ୍କ ସ୍ତ୍ରୀ । ତାଙ୍କର ଗୋଟିଏ ଝିଅ ରୁଚିକା ମୁର୍ମୁ ଏବଂ ପୁଅ ରୁହାନ ମୁର୍ମୁ ଅଛନ୍ତି । ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ମହାନିର୍ଦ୍ଦେଶକ ସତ୍ୟନାରାୟଣ ପ୍ରଧାନ : ୧୯୮୮ ବ୍ୟାଚ ଝାଡ଼ଖଣ୍ଡ ଆଇପିଏସ ଅଫିସର ତଥା ଓଡ଼ିଆ ପୁଅ ସତ୍ୟ ନାରାୟଣ ପ୍ରଧାନ ଏବେ ମୋଦି ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ମୁଖ୍ୟଭାବେ ଦାୟିତ୍ୱ ତୁଲାଉଛନ୍ତି । ୨୦୨୪ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ । ୨୦୧୯ରେ ସେ ଏନଡିଆରଏଫ ଡିଜି ଭାବେ ଦାୟିତ୍ୱ ପାଇଥିଲେ ।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ : ଓଡ଼ିଶାରେ ତିନି ରାଜ୍ୟ ସଭା ଆସନ ପାଇଁ ୨୦୧୯ ଜୁନରେ ହୋଇଥିବା ନିର୍ବାଚନରେ ଭାଜପାକୁ ଗୋଟିଏ ଆସନ ଛାଡ଼ି ଦେଇଥିଲା ବିଜେଡ଼ି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ଏହି ଆସନରୁ ରାଜ୍ୟ ସଭା ପଠାଇଥିଲା । ବିଜେଡ଼ି ଏବଂ ଭାଜପା ସମର୍ଥନରେ ଅଶ୍ୱିନୀ ରାଜ୍ୟ ସଭା ଯିବା ପରେ ୨୦୨୧ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରୀମଣ୍ଡଳ ଅଦଳବଦଳରେ ତାଙ୍କୁ ସ୍ଥାନ ଦେଇଥିଲେ । ମୋଦି ସରକାରରେ ସେବେଠାରୁ ଅଶ୍ୱିନୀଙ୍କୁ ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେସନ ଟେକ୍ନୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ମିଳିଛି । ୨୦୦୪ ପର୍ଯ୍ୟନ୍ତ ସେ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ । ୨୦୦୬ରେ ସେ ମାର୍ମାଗୋଆ ପୋର୍ଟ ଟ୍ରଷ୍ଟର ଡେପୁଟି ଚେୟାରମ୍ୟାନଭାବେ ଦୁଇ ବର୍ଷ କାମ କରିଥିଲେ । ତାଙ୍କୁ ପାଠପଢ଼ା ଋଣ ମିଳିବା ପରେ ସେ ଏମବିଏ ପଢ଼ିବାକୁ ୟୁଏସଏ ଯାଇ ଫେରିବା ପରେ ୨୦୧୦ରୁ ସେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଏହାପରେ ୨୦୧୯ରେ ମୋଦି ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ସାହାଯ୍ୟ କରିଥିଲେ ।

ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ : ୨୦୧୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପାର ଆଠଜଣ ଏମପି ବିଜୟୀ ହୋଇଥିଲେ । ସେଥିରେ ମୟୂରଭଞ୍ଜ ଲୋକ ସଭା ଆସନରୁ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ନିର୍ବାଚିତ ହୋଇଥିଲେ । ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ଥରରେ ଜୁଲାଇ ୨୦୨୧ରେ ହୋଇଥିବା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣରେ ବିଶ୍ୱେଶ୍ୱର ଟୁଡୁଙ୍କୁ ସାମିଲ କରାଯାଇଥିଲା । ତାଙ୍କୁ ଆଦିବାସୀ ବ୍ୟାପାର ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା । ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର : ୨୦୧୯ ଜୁନ ୪ରେ ଭାରତୀୟ ପାଣିପାଗ ବିଭାଗର ମୁଖ୍ୟ ମହାନିର୍ଦ୍ଦେଶକ ଭାବେ ଓଡ଼ିଆ ପୁଅ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପାଞ୍ଚ ବର୍ଷ ପାଇଁ ନିଯୁକ୍ତି ମିଳିଛି । ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀ ତାଲିକାରେ ତାଙ୍କ ନାମ ଯୋଡ଼ି ହୋଇଯାଇଛି । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଓଡ଼ିଶାକୁ ଯେଉଁପରି ଭାବେ ଗୁରୁତ୍ୱ ଦେଉଛନ୍ତି ଏହା ତାର ପ୍ରମାଣ । ଏଥିପର୍ଯ୍ୟନ୍ତ ଦିଲ୍ଲୀରେ ଥିବା କୌଣସି ଦଳର ସରକାର ଓଡ଼ିଶାକୁ ଏତେଟା ଗୁରୁତ୍ୱ ଦେଇନଥିଲେ । କଳିଙ୍ଗରେ ଧ୍ୱଂସ ଲୀଳା ରଚାଇ ଦୟାନଦୀର ପାଣିକୁ ଲାଲ କରିବା ପରେ ଧର୍ମାଶୋକ କହିଥିଲେ ଯେ 'ତରବାରୀ ଜୟ ପ୍ରକୃତ ଜୟ ନୁହେଁ, ହୃଦୟର ଜୟ ହିଁ ପ୍ରକୃତ ଜୟ' । ଓଡ଼ିଶାର ପ୍ରତିଭାମାନଙ୍କୁ ଯଥୋଚିତ ସମ୍ମାନ ଓ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ନିର୍ବାଚନ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କ ହୃଦୟ ଜିଣିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

# ପ୍ରାଣୀ ସୁରକ୍ଷା

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ ଘଞ୍ଚ ଜଙ୍ଗଲ । ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ । ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ । ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ । ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ । ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ । ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ । ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ । କିନ୍ତୁ ଶିକାରୀମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି । ବୃକ୍ଷଲତା, ଗୁଳ୍ମଆଦି,ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ । ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ । ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି । ଶିକାରୀମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ ।

ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି । ବନ୍ୟଜନ୍ତୁ

**ଅକ୍ଷୟ କୁମାର ରାଉତ**

ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତା'ର ଆୟତନ ୪୩.୭୧୬ ଲକ୍ଷ୨ ଓ ୫୬୬ ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ ଲକ୍ଷ୨ ଅଟେ । ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି । ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ । ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି । ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି । ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି । ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ(ରଜ), ମହାନଦୀ (ରଜ) ସମ୍ବଲପୁର (ରଜ) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି ।

କେନ୍ଦ୍ର ସରକାର ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ The Indian Board For Wildlifର ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି । ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ । ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ । ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି । ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତ୍ତ କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି । ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର , ମୟୂର, ଶୁଆଶାରୀ, ଚିଲ, ଛଞ୍ଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି । ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି । ହିମାଳୟ ପାଦ ଦେଶାଞ୍ଚଳ, ଓଡ଼ିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି । ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି । ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି । ହିମାଳୟ ପାର୍ବତ୍ୟାଞ୍ଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ । ମଧ୍ୟ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି । ଓଡ଼ିଶାର ସରୀସୃପମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ । ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି ।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି । ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି । ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ ।

"ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା" ।



# ସେବନ କରନ୍ତୁ ଏକ ମୁଠା ଚଣା



ଗୁଡ ଓ ଚଣା ଉଭୟ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଏହା ସ୍ୱାସ୍ଥ୍ୟ ପାଇଁ ବରଦାନ । ବିଶେଷ କରି ଶୀତଦିନେ ଗୁଡର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ? ଉପକାରୀ । ମାତ୍ର ଗୁଡ ସହ ଚଣା ମିଶାଇ ଖାଇବା ଦ୍ୱାରା ଏହାର ଉପକାରୀ ଗୁଣ ଦ୍ୱିଗୁଣିତ ହୋଇ ଯାଏ । ଏଥିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ , ଫାଇବର ଓ କ୍ୟାଲସିୟମ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି । ଯାହା ସ୍ୱାସ୍ଥ୍ୟ ପାଇଁ ଅନେକ ଉପକାର କରିଥାଏ । ଗୁଡ ଓ ଚଣାର ସେବନ ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ । ଏହା ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରିଥାଏ । ଗର୍ଭବତୀ ମହିଳାମାନେ ଏହାର ସେବନ କରିବା ଦ୍ୱାରା ଅନେକ ଲାଭ ମିଳିଥାଏ । ଏଥିରେ ଆଇରନ ଭରପୁର ମାତ୍ରାରେ ଥିବାରୁ ରକ୍ତର ଅଭାବକୁ ଦୂର କରିଥାଏ । ଚଣାରେ କ୍ଷୀର ଓ ଦହି ଭଳି କ୍ୟାଲସିୟମ ରହିଛି । ଏହା ହାଡକୁ ମଜଭୂତ କରିଥାଏ । ଚଣା ଖାଇବା ଦ୍ୱାରା ହଜମ କ୍ରିୟା ସୁସ୍ଥ ରହିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ମଜଭୂତ ହୋଇଥାଏ । ଏହା ଶରୀରକୁ ସୁସ୍ଥ ରଖିଥାଏ । ଗୁଡ ସହ ଚଣାର ସେବନ କରିବା ଦ୍ୱାରା ମସ୍ତିଷ୍କ ସୁସ୍ଥ ଓ ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ । ଖାଦ୍ୟ ମଧ୍ୟ ଭଲ ଭାବେ ହଜମ ହୋଇଥାଏ । ଫାଇବରରେ ଭରପୁର ଚଣାର ସେବନ କରିବା ଦ୍ୱାରା ପେଟ ଅଧିକ ସମୟ ଯାଏଁ ଭର୍ତ୍ତି ହେବା ଭଳି ରହିଥାଏ । ବାରମ୍ବାର ଭୋକ ଲାଗିନଥାଏ । ଫଳରେ ଓଜନ ହ୍ରାସ ସହଜରେ ହୋଇଥାଏ । ଦୁର୍ବଳତା କାରଣରୁ ଅନେକ ସମୟରେ ମହିଳାଙ୍କ ଅଣ୍ଟାରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏଥିରୁ ମୁକ୍ତି ପାଇବା ପାଇଁ ନିୟମିତ ଏକ ମୁଠା ଚଣା ଓ ଅଳ୍ପ ପରିମାଣରେ ଗୁଡର ସେବନ କରନ୍ତୁ ।




# ଅଧିକ ଲୁଣ ଥିବା ଖାଦ୍ୟର ମାରାତ୍ମକ



ବର୍ତ୍ତମାନ କର୍ମବ୍ୟସ୍ତତା ହେଉ ଅଥବା ପରିବର୍ତ୍ତନଶୀଳ ଜୀବନଶୈଳୀ କାରଣରୁ ଅଧିକାଂଶ ମାନସିକ ଦୁଶ୍ଚିନ୍ତାରେ ରହିଥାଆନ୍ତି । ନିଜର ଖାଦ୍ୟପେୟ ଓ କାର୍ଯ୍ୟକଳାପ ମସ୍ତିଷ୍କ ଉପରେ ଅନେକ ପ୍ରଭାବ ପକାଇଥାଏ । ତେବେ ବିଶେଷ କରି କାମର ଅଧିକ ପ୍ରଭାବ, ପାରିବାରିକ ସମସ୍ୟା ଓ ଦାୟିତ୍ୱ କାରଣରୁ ସଭିଏଁ ଚିନ୍ତାଗ୍ରସ୍ତ ରଖିଥାଆନ୍ତି । ମାତ୍ର ବର୍ତ୍ତମାନ ଏକ ଅଧ୍ୟୟନ ଅନୁଯାୟୀ ବିଶେଷଜ୍ଞଙ୍କ ମତରେ ସଠିକ ଭାବେ ଖାଦ୍ୟପେୟ ସେବନ ନକରିବା ଦ୍ୱାରା ଏହାସହ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ନଦେବା ଦ୍ୱାରା ଏହା ମସ୍ତିଷ୍କ ଉପରେ ଅନେକ ପ୍ରଭାବ ପକାଇଥାଏ । ଦୁଶ୍ଚିନ୍ତା ବଢାଇଥାଏ । ଅଧ୍ୟୟନ ଅନୁଯାୟୀ, ନିଜ ଖାଦ୍ୟରେ ଅଧିକ ଲୁଣ ସେବନ କରୁଥିଲେ, ଅଧିକ ଲୁଣ ବ୍ୟବହାର ହେଉଥିବା ଖାଦ୍ୟ ଖାଇଲେ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇଥାଏ । ଅନେକ ଲୋକେ ଭୋଜନରେ ଅଧିକ ଲୁଣ ଖାଇବାକୁ ପସନ୍ଦ କରିଥାଆନ୍ତି । ତାଙ୍କର ଏହି ଅଭ୍ୟାସ ପାଇଁ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି ହେବା ସହ ଅନେକ ଗମ୍ଭୀର ରୋଗର କାରଣ ପାଲଟିଥାଏ । ବିଶେଷ କରି ଉଚ୍ଚ ରକ୍ତଚାପ, କୋଲେଷ୍ଟେରୋଲ ରୋଗୀଙ୍କୁ କମ୍ ଲୁଣ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ବିଶେଷଜ୍ଞଙ୍କ ମତାନୁଯାୟୀ, ଅଧିକ ଲୁଣ ସେବନ କରିବା ଦ୍ୱାରା ମସ୍ତିଷ୍କ ଉପରେ କୁପ୍ରଭାବ ପଡିଥାଏ । ମସ୍ତିଷ୍କ ଉପରେ ପ୍ରାୟ ୭୫% ଯାଏଁ ପ୍ରଭାବ ପକାଇଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ କ୍ଷତିକାରକ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଉତ୍ତମ ସ୍ୱାସ୍ଥ୍ୟ ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଗୋଟିଏ ଦିନରେ ପ୍ରାୟ ୬ ଗ୍ରାମ ଲୁଣ ସେବନ କରିବା ଆବଶ୍ୟକ । ମାତ୍ର ଅଧିକାଂଶ ଲୋକେ ଦିନ ମଧ୍ୟରେ ପ୍ରାୟ ୯ ଗ୍ରାମ ଲୁଣର ବ୍ୟବହାର କରିଥାଆନ୍ତି । ଅଧିକ ଲୁଣର ସେବନ ହୃଦରୋଗ, ହୃଦ ଜନିତ ସମସ୍ୟା,ଷ୍ଟ୍ରୋକ୍ର ସମ୍ଭାବନା ଅଧିକ ସୃଷ୍ଟି ହୋଇଥାଏ । ଅଧିକ ଲୁଣର ସେବନ ଦ୍ୱାରା ବ୍ୟବହାରରେ ପରିବର୍ତ୍ତନ ସହ ଚିଡଚିଡାପଣ ବୃଦ୍ଧି ପାଇଥାଏ ।ଏହାସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ ।

# ମନିପ୍ଲାଣ୍ଟ ଗଛ କରିଦେଇପାରେ କାଙ୍ଗାଳ



ଯେଉଁ ଘରେ ମନି ପ୍ଲାଣ୍ଟ ଲଗାଯାଇଥାଏ, ସେହି ଘରେ ଅର୍ଥର ଅଭାବ ରୁହେନି । ଏହି ଗଛକୁ ଘରେ ଲଗାଇବା ଦ୍ୱାରା ପାରିବାରିକ ଜୀବନ ସୁଖ ଏବଂ ସମୃଦ୍ଧିରେ ଭରିଯାଏ ବୋଲି ବିଶ୍ୱାସ ରହିଛି । କିନ୍ତୁ ଏହି ଗଛ ଠିକ୍ ଫଳ ସେତେବେଳେ ଦେଇଥାଏ ଯେତେବେଳେ ଏହାକୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରେ ଲଗାଯାଇଥାଏ । ନଚେତ ଏହା ଆପଣଙ୍କୁ ଧନୀ ପରିବର୍ତ୍ତେ ଗରିବ କରିବାର ବି ଆଶଙ୍କା ରହିଛି । ଘରେ ଯେପରି କେବେ ଟଙ୍କାର ଅଭାବ ପରିଲକ୍ଷିତ ନ ହେବ, ସେହି ଆଶାରେ ଲୋକେ ଘରେ ମନିପ୍ଲାଣ୍ଟ ଲଗାଇଥାନ୍ତି । କିନ୍ତୁ ଯଦି ଏହି ଗଛ ଲଗାଇବା ଦ୍ୱାରା ଆପଣଙ୍କ ଘରେ ଉନ୍ନତି ନୁହେଁ ଅବନତି ପରିଲକ୍ଷିତ ନୁହେଁ, ସବୁବେଳେ ଧନସମ୍ପତ୍ତିରେ ଭରପୂର ରହୁଥିବା ଘରେ ଟଙ୍କାର ଅଭାବ ଅନୁଭୂତ ହୁଏ, ତେବେ ଆପଣ ଜାଣି ରଖନ୍ତୁ ଆପଣ ମନିପ୍ଲାଣ୍ଟ ଲଗାଇବାରେ ଠିକ୍ ? ଭାବେ ବାସ୍ତୁଶାସ୍ତକୁ ପାଳନ କରି ନାହାନ୍ତି । ତେଣୁ ଜାଣି ରଖନ୍ତୁ, କିପରି ଏହି ଗଛ ଲଗାଇବେ ଯାହାକୁ ଆପଣଙ୍କ ଆଶା ମୁତାବକ ଫଳ ଦେବ । ୧- ଘରର ସୁଖ ଏବଂ ସମୃଦ୍ଧି ବଜାୟ ରହୁ ବୋଲି ଚାହୁଁଥିଲେ ଘରର ଉତ୍ତର-ପୂର୍ବ ଦିଗରେ କଦାପି ଏହି ଗଛ ଲଗାନ୍ତୁ ନାହିଁ । କୁହାଯାଏ ଯଦି ଆପଣ ଏହି ଦିଗରେ ଏକ ମନି ପ୍ଲାଣ୍ଟ ଲଗାନ୍ତି ତେବେ ଆପଣ ଋଣଗ୍ରସ୍ତ ହେବେ ।

# ଚାଣକ୍ୟ ନୀତି

ଚାଣକ୍ୟଙ୍କ ଅନୁଯାୟୀ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ହେଉଛି ଦୁନିଆର ସବୁଠାରୁ ଶକ୍ତିଶାଳୀ ସମ୍ପର୍କ । ଏହି ସମ୍ପର୍କରେ ଏହି ଜିନିଷଗୁଡ଼ିକୁ କେବେବି ଅନୁମତି ଦିଆଯିବା ଉଚିତ୍ ନୁହେଁ । ଚାଣକ୍ୟ ନିତୀରେ ଆଚାର୍ଯ୍ୟ ଚାଣତ୍ୟ ମଧ୍ୟ ଏକ ସୁଖୀ ଦାମ୍ପତ୍ୟ ଜୀବନ ବିଷୟରେ ଆଲୋଚନା କରିଛନ୍ତି । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ କିପରି ମଜବୁତ କରାଯିବ ଓ କେଉଁ ଜିନିଷଗୁଡ଼ିକର ଯତ୍ନ ନିଆଯିବା ଉଚିତ୍ । **୧.** ଚାଣକ୍ୟ ନୀତି ଅନୁଯାୟୀ, ଏହି ସମ୍ପର୍କରେ ସନ୍ଦେହକୁ ଅନୁମତି ଦେବା ଉଚିତ୍ ନୁହେଁ । ଏହି ସମ୍ପର୍କକୁ ଦୁର୍ବଳ କରିବାରେ ସନ୍ଦେହ ସବୁଠାରୁ ବିଶେଷ ଭୂମିକା ଗ୍ରହଣ କରିଥାଏ । ଏହା ଭୁଲ ବୁଝାମଣାର କାରଣ ହୋଇଥାଏ ଓ ପରେ ଏହି ସନ୍ଦେହ ଜୀବନରେ ବିଷ ଭରି ଦେଇଥାଏ । କୁହାଯାଏ ଯେ ଥରେ ସନ୍ଦେହ ପ୍ରବେଶ କଲେ ଏହା ସହଜରେ ଦୂର ହୁଏ ନାହିଁ । ସମ୍ପର୍କରେ ପରିପକ୍ୱତା ରହିବା ଉଚିତ୍ । **୨.** ଚାଣକ୍ୟ ନିତୀରେ କୁହାଯାଇଛି ଯେ ଇଗୋ ବିବାହିତ ଜୀବନରେ ବିଷକୁ ତରଳାଇବା ପାଇଁ କାମ କରେ । ଏହା ସମ୍ପର୍କକୁ ନଷ୍ଟ କରିଥାଏ । ଏଥିରୁ ଦୂରରେ ରହିବାକୁ ଚେଷ୍ଟା କରନ୍ତୁ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଇଗୋ ପାଇଁ କୌଣସି ସ୍ଥାନ ରହିବା ଉଚିତ୍ ନୁହେଁ । **୩.** ଆଚାର୍ଯ୍ୟ ଚାଣକ୍ୟଙ୍କ ଅନୁଯାୟୀ, ଯଦି ଦାମ୍ପତ୍ୟ ଜୀବନକୁ ସୁଖମୟ କରାଯାଏ, ତେବେ ଏଥିରେ ମିଥ୍ୟା ରହିବାର ସ୍ଥାନ ରହିବା ଉଚିତ୍ ନୁହେଁ । ମିଥ୍ୟା ସ୍ୱାମୀ ଓ ସ୍ତ୍ରୀଙ୍କ ସମ୍ପର୍କକୁ ଦୁର୍ବଳ କରିବାକୁ ଚେଷ୍ଟା କରେ । ତେଣୁ ଆପଣ ଏଥିରୁ ଦୂରରେ ରହିବା ଉଚିତ୍ ।






# ଘରେ ବାସ୍ତୁଦୋଷ ଅଛି କି ?

ଘରେ ବାସ୍ତୁଦୋଷ ଅଛି ବୋଲି ଜାଣିବେ କିପରି ? ଘରେ ବାସ୍ତୁ ଦୋଷ ରହିଲେ ବିଭିନ୍ନ ସମସ୍ୟା ଉପୁଜେ । ଅନେକ ସମୟରେ ଆମେ ସେହି ସବୁ ସମସ୍ୟା ଘରର ବାସ୍ତୁଦୋଷ ହେତୁ ଘଟୁଛି ବୋଲି ଜାଣିପାରୁନାହିଁ । ସେଥିପାଇଁ ଯେତେ ଯାହା କଲେ ବି ସେଗୁଡ଼ିକର ସମାଧାନ ହୋଇପାରେ ନାହିଁ । ତା'ହେଲେ ଘରେ ବାସ୍ତୁଦୋଷ ଅଛି ବୋଲି କେମିତି ଜାଣିବେ ? ଏନେଇ ଜଣାଶୁଣା ବାସ୍ତବିଦ୍ ଡକ୍ଟର ମନୋଜ ଲେଙ୍କା କିଛି ଟିପ୍ସ ଦେଇଛନ୍ତି । ସେଗୁଡ଼ିକ ସଂପର୍କରେ ଜାଣି ନିଅନ୍ତୁ । ବିନା କାରଣରେ ଘରେ ଛୋଟ ପିଲା ବାରମ୍ବାର କାନ୍ଦିବା ଘରର ଛାତ ଦୁମ୍ ଦୁମ୍ ହେବା , ରାତିରେ ଘରେ ଭୟ ଲାଗିବା, ଘରେ ଜିନିଷ ଆପେ ଆପେ ପଡ଼ିବା ଓ ଭାଙ୍ଗିଯିବା କାରଣ ନଥାଇ ମାନସିକ ଅଶାନ୍ତି ଦେଖାଦେବା, ଘରେ କଳହ ଲାଗି ରହିବା, ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା, ପିଲାମାନେ ଅବାଧ୍ୟ ହେବା, ବାରମ୍ବାର ଦୁର୍ଘଟଣାର ଶିକାର ହେବା, ଆର୍ଥିକ ସ୍ଥିତି ଖରାପ ହେବା, କ୍ୟାରିୟରରେ ସମସ୍ୟା ଦେଖାଦେବା, କେସ୍ ? କଚେରି ମାମଲାରେ ଜଡ଼ିତ ରହିବା, ବିବାହରେ ବିଳମ୍ବ ହେବା, ଘରେ କୌଣସି ଶୁଭ କାମ ନ ହେବା

# ଶୋଇବା ପୂର୍ବରୁ ଖାଆନ୍ତୁ ନାହିଁ ଏହି ଜିନିଷ



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଲୋକମାନେ ଶୋଇବାକୁ ସମୟ ପାଉନାହାନ୍ତି । ଦିନଯାକର କାମ ସାରି ଖଟକୁ ଯାଉ ଯାଉ ରାତି ୧୨ଟା ବାଜୁଛି । ପ୍ରାୟ ୯୦ ପ୍ରତିଶତ ଲୋକ ରାତିରେ ୧୨ଟା ପରେ ଶୋଇବାକୁ ଯାଇଥାନ୍ତି । ମାତ୍ର ଡାକ୍ତରଙ୍କ କହିବାନୁସାରେ ରାତିରେ ଡେରିରେ ଶୋଉଥିବା ଲୋକଙ୍କ ସ୍ୱାସ୍ଥ୍ୟରେ ...ବନତି ଘଟିଥାଏ । ଏମାନେ ଶୀଘ୍ର ରୋଗାଗ୍ରସ୍ତ ... କେବଳ ଏତିକି ନୁହେଁ ଡେରିରେ ଶୋଉଥିବା ଲୋକଙ୍କ ...ଚାପ, ମୋଟାପଣ, ଆଳସ୍ୟ, ବଦହଜମି ଆଦି ସମସ୍ୟା ...ଦେଖାଯାଏ । ଏଣୁ ଲୋକଙ୍କୁ ଶୀଘ୍ର ଶୋଇ ଶୀଘ୍ର ଉଠିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । କିଛି ଲୋକଙ୍କୁ ଅନେକ କାରଣ ବଶତଃ ଶୀଘ୍ର ନିଦ ମଧ୍ୟ ଆସେ ନାହିଁ । ରାତିରେ ଯଦି ଆପଣଙ୍କୁ ଭଲ ନିଦ ହେଉନି ତେବେ ସର୍ବପ୍ରଥମେ ଆପଣ ଶୋଇବା ପୂର୍ବରୁ ଗ୍ରହଣ କରୁଥିବା ଖାଦ୍ୟ ବଦଳାଇବା ଆବଶ୍ୟକ । କାରଣ ଗ୍ୟାସ୍ ସମସ୍ୟା ସୃଷ୍ଟି କରୁଥିବା ଖାଦ୍ୟ, ଅମ୍ଳୀୟ ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ, ମିଠା ଖାଦ୍ୟ ନିଦ୍ରାକୁ ପ୍ରଭାବିତ କରିଥାଏ । ଶାନ୍ତି ନିଦ୍ରା ପାଇଁ ରାତ୍ରି ଭୋଜନ ଉପରେ ଧ୍ୟାନ ଦେବା ଜରୁରୀ । ଶୋଇବା ପୂର୍ବରୁ ଯଦି ଆପଣ ଭୁଲ ଖାଦ୍ୟ ଖାଆନ୍ତି ଏହା ଆପଣଙ୍କ ଆଖିରୁ ନିଦ ହଜାଇ ନେବା ସ୍ୱାଭାବିକ ।ଏବେ ଜାଣନ୍ତୁ ରାତିରେ ଶୋଇବା ପୂର୍ବରୁ କେଉଁ ଜିନିଷଠୁ ଦୂରେଇ ରହିବା ଜରୁରୀ । ଶୋଇବା ପୂର୍ବରୁ ଚା କିମ୍ବା କଫି ପିଅନ୍ତୁ ନାହିଁ : ଚା, କଫି ଓ ସୋଡାରେ କ୍ୟାଫିନଯୁକ୍ତ ଖାଦ୍ୟ ପଦାର୍ଥ ହୋଇଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଶୋଇବା ପୂର୍ବରୁ ପିଇବାକୁ ବାରଣ କରିଥାନ୍ତି ।

# ଧ୍ୟାନ



ସୁସ୍ଥ ଶରୀର ପାଇଁ ବ୍ୟାୟାମ ଓ ଧ୍ୟାନ କରିବା ନିତାନ୍ତ ଆବଶ୍ୟକ । ସାରା ଦିନ ଭଲରେ ବିତିବା ପାଇଁ ସକାଳ ସମୟରେ ଧ୍ୟାନ କରିବା ଏକ ସ୍ୱାସ୍ଥ୍ୟକର ଉପାୟ । କିଛି ସମୟର ଧ୍ୟାନ ଦୁଶ୍ଚିନ୍ତା ସ୍ତରକୁ ସମ୍ପୂର୍ଣ୍ଣ ଭାବେ ହ୍ରାସ କରିଥାଏ । ଚିନ୍ତାକୁ ନିଜ ଠାରୁ ଦୂରେଇ ରଖିବା ପାଇଁ ସଠିକ ନିଷ୍ପତ୍ତି ନେବା ପାଇଁ ଧ୍ୟାନ କରିବା ଖୁବ ସହାୟକ ହୋଇଥାଏ । ଧ୍ୟାନ ଶରୀର ସହ ଜଡିତ ହେଉଥିବା ଏକ ଅଦ୍ଭୁତ ଅଭ୍ୟାସ । ଏହା ହୃଦୟ ଗତିକୁ ନିୟନ୍ତ୍ରଣ ରଖିବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ ଥିବା ସମସ୍ତ ବାଧା ଦୂର କରେ । ନିଜ ବିଚାରକୁ ଉନ୍ନତରୁ ଉନ୍ନତ କରିବାରେ ସହାୟକ ହୋଇଥାଏ । ସଠିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ । ମନକୁ ଶାନ୍ତ ଓ ରାଗକୁ ନିୟନ୍ତ୍ରଣରେ ରଖେ । ଧ୍ୟାନ କରିବା ଦ୍ୱାରା ଚିନ୍ତାଧାରା ନିୟନ୍ତ୍ରଣ ହୋଇ ରହିବା ସହ ଏହା ଶରୀରରେ ଏକ ପ୍ରକାର ହରମୋନ୍ ? ବଢାଇ ଥାଏ । ଯାହା ଦ୍ୱାରା ଆପଣ ସୁସ୍ଥ ଓ ସତେଜ ଅନୁଭବ କରିଥାଆନ୍ତି । ସକାଳେ ଧ୍ୟାନ ନିଶ୍ଚୟ କରନ୍ତୁ । ଏହାଦ୍ୱାରା କାମ ପାଇଁ ଆଗ୍ରହ ଆସିବା ସହ ଚିନ୍ତା କମ ହୋଇଥାଏ । ଧ୍ୟାନ କରିବା ଦ୍ୱାରା ଧୈର୍ଯ୍ୟ ଶକ୍ତି ବୃଦ୍ଧି ହେବା ସହ ପାଗ ପରିବର୍ତ୍ତନ କାରଣରୁ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣକୁ ଶରୀରକୁ ଦୂରେଇ ରଖିଥାଏ । ଶରୀରର ଯନ୍ତ୍ରଣା,ମୁଣ୍ଡବିନ୍ଧା ଆଦି ଦୂର କରିଥାଏ । ମସ୍ତିଷ୍କକୁ ସୁସ୍ଥ ରଖିବାରେ ମଧ୍ୟ ବେଶ ସହାୟକ ହୋଇଥାଏ ।



# ଟେନସନରେ ରହୁଥିଲେ

ନିଶ୍ୱାସ ନେବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଜନ୍ମରୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହି କାର୍ଯ୍ୟ କ୍ରମାଗତ ଭାବରେ ଚାଲିଥାଏ । ଅନେକ ଥର ଆପଣ ନିଶ୍ଚୟ ଅନୁଭବ କରିଥିବେ ଯେ ଆପଣ ଏକ ଗଭୀର ନିଶ୍ୱାସ ନେବା ମାତ୍ରେ ରିଲାକ୍ସ ଲାଗେ । ଅଧିକାଂଶ ବିଶେଷଜ୍ଞ କୁହନ୍ତି ଯେ ଏହା କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ । ଏବେ ଜାଣନ୍ତୁ ଦୀର୍ଘ ନିଶ୍ୱାସ ନେବା ଦ୍ୱାରା କେଉଁ ସମସ୍ୟାରୁ ମୁକ୍ତି ମିଳିଥାଏ.. ମନ ଭଲ ରହିବ: ଶ୍ୱାସକ୍ରିୟା ମାଧ୍ୟମରେ, ଆମେ ଆମର ଚିନ୍ତାଧାରାକୁ ଆମ ମନରୁ ବାହାର କରିପାରିବା । ଯେତେବେଳେ ତୁମେ ତୁମର ନିଶ୍ୱାସ ସହିତ ସଂଯୋଗ କରିବାକୁ ସକ୍ଷମ, ତୁମେ ନିଜ ସହିତ ଏକ ଗଭୀର ସଂଯୋଗ ଅନୁଭବ କରିବା ଆରମ୍ଭ କର । ଏହା ଆତ୍ମ ପ୍ରେମ ପ୍ରକ୍ରିୟା ଆରମ୍ଭ କରେ । ଇମ୍ୟୁନିଟି ବୁଷ୍ଟ: ଡାଏଫ୍ରାଗମେଟିକ୍ ଶ୍ୱାସକ୍ରିୟା ଫୁସଫୁସକୁ ସମ୍ପ୍ରସାରଣ କରେ, ଅମ୍ଳଜାନ ଅବଶୋଷଣ କ୍ଷମତା ବଢାଏ, କର୍ଟିସୋଲ୍ ସ୍ତରକୁ ହ୍ରାସ କରେ, ରକ୍ତଚାପ ନିୟନ୍ତ୍ରଣ ରଖେ, ସ୍ୱୟଂଶାସିତ ସ୍ନାୟୁ ପ୍ରଣାଳୀରେ ଉନ୍ନତି ଆଣେ, ଯାହାଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଅମ୍ଳଜାନ ଶକ୍ତି : ଶ୍ୱାସକ୍ରିୟା ରକ୍ତରେ ଅମ୍ଳଜାନ କ୍ଷମତାକୁ ଉନ୍ନତ କରିଥାଏ ଯାହାଦ୍ୱାରା ଶକ୍ତି ସ୍ତର ଏବଂ ଦୃଢତା ବଢିଥାଏ । ସଠିକ୍ ଶ୍ୱାସକ୍ରିୟା ଦ୍ୱାରା ରକ୍ତ ପ୍ରବାହ ବୃଦ୍ଧି ପାଇଥାଏ, ଯାହା ହଜମକାରୀ ଅଙ୍ଗକୁ ଭଲ କାମ କରିବାରେ ସାହାଯ୍ୟ କରିଥାଏ ଏବଂ ଏହା ମେଟାବୋଲିଜିମ୍ କୁ ତ୍ୱରାନ୍ୱିତ କରିଥାଏ । ଟେନସନରୁ ମୁକ୍ତି: ଯେତେବେଳେ ଟେନସନ ଥାଏ, ଆମେ ନିଶ୍ୱାସ ନେବାରେ ଟିକେ ସମସ୍ୟା ହୋଇଥାଏ । । ଏମିତିରେ ଟେନସନ ଅଧିକ ମଧ୍ୟ ବଢ଼େ । ତେଣୁ ଚିନ୍ତାରେ ଥିବା ସମୟରେ ଭାରି ନିଶ୍ୱାସ ନିଅନ୍ତୁ । ଏମିତିରେ ଆପଣଙ୍କୁ ଟିକେ ରିଲାକ୍ସ ମଧ୍ୟ ଲାଗିବ । ଦୁଶ୍ଚିନ୍ତା ଓ ଅବସାଦ: ନିଶ୍ୱାସ ପ୍ରଶ୍ୱାସ ମାନସିକ ସ୍ୱାସ୍ଥ୍ୟ ସମସ୍ତ ସୂଚନା କୁ ଦର୍ଶାଇଥାଏ। ଡିପ ବ୍ରେଥ ଦ୍ୱାରା ଆମ ମନ ଭଲ ରୁହେ । ଏବଂ କିଛି ନୂଆ କରିବାକୁ ଇଚ୍ଛା ହୁଏ । ଗଭୀର ନିଦ୍ରା: ଶ୍ୱାସକ୍ରିୟା ବ୍ୟାୟାମ ଆମକୁ ଅତ୍ୟଧିକ ଚିନ୍ତା କରିବାରୁ ରୋକିଥାଏ ଏବଂ ସତର୍କ ରହିବାକୁ ସାହାଯ୍ୟ କରିଥାଏ, ଯାହାଦ୍ୱାରା ଆପଣ ପରିସ୍ଥିତିରେ ନିଜକୁ କଣ୍ଟ୍ରୋଲ କରିପାରିବେ । । ଶ୍ୱାସକ୍ରିୟା ବ୍ୟାୟାମ ଆମ ପାରାସିମ୍ପାଥେଟିକ୍ ସ୍ନାୟୁ ପ୍ରଣାଳୀକୁ ସିଧାସଳଖ ପ୍ରଭାବିତ କରିଥାଏ ଏବଂ ଶରୀରକୁ ଶାନ୍ତ ହେବାକୁ ସଙ୍କେତ ଦେଇଥାଏ ।

## ଦୁଇ ନାଗ ସମେତ ୧୦ଫୁଟ ର ଅହିରାଜ ଉଦ୍ଧାର

ଚିକିଟୀ ୨୦/୪(ନି.ପ୍ର): ଚିକିଟୀ ସ୍ଥିତ ଅବକାରୀ ଅଫିସ କୋଠା ରୁ ଏକ ୫ ଫୁଟ ଲମ୍ବରସ ନାଗ ସାପ ଉଦ୍ଧାର ହୋଇଛି ।ସାପଟିର ଓଜନ ପ୍ରାୟ ୫କେଜି ହୋଇଥିବା ବେଳେ ବୟସ ୧୦/୧୧ ବର୍ଷ ହେବ ବୋଲି ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।ଅଫିସ ଖୋଲିବା ବେଳେ ସାପ ରହିଥିବା ଜଣାପଡିବା ପରେ ବିଭାଗ ସ୍ନେକ ହେଲ୍ପଲାଇନ କୁ ଖବର ଦେଇଥିଲେ । ଖବର ପାଇ ସ୍ନେକ ହେଲ୍ପଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ତୁରନ୍ତ ପହଞ୍ଚି ଉକ୍ତ ସାପ କୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲ ରେ ଛାଡି ଥିବା ଜଣାପଡିଛି ।ସେହିପରି ଚିକିଟୀ ବିଜ୍ଞାପିତ ଅଞ୍ଚଳ ପରିଷଦ ବଡ଼ସାହି ସାନଦେବ ସାହି ଛକ ନିକଟରୁ ଏକ ଅବିକଳ ନାଗ ସାପ ଉଦ୍ଧାର ହୋଇଥିବା ବେଳେ ଚିକିଟୀ ଗଡ଼ ହରିଜନ ସାହି ନିକଟରୁ ଏକ ପ୍ରାୟ ୧୦ଫୁଟ ଲମ୍ବର ଏକ ଅହିରାଜ ସାପ ଉଦ୍ଧାର ହୋଇଛି ।ଅହିରାଜ ଅସୁସ୍ଥ ଥିବା ବେଳେ ନିକଟ ପ୍ରାଣୀ ଚିକିତ୍ସା ଳୟ ରେ ଚିକିତ୍ସା କରାଯାଇ ସମସ୍ତ ଉଦ୍ଧାର ସାପକୁ ବନ ବିଭାଗ ଉପସ୍ଥିତି ରେ ନିକଟ କେରାଣ୍ଡିମାଳ ଜଙ୍ଗଲ ରେ ଛଡା ଯାଇଛି ।

## ବିଏନଏସଏସ ସମ୍ବନ୍ଧରେ ବାଣପୁରରେ ଆଇନ ସଚେତନତା କାର୍ଯ୍ୟକ୍ରମ

ବାଣପୁର ୨୦/୪(ନି.ପ୍ର): ଶନିବାର ଦିନ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ଏନଏସି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ-୧ ପରିସରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନଏସଏସ) ସମ୍ବନ୍ଧରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେଓ୍ୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଣପୁର ଓକିଲ ସଂଘ ସମ୍ପାଦକ ଜଗଦିଶ ପଟ୍ଟନାୟକ, ଫ୍ରଣ୍ଟ ଅଫିସ ରିଟେନର ଦେବୀପ୍ରସାଦ ସାମନ୍ତରାୟ, ବିଦ୍ୟାଳୟ ଶିକ୍ଷୟିତ୍ରୀ ଏବଂ ଅନ୍ୟ ଓକିଲ ଯୋଗଦେଇଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିମାନେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ବିଭିନ୍ନ ଧାରା,ଉପଧାରା,ଏତଲା, ଜାମିନ,ସମନ, ୱାରେଣ୍ଟ, ଆଇନଗତ ପରାମର୍ଶ, ସାହାଯ୍ୟ, ଅପିଲ ବିଷୟରେ ଆଲୋଚନା କରିଥିଲେ । ଅନୁରୂପ ଭାବେ ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଏନଏସଏସ ରେ ଛାତ୍ରଛାତ୍ରୀଙ୍କ ପାଇଁ ଉଦିଷ୍ଟ ବିଭିନ୍ନ ଆଇନ ସେବା ସମ୍ବନ୍ଧରେ ସଚେତନ କରାଇଥିଲେ ।

## ମୋଟାବାଡି ହାଇ ସ୍କୁଲରେ ଅଭିଭାବକ ଶିକ୍ଷକ ସଂଘ ବୈଠକ



ବୁଗୁଡ଼ା ୨୦/୪(ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡ଼ା ବ୍ଲକର ମୋଟାବାଡି ଗ୍ରାମର ଶ୍ରୀ ଗୋପୀନାଥ ବିଦ୍ୟାପୀଠ ଅଭିଭାବକ ଶିକ୍ଷକ ସଂଘର ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏପ୍ରିଲ ୧୯ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଭିଭାବକ, ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ବୃନ୍ଦ ଯୋଗଦେଇଥିଲେ । ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଜଗନ୍ନାଥଙ୍କ ଭଜନ ପରିବେଷଣ ହୋଇଥିଲା । ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଜର ବକ୍ତବ୍ୟରେ ଶିକ୍ଷାର ଗୁଣାତ୍ମକ ମାନର ବୃଦ୍ଧି ନିମନ୍ତେ ୱାଟ୍ସଆପ୍ ଗ୍ରୁପ, ଜୁନିୟର ରେଡ଼ କ୍ରସ,ସ୍କାଉଟ ଏଣ୍ଡ ଗାଇଡସ ଗଠନ କରି ଛାତ୍ରଛାତ୍ରୀମନଙ୍କୁ ଶିକ୍ଷକ ଓ ଶିକ୍ଷୟତ୍ରୀ ବୃନ୍ଦଙ୍କ ସହ ଜଡ଼ିତ ହେବାପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦୈନିକ ଉପସ୍ଥାପନା ଯେପରି ଶତପ୍ରତିଶତ ରହିବ ସେ ଦିଗରେ ଆଭିଭବକ ବୃନ୍ଦ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ହୋଇଥିବା ପ୍ରକାଶ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ 'ପଞ୍ଚସଖା ଶିକ୍ଷା ସେତୁ' ଆଲୁମିନା ଗ୍ରୁପ ଗଠନ କରାଯାଇଥିବା ପ୍ରଧାନ ଶିକ୍ଷକ ସୂଚନା ଦେଇଥିଲେ । ଏହି ସଭାରେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ଆଲୁମିନା ଗ୍ରୁପର ସଭାପତି ବାବୁଲି ମହାରଣାଙ୍କ ସମେତ ପୂରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ବୃନ୍ଦ ଅଂଶ ଗ୍ରହଣ କରିଥିଲେ ।

## ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା

# ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲରେ ସଂଶୋଧନ ଆବଶ୍ୟକତା ଥିଲା: ଦୁଷ୍ୟନ୍ତ ଗୌତମ

ଭୁବନେଶ୍ୱର, ୨୦/୦୪: ଗରୀବଙ୍କ ହକ୍ କେବଳ ଗରୀବଙ୍କୁ ହିଁ ମିଳିବ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ "ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ"କୁ ପାଥେୟ କରି ଗରିବକଲ୍ୟାଣ ଯୋଜନାଗୁଡକି କାର୍ଯ୍ୟକାରୀ କରାଯାଉଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରୀବବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ମୋଦଜୀ ସଂକଳ୍ପ ନେଇଛନ୍ତି । ୨୦୨୫ ମସିହା ଏପ୍ରିଲ ୨ ଏକ ବଡ ଐତିହାସିକ ଦିନ ଅଟେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକଫ ବିଲ୍ ପାରିତ ହୋଇଛି । ଦେଶ ଓ ଲୋକଙ୍କ ହିତ ପାଇଁ ଏହି ବିଲ୍ ପାରିତ କରାଯାଇଛି । ଏହି ଐତିହାସିକ ନିଷ୍ପତିକୁ ଦେଶବାସୀ ସ୍ୱାଗତ କରିଛନ୍ତି । ଏହି ବିଲ୍ ପାରିତ ହେବା ଫଳରେ ୱାକଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତିକୁ ରକ୍ଷା କରାଯାଇ ପାରିବ । ୱକଫ୍ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢିପାରିବେ । ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ସଂଶୋଧିତ ୱାକଫ୍ ଅଧିନିୟମକୁ ନେଇ ଅନେକ ତର୍କ ବିତର୍କ ଚାଲିଛି । ଏହି ସଂଶୋଧିତ ଅଧିନିୟମ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ ଏବଂ ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ଦୁଶ୍ୟନ୍ତ ଗୌତମ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ "ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା"ରେ ଯୋଗଦେଇ ଶ୍ରୀ ଗୌତମ କହିଛନ୍ତି ଯେ, 'ୱାକଫ'ର ଅର୍ଥ ହେଉଛି 'ଦାନ' । ମାତ୍ର ଦାନ ସୂତ୍ରରେ ମିଳୁଥିବା ସଂପତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁନଥିଲା । ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ମା' ଓ ଭଉଣୀମାନଙ୍କୁ ବଂଚିତ ରଖାଯାଉଥିଲା । ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକଫ ବୋର୍ଡ'ର ସଂପତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରୀବ ଏବଂ ମୁସଲମାନ ସମ୍ପ୍ରଦାୟର ମା' ଓ ଭଉଣୀମାନେ କେବଳ



କଷ୍ଟ ଭୋଗୁଥିଲେ । କେବଳ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ 'ୱାକଫ' ସଂପତିକୁ ହଡପ କରିନେଉଥିଲେ । ଅନେକ ସ୍ଥାନରେ ୱାକଫ୍ ଜାଗାରେ ବଡ଼ ବଡ ହୋଟେଲ ଓ ମଲ୍ ଆଦି ତିଆରି ହୋଇଥିବା ନେଇ ଅନେକ ପ୍ରମାଣ ରହିଛି । 'ୱାକଫ' ସଂପତିର ଦୁରୁପଯୋଗକୁ ରୋକାଯାଇ ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲ ସଂଶୋଧନ ନିହାତି ଆବଶ୍ୟକତା ଥିଲା ବୋଲି ଶ୍ରୀ ଗୌତମ କହିଛନ୍ତି । ଏହି ଅଧିନିୟମ ବଳରେ ଦୁରୁପଯୋଗ ହେଉଥିବା ସମ୍ପତିର ରକ୍ଷା କରାଯାଇପାରିବ । ଏହି ଅଧିନିୟମ ବଳରେ କୌଣସି ମସ୍‌ଜିଦ୍, ଦରଘା କିମ୍ବା ଆସ୍ଥାସ୍ଥଳକୁ ଭଙ୍ଗାଯିବ ନାହିଁ । ମୁସ୍‌ଲମାନମାନଙ୍କ ନାମରେ ଥିବା କୌଣସି ସମ୍ପତିକୁ ଛୁଆଁ ଯିବ ନାହିଁ । ଯେଉଁମାନଙ୍କ ନାଁରେ ଯେଉଁ ସମ୍ପତି ରହିଛି, ସେମାନେ ହିଁ ତାହାର ମାଲିକ ରହିବେ । ଏହି ସଂଶୋଧିତ ଅଧିନିୟମ ବଳରେ ମୁସଲିମ୍ ସଂପ୍ରଦାୟର ବିଧବା ମହିଳାଙ୍କୁ ଘର ଓ ଗରିବଙ୍କୁ ରୋଜଗାର ମିଳିପାରିବ । ଏଥିସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଯେଉଁ ବିକାଶମୂଳକ କାର୍ଯ୍ୟ ପାଇଁ ଏହି ସମ୍ପତି ଦାନରେ ଦିଆଯାଇଥିଲା ତାହାକୁ ପାରଦର୍ଶିତାର ସହ ଚିହ୍ନଟ କରିବା ପାଇଁ ନୂତନ ଆଇନ୍‌ରେ ବ୍ୟବସ୍ଥା ରହିଛି । ପାରଦର୍ଶିତାର ସହ ୱାକଫ ବୋର୍ଡ ଗଠନ କରାଯାଇ ସେଥିରେ ସବୁଲୋକଙ୍କୁ ଯୋଡ଼ାଯିବ ଏବଂ ମୁସଲିମ୍ ସମ୍ପ୍ରଦାୟର ସାମୁହିକ ବିକାଶ କରାଯିବ ବୋଲି ଶ୍ରୀ ଗୌତମ କହିଛନ୍ତି । ମୁସଲିମ୍ ସମ୍ପ୍ରଦାୟର ବହୁ କ୍ଷତି ହେବ ବୋଲି କଂଗ୍ରେସ ଦଳ ଅପପ୍ରଚାର କରୁଛି, ଯାହାକି ସଂପୂର୍ଣ୍ଣ ଅମୂଳକ ଓ ବିଭ୍ରାନ୍ତକାରୀ । ବାସ୍ତବରେ ୱାକଫ୍ ବୋର୍ଡକୁ ଜମି ଲୁଣ୍ଠନର ଲାଇସେନ୍ସ ଦେଇଥିଲା କଂଗ୍ରେସ । ସାମୁହିକ, ସାଂସ୍କୃତିକ ଓ ଧାର୍ମିକ ସମ୍ପତି ଉପରେ ବି ୱାକଫ୍ ବୋର୍ଡ ଲୋଲୁପ ଦୃଷ୍ଟି ପକାଉଥିଲା । ଏନେଇ କେନ୍ଦ୍ରଠାରୁ ରାଜ୍ୟ ଏବଂ ମଣ୍ଡଳସ୍ତର ପର୍ଯ୍ୟନ୍ତ ଜନସଚେତନତା ସୃଷ୍ଟି କରାଯିବ । ଏଥିପାଇଁ ଜନଜାଗରଣ ଅଭିଯାନ ଆରମ୍ଭ କରାଯାଇଛି । ଆସନ୍ତା ୨୨ ଓ ୨୩ ତାରିଖ ଦିନ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜନ କରାଯାଇ ଏହି ସଂଶୋଧିତ ବିଲ୍ ବିଷୟରେ ସବୁ ଲୋକଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ଗୌତମ କହିଛନ୍ତି । ଏହି କର୍ମଶାଳାରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ୱାକଫ ବୋର୍ଡ ସଂଶୋଧନ ବିଲ୍ ରାଜ୍ୟ ସଂଯୋଜକ ଅଶୋକ ମିଶ୍ର, ସହ ସଂଯୋଜକ ଶିବାଜୀ ମହାନ୍ତି, ଲଲାଟେନ୍ଦୁ ବଡୁ, ସଂଖ୍ୟା ଲଘୁମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ପ୍ରମୁଖଙ୍କ ସମେତ ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।


## ସୁବର୍ଣ୍ଣଗିରି ଉନ୍ନୀତ ଉଚ୍ଚ ବିଦ୍ୟାଳୟ : ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଅଭିଭାବକ

ବାଲିଗୁଡ଼ା ୨୦/୪(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ସୁବର୍ଣ୍ଣଗିରି ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ବ୍ୟାପକ ଅଭିଯୋଗ ଆଣିଛନ୍ତି ଅଭିଭାବକ । ସେମାନେ ଗୁରୁବାର କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯା ଏକ ଅଭିଯୋଗ ପତ୍ର ଜିଲା ମଙ୍ଗଳ ଅଧିକାରୀ ଏବଂ ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ଗତ ଗୁରୁବାର ଦିନ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମଞ୍ଜୁଲତା ସାହୁ ନିଜ ସୁବିଧା ମୁତାବକ ପାଠପଢ଼ା ସମୟକୁ ପରିବର୍ତ୍ତନ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛୁଟିରେ ପଳାଇ ଥିଲେ । ବିଦ୍ୟାଳୟରେ ଅନୁସୁଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ୧୦୦ ଜଣ ଛାତ୍ର ଛାତ୍ରାବାସରେ ରହି ପାଠ ପଢୁଛନ୍ତି । ସମୁଦାୟ ୯ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ଅଧିକାଂଶ ସମୟରେ ଦୁଇଜଣ ସିସିଏଙ୍କୁ ଛାତ୍ରାବାସ ଦାୟିତ୍ୱ ଦେଇ ଶିକ୍ଷକ ଚାଲି ଯାଉଛନ୍ତି । ପ୍ରଧାନଶିକ୍ଷୟିତ୍ରୀ ମନ ଇଚ୍ଛା ସ୍କୁଲକୁ ଆସିବା, କାହାକୁ ନ ଜଣାଇ ଛୁଟିରେ ରହିବା, ଏସଏମସି ମିଟିଙ୍ଗ ନ କରିବା, ଆସୁଥିବା ଅନୁଦାନ ଅର୍ଥକୁ ବିନା କମିଟି ସୁପାରିଶରେ ଉଠେଇ ଆତ୍ମସାତ କରିବା, ହଷ୍ଟେଲରେ ପିଲା ନ ଥାଇ ସମ୍ପୂର୍ଣ ଉପସ୍ଥାପନା ଦେଖାଇ ପିଲାଙ୍କ ଖାଦ୍ୟ ବାବଦ ଟଙ୍କା ହରିଲୁଟ କରିବା ଆଦି ଦାବି ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ଥିବା ଜଣାପଡିଛି ।

## ୧୦୩.୯ ଲିଟର ଦେଶୀ,ବିଦେଶୀ ମଦ ଓ ୧୧ କେଜି ଭାଙ୍ଗ ଜବତ,୨ ଗିରଫ

ବାଲୁଗାଁ ୨୦/୪(ନି.ପ୍ର): ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଚିଲିକା ବ୍ଲକ ଅନ୍ତର୍ଗତ ଜରିପଡା ଓ ସୋରଣ ମାନସିଂହପୁର ଅଞ୍ଚଳରେ ଚଢ଼ାଉ କରି ୧୦୩.୯ ଲିଟର ଦେଶୀ,ବିଦେଶୀ ମଦ ଓ ୧୧ କେଜି ଭାଙ୍ଗ ଜବତ କରିବାସହ ୨ ଜଣଙ୍କୁ ଗିରଫ କରିଛି ।ଜରିପଡା ଦଧିବାମନପୁର ସାହିର ବସନ୍ତ ସ୍ୱାଇଁଙ୍କ (୫୪) ନିକଟରୁ ୧୧ କେଜି ଭାଙ୍ଗ ଜବତ କରିଥିବା ବେଳେ ସୋରଣ ମାନସିଂହପୁର ଗୋପବନ୍ଧୁ ସାହିର ମାଗୁଣି ବେହେରାଙ୍କ(୬୦) ନିକଟରୁ ୧୦୩.୯ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ ।ଏହି ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଓ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ଼ଙ୍କ ସମେତ ଏସଆଇ ସୁନିତା ମହାରଣା,ସଞ୍ଜୟ କୁମାର ସୁବୁଦ୍ଧି,କନେଷ୍ଟବଳ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ ପ୍ରମୁଖ ସାମିଲ ଥିଲେ ।ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ବିରୁଦ୍ଧରେ ୧୩/୨୫-୨୬ ଓ ୧୪/୨୫-୨୬ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି ।

## ଜଙ୍ଗଲ ନଷ୍ଟ ଓ ମାଟି ମୋରମ ଖୋଳି ବନ ବିଭାଗର ରାସ୍ତା ନିର୍ମାଣ



ଓଡ଼ାପଡ଼ା/ହିନ୍ଦୋଳ ୨୦/୪(ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବନାଞ୍ଚଳର ଏନ୍ଏ ସି ଅନ୍ତର୍ଗତ ୧୬ ନଂ ୱାର୍ଡ ତାଳଗଣ୍ଡା ଖରମୁଳ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ସଂଲଗ୍ନ ପାହାଡରୁ ମୋରୁମ୍ ଖନନ କରି ଉକ୍ତ ରାସ୍ତାରେ ପକାଇ ବିଭାଗର ଯାନବାହାନ ଚଳାଚଳ ପାଇଁ ସ୍ଥାନୀୟ ବନବିଭାଗ ସମସ୍ତ ସୁବିଧା କରିଥିବା ବେଳେ ଏଣେ ବୃକ୍ଷଲତା ଭରା ପାହାଡ଼ର ସୌନ୍ଦର୍ଯ୍ୟ ନଷ୍ଟ ହୋଇ କଦର୍ଯ୍ୟ ହୋଇ ଯାଇଛି । ସରକାରଙ୍କ ଜଙ୍ଗଲ ସୁରକ୍ଷା ଆଇନ୍ ସାଧାରଣ ଲୋକଙ୍କ ପାଇଁ କଡ଼ାକଡି ପାଳନ କରା ଯାଉଥିବାବେଳେ ଏଣେ ଖୋଦ୍ ବନବିଭାଗ ପାହାଡ ନଷ୍ଟ କରି ସେଥିରୁ ଟ୍ରିପଟ୍ରିପ ମୋରମ ଖୋଳି ରାସ୍ତା ତିଆରି କରିବା ପ୍ରଶ୍ନ ସାପେକ୍ଷ ? ଏନ୍ ଏ ସି ସହରାଞ୍ଚଳ ଠାରୁ ତାଳଗଣ୍ଡା ଖରମୂଳର ଅବସ୍ଥିତି ପ୍ରାୟ ୭/୮ କି:ମି ହୋଇଥିବା ବେଳେ ଏହା ଏକ ଜଙ୍ଗଲ ପରିବେଶ ସ୍ଥିତ ଆଭ୍ୟନ୍ତରୀଣ ଅଞ୍ଚଳ ଏବଂ ଏନଏସି ଅଧୀନ ହୋଇଥିବାବେଳେ ଏଠାରେ ଅନେକ ବେନାମୀ କାର୍ଯ୍ୟ ପ୍ରତିବର୍ଷ କରି କୋଟିକୋଟି ଟଙ୍କାର ସରକାରୀ ଅର୍ଥ ହଡପ ହୋଇଥଏ ।ଏହା ଛଡ଼ା ବାନବିଭଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉକ୍ତ ଅଞ୍ଚଳର ଜଙ୍ଗଲ ଓ ନିକଟର ଲାଗି ଥିବା କନ୍ଧରା ସଂରକ୍ଷିତ ଅଞ୍ଚଳ ଜଙ୍ଗଲକୁ ଯାନ ବାହାନ ଯୋଗେ ଉକ୍ତ ରାସ୍ତା ଦେଇ ଯାଇ ଥାଆନ୍ତି । ନିଜ ସୁବିଧା ଦୃଷ୍ଟିରୁ ବିଗତ ବର୍ଷ ଶେଷ ଭାଗରେ ପୂର୍ବତନ ବିଭାଗୀୟ ଅଧିକାରିଙ୍କ ଜ୍ଞାତରେ ରାସ୍ତାସଂଲଗ୍ନ ଉକ୍ତ ପାହାଡ଼ରୁ ମେସିନ ଯୋଗେ ମାତ୍ରାଧିକ ମୋରୁମ ଖୋଳା ଯାଇ ରାସ୍ତା ଉପରେ ଅଳ୍ପଅଳ୍ପ ଛିଞ୍ଚି ଦେଇ ସରକାରଙ୍କ ବିଭାଗୀୟ ଅର୍ଥ ହରିଲୁଟ କରି ନେଇଥିବାର କେତେକ ଅଧିବାସୀ ପ୍ରକାଶ କରିଛନ୍ତି । ପରିବେଶକୁ ସରସସୁନ୍ଦର ରଖିବା ପାଇଁ ବନବିଭାଗ ଗ୍ରାମ୍ୟ କମିଟି ଜରିଆରେ ଗ୍ରାମ୍ୟଜଙ୍ଗଲକୁ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଏପଟେ ତାଳଗଣ୍ଡା ଖରମୂଳ ଅଞ୍ଚଳରେ ତାହାର ବିପରୀତକ୍ଷ ପରିଲକ୍ଷିତ ହୋଇଛି । ଜଙ୍ଗଲ ସୁରକ୍ଷା ଆଇନକୁ ବନବିଭାଗ ଫୁଙ୍କରି ରାସ୍ତାର ପ୍ରାୟ ୨ କି:ମି ରୁ ଉର୍ଦ୍ଧ୍ୱ ରାସ୍ତା ମୋରମ ପକାଇଛି । ପରିବେଶ ସୁରକ୍ଷା ସନ୍ତୁଳନ ରକ୍ଷା ପାଇଁ ସରକାରୀ ସ୍ତରରେ ବିଭାଗ ପକ୍ଷରୁ ଚାରା ବୃକ୍ଷ ରୋପଣ କରା ଯାଇ ନୂଆଁ ଜଙ୍ଗଲ ସୃଷ୍ଟି କରା ଯାଉଥିବା ବେଳେ ଏଠାରେ ଖୋଦ୍ ବନବିଭାଗ ନିଜ ହାତରେ ପାହାଡ ଖୋଳି ମୋରୁମ ନେଇ ରାସ୍ତା ତିଆରି କରିବା ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

## ମହିଳା ମାନଙ୍କୁ ସିଲାଇ ଓ ଖାଦ୍ୟ ପ୍ରକ୍ରିୟା କରଣ ତାଲିମ

ପାଟଣା ୨୦/୪(ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ରାଜସାହି ଓ ପାଟଣା ବ୍ଲକ ର ଡିଆନାଳୀ ଠାରେ ମହିଳା ମାନଙ୍କୁ ସିଲାଇ ଓ ଏଂବ୍ରୋଡ଼ାରି , ଖାଦ୍ୟ ପ୍ରକ୍ରିୟା କରଣ ଶିକ୍ଷା ପ୍ରଦାନ କରାଯାଇଛି । ସାହାରପଡା ବ୍ଲକ ର ବାଇ କଳା ପଞ୍ଚାୟତ ର ନିଶ୍ଚିନ୍ତ ପୁର ଠାରେ ଖାଦ୍ୟ ପ୍ରକ୍ରିୟା କରଣ ତାଲିମ ପ୍ରଦାନ କରାଯାଇଛି । ୩ ମାସ ରୁ ଅଧିକ ସମୟ ଧରି ମହିଳା ମାନଙ୍କୁ ଉକ୍ତ ତାଲିମ ଦିଆଯାଇଥିଲା । ଷ୍ଟାର ଅନୁଷ୍ଠାନ ଦ୍ୱାରା ଜନଶିକ୍ଷଣ ସଂସ୍ଥାନ ସହାୟତା ରେ ଏହି ତାଲିମ ପ୍ରଦାନ କରାଯାଇଥିଲା । ୧ଶହ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଙ୍କୁ ତାଲିମ ରେ ସିଲାଇ ଶିକ୍ଷା ସହିତ ଆଚାର, ଜେଲି, ଜାମ, ସ୍କ୍ୱାସ ଏବଂ ସସ ଆଦି ଶିକ୍ଷା ପ୍ରଦାନ କରାଯାଇଥିଲା । ଆଜି ଶନିବାର ଦିନ ତିନୋଟି ସ୍ଥାନରେ ଏହି ଶିକ୍ଷାର୍ଥୀ ମାନଙ୍କର ପରୀକ୍ଷା କରାଯାଇଛି । ଜନ ଶିକ୍ଷଣ ସଂସ୍ଥାନ ଦ୍ୱାରା ଏକ ମାସ ମଧ୍ୟରେ ତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ଜନ ଶିକ୍ଷଣ ସଂସ୍ଥାନ ର କର୍ମୀ ସଂଜୀବ କୁମାର ଦାଶ ପ୍ରକାଶ କରିଛନ୍ତି ।

## ଶ୍ରୀ ଅନ୍ନ ଅଭିଯାନ ତରଫରୁ ପୃଷ୍ଟି ଶସ୍ୟ ଖାଦ୍ୟ ମେଳା

ପାଟଣା ୨୦/୪(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ।ବ୍ଲକ ମୁଖ୍ୟାଳୟ ସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ରେ ଶନିବାର ପୃଷ୍ଟି ଶସ୍ୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ସ୍ୱାମ ପାଟଣା ଶ୍ରୀ ଅନ୍ନ ଅଭିଯାନ ତରଫରୁ ବ୍ଲକ ସଂଯୋଜକ ତ୍ରିଲୋଚନ ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକପ୍ରତାପ ଚନ୍ଦ୍ର ମହାନ୍ତ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିଲେ ।ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପାର୍ଥସାରଥୀ ପାତ୍ର ଯୋଗ ଦେଇ ପୃଷ୍ଟି ଶସ୍ୟ ଖାଦ୍ୟ ସମ୍ବନ୍ଧରେ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ ,ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ପୃଷ୍ଟି ଶସ୍ୟ ରେ ତିଆରି ଲଡୁ ,କାକରା, ନିମକି,ଖିରି,ମିଠା,ଆଳୁଚପ ଇତ୍ୟାଦି ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ଙ୍କ ସମେତ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଖାଇବାକୁ ଦିଆଯାଇଥିବାବେଳେ ଏହି କାର୍ଯ୍ୟକ୍ରମ କୁ ସି ଆର ପି ଅର୍ଜୁନ ସେଠୀ, ଜଳଧର ନାଏକ,ହିରାମଣି ମହାନ୍ତ,ରଶ୍ମି ରେଖା ମହାନ୍ତ ,ସି ଇ ଓ ଦୀନକୃଷ୍ଣ ମହାନ୍ତ ଉପସ୍ଥିତ ରହି ପରିଚାଳନା ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ପୃଥ୍ୱୀରାଜ ଅପେରା ଗାଡ଼ି ଘଟାଇଲା ବଡ଼ ଦୁର୍ଘଟଣା

### ଦଳିଦେଇଗଲା ୨-୩ ଟି ଦୋକାନ ସହ ଏକ ବାଇକ୍ , ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ରାସ୍ତାରେ ଯାଉଥିବା ବାଟୋଇ








କେନ୍ଦ୍ରାପଡ଼ା(୨୦/୦୪) କଟକ ଚାନ୍ଦବାଲି ଜାତୀୟ ରାଜପଥ ଦୁହୁରିଆ ବଜାର ନିକଟ ଜିଲ୍ଲା ଶିକ୍ଷ୍ୟା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ପୃଥ୍ୱୀରାଜ ଅପେରାର ଏକ ମାଲ୍ ବୋହି ଟ୍ରକ୍ (ଓ:ଡି:୦୪:ଏଚ୍:୨୧୨୨) ବେପରୁଆ ଗାଡି ଚାଳନା କରି କାର୍ଯ୍ୟାଳୟ ସାମ୍ନାରେ ରାସ୍ତା କଡ଼ରେ କରିଥିବା ୨-୩ ଟି ଦୋକାନ ଉପରେ ମାଡି ଯିବା ସହ ଫୁଟ୍ ପାଥରେ ଥିବା ଏକ ମୋଟର ସାଇକଲକୁ ଚକା ତଳେ ଘୋଷାଡି ନେଇଥିଲା । ସୌଭାଗ୍ୟ ବଶତଃ ବାଇକ୍ ଆରୋହୀ ନିଜ ବାଇକ୍ ଟିକୁ ରାସ୍ତା କଡ ଫୁଟ୍ ପାଥ ରେ ରଖି କିଛି ଦୂର ଚାଲି ଯାଇଥିବାରୁ ସେ ଦୁର୍ଘଟଣାରୁ ଅଳ୍ପକେ ନିଜ ଜୀବନକୁ ସୁରକ୍ଷିତ କରି ପାରିଥିବା ସୂଚନା ମିଳିଛି । ସେହିପରି ଆଜି ରବିବାର ଛୁଟି ଦିନ ଥିବାରୁ ଜିଲ୍ଲା ଶିକ୍ଷ୍ୟା ଅଧିକାରୀଙ୍କ କାର୍ଯ୍ୟାଳୟ ବନ୍ଦ ଥିଲା , ଯେଉଁଥିପାଇଁ ସେହି ୨-୩ ଟି ଦୋକାନ ବନ୍ଦ ଥିବା ସହ ସେଠାରେ ଲୋକଙ୍କ ଭିଡ଼ ମଧ୍ୟ ନଥିଲା ଯାହା ଫଳରେ କିଛି ନିରୀହ ଜୀବନ ଯିବାରୁ ବଞ୍ଚି ଯାଇଥିବା ଦେଖଣାହାରୀ କହିଛନ୍ତି । ଟ୍ରକ୍ ଚାଳକ ଜଣକ ପ୍ରଚୁର ମଦ୍ୟପାନ କରିଥାଇ ପାରନ୍ତି କିମ୍ବା ସେ ନିଦ୍ରାରେ ଥାଇ ଗାଡ଼ି ଚଳାଇ ଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି । ଯଦି ନିଦ୍ରାରେ ଥିଲେ ତେବେ ସେ କେଉଁ ପରିସ୍ଥିତିରେ ଗାଡ଼ି ଚଳାଇଥିଲେ ଯେ ଏହିପରି ଏକ ବଡ଼ ଦୁର୍ଘଟଣା ଘଟାଇଲେ ଯାହା ଅନେକ ଜନ ଜୀବନ କ୍ଷତି ଘଟାଇ ଥାନ୍ତା ବୋଲି ବୁଦ୍ଧିଜୀବି ଚିନ୍ତା ପ୍ରକଟ କରିଛନ୍ତି । କଥା ଉଠୁଛି ଏବେକାର ନରୀ ପଣ୍ଡା ମାଡ଼ ଘଟଣାରେ ବିବାଦୀୟ ହୋଇ ପଡ଼ିଥିବା ଯାତ୍ରା ମାଲିକ ଅନନ୍ତ ନାରାୟଣ ଧଳ (ନାଣ୍ଡୁ)ଙ୍କର ଏହି ପୃଥ୍ୱୀରାଜ ଅପେରା ପାର୍ଟି ର ଟ୍ରକ୍ ଚାଳକ ଜଣଙ୍କ କୌଣସି ଚାପର ବଶବର୍ତ୍ତୀ ହୋଇ ନିଦ୍ରା ଲାଗୁଥିଲେ ବି ପଟ୍ଟାମୁଣ୍ଡାଇ ଚଉଡକୁଲାଟରୁ ଜଗତସିଂହପୁର ପର୍ଯ୍ୟନ୍ତ ଏକ ଲମ୍ବା ରାସ୍ତା ଅସୁରକ୍ଷିତ ଭାବେ ଅତିକ୍ରମ କରିବା ତଦନ୍ତ ସପେକ୍ଷ । ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ସଦର ପୋଲିସ ପହଞ୍ଚି ଟ୍ରକ୍ ଚାଳକ କୁ ନିଜ ହେଫାଜତ୍ କୁ ନେବାସହ ଦୁର୍ଘଟଣା ଘଟାଇଥିବା ଟ୍ରକଟିକୁ ମଧ୍ୟ ଥାନାକୁ ଆଣିଥିଲେ । ପୋଲିସକୁ ପଚାରିବାରୁ ଜଣା ପଡ଼ିଛିଯେ କେହି ମୃତାହତ ହୋଇନଥିବାରୁ କିମ୍ବା ଗାଡ଼ି ଏବଂ ଚାଳକ ବିରୁଦ୍ଧରେ କୌଣସି ଅଭିଯୋଗ ନଥିବାରୁ ସେ ଚାଳକ ସମେତ ଟ୍ରକ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରିବେ ନାହିଁ । ଏବେ ପ୍ରଶ୍ନ ଉଠିଛି କାହିଁକି ପୋଲିସ ଏପରି ଏକ ଦୁର୍ଘଟଣା କୁ ଅତି ସରଳତାର ସହ ନେଇ ନିଜ ତରଫରୁ କେସ ରୁଜୁ କରିନାହିଁ କିମ୍ବା କାହିଁକି ଦୁର୍ଘଟଣାରେ କ୍ଷତି ହୋଇଥିବା ବାଇକ୍ ର ଚାଳକ କିମ୍ବା କ୍ଷତି ହୋଇଥିବା ଦୋକାନ ମାଲିକ ମାନେ ଅଭିଯୋଗ କରି ନାହାନ୍ତି ତାହା ସନ୍ଦେହ ଘେରରେ ଥିବା ବେଳେ ,କୌଣସି ଚାପ କିମ୍ବା ଲୋଭର ବଶବର୍ତ୍ତୀ ହୋଇ ଏମିତି ହୋଇଛି କି ନାହିଁ ତାହା ସମୟ କହିବ ।ଅନ୍ୟପକ୍ଷରେ ଟ୍ରକ୍ ଚାଳକ ଜଣକ ମଦ୍ୟପାନ କରିନଥିବା ଏବଂ ପ୍ରବଳ ନିଦରେ ଗାଡ଼ି ଚଳାଉଥିବା ଗଣମାଧ୍ୟମ ଆଗରେ ସ୍ୱୀକାର କରିଛି ।

## ସ୍ୱେଚ୍ଛାସେବୀ ସଂଗଠନ ଦି ଭିଜନ ତରଫରୁ ଜଳଛତ୍ର





ପାଟଣା ୨୦/୪(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମ ମଧ୍ୟସ୍ଥଳରେ ଅଖଣ୍ଡ ଚବିଶ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଅବସରରେ ପ୍ରବଳ ଗରମ ଓ ଗୁଳୁଗୁଳି କୁ ଆଖି ଆଗରେ ରଖି ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଦି ଭିଜନ ତରଫରୁ କୃଷ୍ଣ ଭକ୍ତଗଣ ଓ ଅଂଶଗ୍ରହଣ କରିଥିବା କୀର୍ତ୍ତନ ମଣ୍ଡଳୀ ଗଣଙ୍କ ନିମନ୍ତେ ଏକ ଜଳଛତ୍ର ଖୋଲା ଯାଇଛି । ଉକ୍ତ ଜଳଛତ୍ର ସ୍ଥଳରେ ସରବତ ଓ ଦହି ପାଣି ବଣ୍ଟନ କରା ଯାଉଛି । କାର୍ଯ୍ୟ କ୍ରମରେ ଦି ଭିଜନ ସ୍ୱେଚ୍ଛାସେବୀ ସଂଗଠନର ଉପଦେଷ୍ଟା ପ୍ରଦୀପ ଚନ୍ଦ୍ର ପ୍ରଧାନ, ସଭାପତି ତ୍ରିଲୋଚନ କାର୍ଜି, ସଂପାଦକ ଧୀରେନ ବେଜ୍ ଏବଂ ଭୂଲତା ବେଜ୍, ସ୍ୱର୍ଣ୍ଣପ୍ରଭା ପ୍ରଧାନ, ସାରଥୀ ପ୍ରଧାନ, ସନ୍ତୋଷ ପାତ୍ର, ମୃତ୍ୟୁଞ୍ଜୟ ପ୍ରଧାନ, ପରେଶ୍ କୁମାର, ପରିଚାଳନା କରିଥିଲେ ।

## ତାଳଗାଁ ଅଙ୍ଗନୱାଡ଼ିରେ 'ସମସ୍ତଙ୍କ ପାଇଁ ପୋଷଣର ଆବଶ୍ୟକତା' ବିଷୟରେ ଆଲୋଚନା

ମୟୂରଭଞ୍ଜ ୨୦/୪(ନି.ପ୍ର): ମୟୂରଭଂଜ ଜିଲ୍ଲା ଜାମଦା ବ୍ଲକ ଆଇସିଡିଏସ୍ ଅଧିନସ୍ଥ ତାଳଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ପାଖୁଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ପୋଷଣ କାର୍ଯ୍ୟକ୍ରମରେ ଅନେକ ବ୍ୟଞ୍ଜନ ବିଭିନ୍ନ ରଂଗରେ ସଜାଇ ପ୍ରଦର୍ଶିତ କରାଯାଇଥିଲା ।ପ୍ରତ୍ୟେକ ଶିଶୁ ଓ ମା " ଙ୍କୁ ସୁସ୍ଥ ରଖିବାକୁ ହେଲେ ଅଙ୍ଗନୱାଡ଼ି ଦିଦି,ସି ଡି ପି ଓ ମାନଙ୍କ ଗୁରୁ ଦାୟିତ୍ୱ ରହିଛି । ଶିଶୁର ଓଜନ କାହିଁକି କମିଲା, ମା "ର ରକ୍ତ ହୀନତା କାହିଁକି ହେଲା ସେଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଯାଞ୍ଚ ହେବା ଜରୁରୀ । ଶିଶୁ ଓ ମା" ମାନଙ୍କର ଶୃଙ୍ଖଳା ଓ ସମୟାନୁବର୍ତିତା ସୁଷମ ଖାଦ୍ୟ ଖାଇବା ସହ ଶୃଙ୍ଖଳିତ ଅଭ୍ୟାସ କୁ ଆପଣାଇ ନେଲେ ସମସ୍ତେ ମା ଏବଂ ଶିଶୁ ଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବା ସହ ଏକ ସୁସ୍ଥ ଓ ନିରୋଗୀ ସମାଜ ଗଠନ ହୋଇ ପାରିବ ବୋଲି ପୋଷଣ ପାଖୁଡ଼ା କାର୍ଯ୍ୟକ୍ରମରେ ପ୍ରକାଶ ପାଇଛି । ଏହି ମହତ କାର୍ଯ୍ୟ କ୍ରମକୁ ବ୍ୟାପକ ପ୍ରସାର ପ୍ରଚାର ନିମନ୍ତେ ପ୍ରତ୍ୟେକ ମାସରେ ଓ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ପାଖୁଡ଼ା ଆୟୋଜନ କରାଇ ଶପଥ ପାଠ ଉତ୍ସବ କରାଯାଉଛି ।ପୋଷଣ ପଖୁଡା ମାସ ହିସାବରେ ନୁହେଁ ପ୍ରତ୍ୟେକ ଦିନ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ଓ ଦେଶର ଭବିଷ୍ୟତର ଦାୟିତ୍ୱ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ସି ଡି ପି ଓ ମାନଙ୍କ ପାଖରେ ଅଛି ବୋଲି ତାଳଗାଁ ଅଙ୍ଗନୱାଡ଼ିର ଦିଦି ପେଲଙ୍ଗ ବାଗେ ସୂଚନା ପ୍ରଦାନ କରିବା ସହ ସୁଷମ ଖାଦ୍ୟ ଖାଉଛନ୍ତି କି ନାହିଁ ଯାଞ୍ଚ କରିବା ପରମ କର୍ତ୍ତବ୍ୟ ଅଟେ ବୋଲି କହିଥିଲେ ।ଉତ୍ତମ ପୁଷ୍ଟିକର ଖାଦ୍ୟ ଓ ଏହାର ଉପକାରିତା ବିଷୟରେ ଆଲୋଚନା କରାଯାଇଥିଲା । ସୁସ୍ଥ ଭାରତ ଗଠନ ନିମନ୍ତେ ସମସ୍ତଙ୍କ ପାଇଁ ପୋଷଣର ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇଥିଲା । ମହିଳା ମାନଙ୍କ ପାଇଁ ଡାଲି ଜାତୀୟ ଖାଦ୍ୟ ଅପପୁଷ୍ଟି ଦୂର କରେ ବୋଲି ସଚେତନତା କରାଯାଇଥିଲା ଏବଂ ପୁଷ୍ଟିକର ଖାଦ୍ୟ ଆମକୁ ରୋଗମୁକ୍ତ କରିଥାଏ ବୋଲି ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମରେ ଛବି ମଣ୍ଡାରୀ,ଦେଓ୍ୱଲା ଟୁଡୁ ଲୁଖି ମାଝୀ,ଜାମ୍ବୀ ବାର୍ଜଃ,ଗୀତାଞ୍ଜଳୀ ମାର୍ଣ୍ଡି,ରଇବାରୀ ପୂର୍ତ୍ତୀ,ସିଳାବତୀ ଖୁଣ୍ଟିଆ ସନ୍ତୋଷୀ କୁମାରୀ,ରଜନୀ ମୁଣ୍ଡାରୀ,ରସମତୀ ମୁଣ୍ଡାରୀ,ସୁରୁବିରୁଆ, ସନାମଣୀ ବିରୁଆ,ଯଶୋଦା ବାରଦା,ପାୟଲ ଖୁଣ୍ଟିଆ,ମନିଷା ଓ ମନିକା ଖୁଣ୍ଟିଆ ପ୍ରମୁଖ ଆଲୋଚନାରେ ଭାଗନେଇ ବିଭିନ୍ନ ସ୍ୱାସ୍ଥ୍ୟ ବିଷୟରେ ପ୍ରଶ୍ନମାନ ପଚାରି ଉତ୍ତର ପାଇଥିଲେ ।

# ଦାଦନରୁ ମୁକ୍ତି ପାଇବ ବଲାଙ୍ଗୀର

## ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ପ୍ରାୟ ୧୨୦ କୋଟିରୁ ଅଧିକ ଟଙ୍କାର ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି - ଧର୍ମେନ୍ଦ୍ର ପ୍ରଧାନ







ଟିଟିଲାଗଡ଼/ପାଟଣାଗଡ଼, ଏପ୍ରିଲ ୨୦ – ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ପାଖାପାଖି ୧୨୦ କୋଟିରୁ ଅଧିକ ଟଙ୍କାର ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି ବୋଲି ଶନିବାର କେନ୍ଦ୍ରୀୟ ବିଦ୍ୟାଳୟ, ଟିଟିଲାଗଡ଼ ଏବଂ ପାଟଣାଗଡ଼ର ଅସ୍ଥାୟୀ କ୍ୟାମ୍ପସର ଉଦଘାଟନ ଏବଂ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ଡିସେମ୍ବରରେ ସମଗ୍ର ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁର ଦେଇଥିଲେ, ଯେଉଁଥିରେ ଓଡ଼ିଶାରେ ନୂଆ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଥିଲା । ଏହି ପରିପ୍ରେକ୍ଷୀରେ ଡବଲ ଇଞ୍ଜିନ ସରକାରର ପ୍ରଚେଷ୍ଟା କାରଣରୁ ବଲାଙ୍ଗିର ଜିଲ୍ଲାର ରେଲୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ପାଇଁ ଆଜି ଭୂମିପୂଜନ ସହ ଅସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ ହୋଇଛି । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଲେଖାଁଏ ଅର୍ଥାତ୍ ମୋଟ୍ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । ରେଳ ବିଭାଗର ସହଯୋଗରେ ଟିଟିଲାଗଡ଼ ରେଲୱେ କଲୋନୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ପ୍ରମୁଖ ଅନୁଷ୍ଠାନ ଖୋଲାଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ । ସେହିପରି ପାଟଣାଗଡ଼ ଉଲବା ଠାରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତେବେ ଏହି ଦୁଇଟି ବିଦ୍ୟାଳୟ ନିର୍ମାଣ ହେବା ପର୍ଯ୍ୟନ୍ତ ଟିଟିଲାଗଡ଼ କେଭିର ଅସ୍ଥାୟୀ କ୍ୟାମ୍ପସ ବ୍ଲକପଡ଼ା ଠାରେ ଏବଂ ପାଟଣାପଡ଼ା କେଭିର ଅସ୍ଥାୟୀ କ୍ୟାମ୍ପସ ଇଟିଆଇ ପରିସରରେ ପରିଚାଳିତ ହେବ । ବଲାଙ୍ଗିର ଜିଲ୍ଲାକୁ ଟିଟିଲାଗଡ଼ ଓ ପାଟଣାଗଡ଼ରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ଉପହାର ଭାବରେ ଦେଇଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ୬୦ କୋଟି ଟଙ୍କା ଅନୁମୋଦନ ଦିଆଯିବା ବ୍ୟତିତ ମୋଦୀ ସରକାରରେ ବଲାଙ୍ଗିର ଜିଲ୍ଲାରେ ୨୧ଟି ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରାଯାଉଛି । ଏଥିପାଇଁ ପ୍ରତ୍ୟେକ ସ୍କୁଲକୁ ୨ କୋଟି ଲେଖାଁ ମୋଟ ୪୨ କୋଟି ଟଙ୍କାର ଅନୁଦାନର ବ୍ୟବସ୍ଥା ହୋଇଛି । ଏହି ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୨୦ କୋଟି ଟଙ୍କା ପିଏମ ଉଷା ଯୋଜନାରେ ଦିଆଯାଇଛି । ନବଜାତ ଶିଶୁ ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପଢୁଥିବା ବଲାଙ୍ଗିର ଜିଲ୍ଲାର ୫ ଲକ୍ଷ ଛାତ୍ରଛାତ୍ରୀଙ୍କ ଶାରିରୀକ, ମାନସିକ ସ୍ୱାସ୍ଥ୍ୟ ଓ ବୌଦ୍ଧିକ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ଏହି ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ଦ୍ୱାରା ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନରେ ଉନ୍ନତି ହେବ । ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ, କ୍ରିଟିକାଲ ଥିଙ୍କିଂ ସହ ବୌଦ୍ଧିକ କ୍ଷମତା ବିକଶିତ ହେବ । ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ କହିଛନ୍ତି । ବଲାଙ୍ଗିର ଜିଲ୍ଲା ସହ ମୋର ଆବେଗର ସମ୍ପର୍କ ଅଛି । ଡବଲ ଇଞ୍ଜିନ ସରକାରରେ ବଲାଙ୍ଗିର ପ୍ରାଥମିକତାରେ ରହିଛି । ତୈଳ କ୍ଷେତ୍ରର ବିକାଶ ସହ ଶିଳ୍ପ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବା ପାଇଁ ବିପିସିଏଲର ଏଲପିଜି ବଟଲିଂ ପ୍ଲାଣ୍ଟ ସ୍ଥାପନା ହୋଇଛି । ବଲାଙ୍ଗିରରେ ନୂତନ ଡେଣ୍ଟାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ମୋଦୀ ସରକାର ବଲାଙ୍ଗିର ଜିଲ୍ଲାକୁ ଶିକ୍ଷା ସମେତ କୃଷି, ଶକ୍ତି, ଜଳସେଚନ ସାସ୍ଥ୍ୟସେବା, ସାମାଜିକ କାର୍ଯ୍ୟକ୍ରମ, ରେଳ ଭିତ୍ତିଭୂମିର ବିକାଶ ଏବଂ ରୋଜଗାର ବିକାଶ ପାଇଁ ଅନେକ ଯୋଜନା ଭେଟି ଦେଇଛନ୍ତି । ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଆମ ସରକାରଙ୍କ ପ୍ରାଥମିକତାରେ ରହିଛି । ଏହି ଜିଲ୍ଲାରେ କୃଷି ବିଦ୍ୟାଳୟ, ବାୟୋଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ଖୋଲାଯିବା ଉପରେ ଯୋଜନା ରହିଛି । ଏଠାରେ ସବୁଜ ଉର୍ଜା ଉତ୍ପାଦନ କରିବା ଦିଗରେ ସେ ପ୍ରସ୍ତାବ ଦେଇଥିଲେ । ସେ ଆହୁରି କହିଛନ୍ତି, ବଲାଙ୍ଗିର ଜିଲ୍ଲାକୁ ଦାଦନରୁ ମୁକ୍ତି କରିବା ପାଇଁ ଡବଲ ଇଞ୍ଜିନ ସରକାର କଟିବଦ୍ଧ । ବଲାଙ୍ଗିର ଜିଲ୍ଲାର ବିକାଶ ହେଲେ ହିଁ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ପୂରଣ ହେବ । ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆମେ ସମସ୍ତେ ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବା । ଟିଟିଲାଗଡ଼ରେ ଗଛ ଲଗାଇବାର ବଡ ଅଭିଯାନ ଆରମ୍ଭ କରିବା ସହ ସଚେତନତା ସୃଷ୍ଟି କରିବା ପାଇଁ ଜନସାଧାରଣଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହ ଦେଓ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂହଦଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଧାୟକ ନବୀନ କୁମାର ଜୈନ୍ ଓ ଲକ୍ଷ୍ମଣ ବାଗ ପ୍ରମୁଖ ଯୋଗଦେଇଥିଲେ ।

## ତେରେସିଂହା ବିରାଟ ପର୍ବ ପ୍ରସ୍ତୁତି ବୈଠକ

କର୍ଲାମୁଣ୍ଡା , **୨୦/୪(ନି.ପ୍ର):** କର୍ଲାମୁଣ୍ଡା: କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଂହା ଗ୍ରାମର ଶ୍ରୀ ଶ୍ରୀ ରାଧାବଲ୍ଲଭ ନାଟ୍ୟ ସଂସଦ, ତେରେସିଂହା ପକ୍ଷରୁ ହେବାକୁ ଥିବା ବିରାଟ ପର୍ବ ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପୁରନ୍ଦର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସଭାପତି ଭୁବନେ ରଣା, ଡମ୍ବରୁଧର ରଣା, ପୂର୍ବତନ ସମ୍ପାଦକ ତ୍ରିନାଥ ରଣା, କୃଷ୍ଣଚନ୍ଦ୍ର ରଣା, ଅବସର ପ୍ରାପ୍ତ ଶିକ୍ଷକ ମୁରଲୀଧର ରଣା, ନେହେରୁ ରଣା, ବୈଲୁଚନ ରଣା, ସମ୍ବାରୁ ରଣା, କୁରୁକ୍ଷେତ୍ର ରଣା, ଋଷି ରଣା, ମୁର ରଣା, ନିର୍ମଳ ରଣା, ଅରୁଣ ରଣା, ସନ୍ତୋଷ ରଣା, କଣ୍ଠ ରଣାଙ୍କ ସମେତ ଅନେକ କଳାକାର ଯୋଗ ଦେଇଥିଲେ। ଆସନ୍ତା ୨୫ ତାରିଖ ତ୍ରୟୋଦଶୀ ଠାରୁ ସପ୍ତାହ ବ୍ୟାପୀ ବିରାଟ ପର୍ବ ନାଟକ ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ ରଣା ସୂଚନା ପ୍ରଦାନ କରିଛନ୍ତି। ସେହିପରି ଗ୍ରାମର ମାଁ ମାଣିକେଶ୍ୱରୀ ଯୁବକଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ ତୃତୀୟ ଠାରୁ ହେବାକୁ ଥିବା ସମ୍ପୂର୍ଣ୍ଣ ମହାଭାରତ ନାଟକ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

## ଜୟ ଶ୍ରୀ ରାମ କ୍ଲବ ପକ୍ଷରୁ ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ

କଟକ **୨୦/୪(ନି.ପ୍ର):** ୪୨ ମୌଜା କଳପଡ଼ା ପଞ୍ଚାୟତ ପଡିଆରେ ଜୟ ଶ୍ରୀ ରାମ କ୍ଲବ ତରଫରୁ ଏକ ଦିବାରାତ୍ର କ୍ରିକେଟ ଖେଳ ଅନୁଷ୍ଠିତ ହୋଇ ଏଥିରେ ଆଠ ଗୋଟି ଟିମ୍ ଭାଗ ନେଇଥିଲେ । ଏହି ଖେଳରେ ରାଇଜିଂଷ୍ଟାର କଳପଡା ବିଜେତା ହେଇଥିଲା ଏବଂ ରନର୍ସଅପ ଟିମ୍ ଭାବେ ମା ବରୁଣେଇ ଟିମ୍ ଦେଉଳି ହୋଇଥିଲେ । ବିଜେତା ଟିମକୁ କପ୍ ଓ ୫୦୦୦ ଟଙ୍କା ଓ ରନର୍ଶଅପକୁ କପ୍ ଓ ୪୦୦୦ ହଜାର ଟଙ୍କା ଦିଆ ଯାଇଥିଲା । ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଖେଳରେ ମୁଖ୍ୟ ଅତିଥି ସମାଜସେବୀ ସମୀର ପଣ୍ଡା,ସମ୍ମାନୀୟ ଅତିଥି ଡ଼.ଅଜୟ କୁମାର ପତି,ପଣ୍ଡିତ ପ୍ରତାପ କୁମାର ପତି,ପ୍ରାଣୀ ଚିକିତ୍ସକ ମନମୋହନ ପତି,ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ସଭାପତି ଇଂ.ଗିରିଜା ଶଙ୍କର ପତି,ଭାରତୀୟ କିସାନ ସଂଘର ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ପତି,ମହାବୀର ଅଳଙ୍କାରର ଅଧ୍ୟକ୍ଷ ଫକୀର ବିହାରୀ,ଅନିଲ ମହାପାତ୍ର,ରସାନନ୍ଦ ବେହେରା,ପିତାମ୍ବର ମୁଦୁଲି,ଖିତିସ ପଣ୍ଡା,ଯୁବରାଜ ପଣ୍ଡା,ଶୁଭ୍ରାଂଶୁ ଶେଖର ସ୍ୱାଇଁ,ମନମୋହନ ସାହୁ,ଯଶବନ୍ତ ପତି,ଜୟନ୍ତ ପତି,ସଚ୍ଚିକାନ୍ତ ବେହେରା,ତ୍ରିଲୋଚନ ପତି,ଆସିସ ପତି,ପ୍ରମୋଦ ପତି,ଯଶସ୍ୱି ପତି,ପିଲୁ,ରାମ ଚନ୍ଦ୍ର ପ୍ରଧାନ,ଉଦ୍ଘୋଷକ ଚନ୍ମୟ ମହାପାତ୍ର,ଖେଳ ପରିଚାଳକ ବିଶ୍ୱରଂଜନ ଦାସ,ବିଦ୍ୟାଧର ପତି,ରାକେଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ବିଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଜ ଦୋଷ ଲୁଚାଇବାକୁ ଯାଇ କଂଗ୍ରେସ ବାଚଲାମି କରୁଛି: ଅଭିଲାଷ ପଣ୍ଡା



ଭୁବନେଶ୍ୱର,୨୦/୪: ୫ହଜାରରୁ ଊର୍ଦ୍ଧ୍ୱ ଦେଶଭକ୍ତ ଓ କ୍ରାନ୍ତିକାରୀଙ୍କ ଆର୍ଥିକ ସହଯୋଗରେ ୧୯୩୭ ମସିହାରେ ନ୍ୟାସନାଲ୍ ହେରାଲ୍ଡ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ ହୋଇଥିଲା । ଏହା ନେହେରୁ ପରିବାରର ବ୍ୟକ୍ତିଗତ ମାଲିକାନା ନଥିଲା । ଦେଶର ସ୍ୱାଧୀନତା ସଂଗ୍ରାମ ସେନାନୀଙ୍କ ବାର୍ତ୍ତାକୁ ସାରାଦେଶରେ ପହଁଚାଇବା ଏହି ସମ୍ବାଦପତ୍ରର ମୂଳ ଉଦ୍ଦେଶ୍ୟ ଥିଲା । ଭାରତବର୍ଷର ବିଭିନ୍ନ ସ୍ଥାନରେ ପ୍ରକାଶକ ଏଜେଏଲ୍ କମ୍ପାନୀ ଜରିଆରେ ନ୍ୟାସନାଲ୍ ହେରାଲ୍ଡ ନିଜର ଶାଖା ପ୍ରଶାଖା ଖୋଲି ଦେଶର ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ନେଇଥିଲା । ପରବର୍ତ୍ତୀ ସମୟରେ ୯୦କୋଟି ଟଙ୍କାର ଆର୍ଥିକ ଋଣ ଦେଖାଇ ୨୦୦୮ ମସିହାରେ ଏହାକୁ କ୍ଷତି ଦର୍ଶାଇ ବନ୍ଦ କରିଦିଆଗଲା । କଂଗ୍ରେସର ତତ୍କାଳୀନ କୋଷାଧ୍ୟକ୍ଷ ମୋତିଲାଲ ଭୋରା ସେତେବେଳେ ଏହାର ନିର୍ଦ୍ଦେଶକ ଥିଲେ । ଅପରପକ୍ଷରେ ମାତ୍ର ୫୦ଲକ୍ଷ ଟଙ୍କା ଦେଇ ଏହି ସଂସ୍ଥାର ସମସ୍ତ ସମ୍ପତି ୟଙ୍ଗ ଇଣ୍ଡିଆ ସଂସ୍ଥାକୁ ଦିଆଗଲା । ଯାହାର ୩୮ପ୍ରତିଶତ ଅଂଶଧନ ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ ୩୮ ପ୍ରତିଶତ ଅଂଶଧନ ରାହୁଲ ଗାନ୍ଧୀଙ୍କର ଥିଲା । ଅର୍ଥାତ୍ ମାତ୍ର ୫୦ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ଭୋପାଳ ଓ ପାଟନା ଠାରେ ହଜାର ହଜାର କୋଟି ଟଙ୍କାର ସମ୍ପତିକୁ ନିଜ ନାମରେ କରିଦିଆଗଲା । ବହୁଚର୍ଚ୍ଚିତ 'ନ୍ୟାସନାଲ ହେରାଲ୍ଡ ଦୁର୍ନୀତି'ର ପର୍ଦ୍ଦାଫାସ ହୋଇସାରିଛି । ଏହି ଘଟଣାରେ ଧରାପଡିବା ପରେ ମୋତିଲାଲଙ୍କ ସମେତ ପବନ ବଂଶଲ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ପକ୍ଷରୁ ଜେରା କରିଛି । ଦଳର ନାମ ବ୍ୟବହାର କରି ସମସ୍ତ ବିଧି ବ୍ୟବସ୍ଥାକୁ ଉଲ୍ଲଘଂନ ସହିତ ମାତ୍ର ୫୦ଲକ୍ଷ ଟଙ୍କାରେ ୫ହଜାର କୋଟି ଟଙ୍କାର ସମ୍ପତିକୁ ହାତେଇ ନେବା ଭଳି ଅଷ୍ଟମାଶ୍ଚର୍ଯ୍ୟ କରିଛି କଂଗ୍ରେସ ଦଳ । ଏହି ଖବର ସରବରାହ ସଂସ୍ଥାକୁ କଂଗ୍ରେସ ଦଳ ଓ ଗାନ୍ଧୀ ପରିବାର ନିଜର ସମ୍ପତି ଭଳି ବ୍ୟବହାର କରିଛି । ଯୁବସମାଜ କଂଗ୍ରେସ ଦଳକୁ କେବେ କ୍ଷମା ଦେବେ ନାହିଁ ବୋଲି ବିଜେପି ଭାରତୀୟ ଜନତାପାର୍ଟି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି । ଏନେଇ ମାଷ୍ଟର କ୍ୟାଂଟିନ୍ ଛକରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ଧାରଣା ଦେବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ଦେଶର ସମ୍ପତି, ଜମି ଓ ଧନ ଲୁଟ୍ କରିବାର ଅଧିକାର କାହାକୁ ଦିଆଯାଇନାହିଁ । ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଅତ୍ୟନ୍ତ ନିର୍ଲଜ କାମ କରୁଛି କଂଗ୍ରେସ ଦଳ । ଗତ ୪ବର୍ଷ ଧରି ନ୍ୟାସନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି । କୋର୍ଟରେ ସନ୍ତୋଷଜନକ ତଥ୍ୟ ଉପସ୍ଥାପନା କରିବା ପରିବର୍ତ୍ତେ ଧାରଣା ଓ ପ୍ରଦର୍ଶନ କରାଉଛନ୍ତି । ଗତ ମଙ୍ଗଳବାର ଏହି ମାମଲାକୁ ନେଇ ଇଡି ପକ୍ଷରୁ ଚାର୍ଜସିଟ୍ ଦାଖଲ ହେବା ପରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇଛି । ଷଡଯନ୍ତ୍ର କରି ହଜାର ହଜାର କୋଟି ଟଙ୍କାର ସମ୍ପତିକୁ ହଡପ କରିବାର ପ୍ରଚେଷ୍ଟା କରି କଂଗ୍ରେସ ଦଳ ବର୍ତ୍ତମାନ ଧରାପଡିଛି । ଷଡଯନ୍ତ୍ରର ସମସ୍ତ ତଥ୍ୟ ଲୋକଲୋଚନକୁ ଆସିଛି । ଆଇନର ଊର୍ଦ୍ଧ୍ୱରେ କେହି ନୁହଁନ୍ତି । ଏହି ଘଟଣାରେ ବର୍ତ୍ତମାନ ଜାମିନରେ ଥିବା ଉଭୟ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ମାନ୍ୟବର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ଆଶ୍ୱସ୍ତି ମିଳିଲାନାହିଁ । ଆସନ୍ତା ୨୧ ତାରିଖ ଦିନ ମାନ୍ୟବର ସୁପ୍ରିମକୋର୍ଟରେ ମାମଲାର ଶୁଣାଣୀ ଥିବା କାରଣରୁ ବିଭ୍ରାନ୍ତ ଓ ବାଚଳାମୀ କରି ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ 'ଇସ୍ୟୁ ଡାଇଭର୍ଟ' କରିବାର ପ୍ରଚେଷ୍ଟା କରାଯାଉଛି । ମାମଲା କୋର୍ଟ ବିଚାରଧୀନ ଥିବାବେଳେ ମାନ୍ୟବର କୋର୍ଟଙ୍କ ରାୟକୁ ଧର୍ଯ୍ୟର ସହ ଅପେକ୍ଷା କରିବା ଦରକାର । କଂଗ୍ରେସ ଦଳର ଦୁର୍ନିତୀ, ଭ୍ରଷ୍ଟାଚାର, ଲୁଟ୍ ?, ଶୋଷଣ କାହାକୁ ଅଛପା ନାହିଁ । ଅତୀତରେ ଏଭଳି ଘଟଣାରେ ସମ୍ପୃକ୍ତ ଏକାଧିକ କଂଗ୍ରେସ ନେତା ଗିରଫ ହୋଇ ଜେଲ ଯାଇଛନ୍ତି । ଗାନ୍ଧୀ ପରିବାର ପାଇଁ ଏହା ନୂଆ ନୁହେଁ । ଗାନ୍ଧୀ ପରିବାରର ଜଣେ ସଦସ୍ୟ ହରିୟାଣାରେ ୩କୋଟି ଟଙ୍କାରେ ଜମି କିଣି ୫୮କୋଟି ଟଙ୍କାରେ ବିକ୍ରି କରିଛନ୍ତି । ସରକାରୀ ଟଙ୍କାକୁ ଏଟିଏମ ଭଳି ବ୍ୟବହାର କରୁଥିଲା । ଏହି ପରିବାର କେବଳ ଦେଶ ଓ ସମାଜକୁ ଲୁଟିଛି । ଗରିବ ହଟାଓର ସ୍ଲୋଗାନ ଦେଇ ଗରିବଙ୍କୁ ଶୋଷଣ କରିଥିବାରୁ କଂଗ୍ରେସ ଆଜି ଏଭଳି ଦୁରାବସ୍ଥାର ସମ୍ମୁଖୀନ ହୋଇଛି । ଆଇନକୁ ସାହାଯ୍ୟ ଓ ସହଯୋଗ କରିବା ପରିବର୍ତ୍ତେ ତଦନ୍ତକାରୀ ସଂସ୍ଥା ଇଡିକୁ ଧମକ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ, ରାଜ୍ୟ ସଂଯୋଜକ ଚଣ୍ଡୀ ପ୍ରସାଦ ବେହେରା, ରଜତ ନାୟକ, ଜ୍ୟୋତି ରଞ୍ଜନ ମିଶ୍ର, ନିହାର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ଅଲ ଓଡିଶା ରିପୋର୍ଟର ଆସୋସିଏସନ ଆଠମଲ୍ଲିକ ଶାଖା ପକ୍ଷରୁ ବୈଠକ ଅନୁଷ୍ଠିତ

ଅନଗୁଳ **୨୦/୪(ନି.ପ୍ର):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଗ୍ରାମ ପଂଚାୟତ କାର୍ଯ୍ୟାଳୟର ପରିସର ମଧ୍ୟରେ ବାବା ଧବଳେଶ୍ୱର ୱେବ ମିଡ଼ିଆ ମହାସଂଘ ର ସଭାପତି କରୁଣାକର ନାୟକ ଙ୍କ ଆହ୍ୱାନ କ୍ରମେ ଅଲ ଓଡିଶା ରିପୋର୍ଟର ଆସୋସିଏସନ ଆଠମଲ୍ଲିକ ଉପଖଣ୍ଡ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ବୈଠକ ରେ ଜିଲ୍ଲା ସଭାପତି ବସନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ବୈଠକ ର ର ପ୍ରାରମ୍ଭ ରେ ମୁଖ୍ୟ ଅତିଥି ଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ସାମ୍ବାଦିକ କରୁଣାକର ନାୟକ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ଅଲ ଓଡିଶା ରିପୋର୍ଟର ଆସୋସିଏସନ ର ଲକ୍ଷ ଓ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସୁରକ୍ଷା ସହିତ ୧୦ ଗୋଟି ଦଫା କାର୍ଯ୍ୟକାରୀ କରିବାକୁ ଉକ୍ତ ସଙ୍ଘ ର ରାଜ୍ୟ ସଭାପତି ଡ଼କ୍ଟର ସୁଧାଂଶୁ ଶେଖର ରାଉତ ଅହରହ ସଂଗ୍ରାମ ଜାରି ରଖିବା ପ୍ରସଙ୍ଗ କୁ ବୈଠକ ରେ ଉପସ୍ଥାପନା କରାଯାଇଥିଲା। ଏଥିରେ ସାମ୍ବାଦିକ ବଂଶୀଧର ସେଠି, ରମେଶ ଚନ୍ଦ୍ର ନାୟକ ଓ ଦୀପକ କୁମାର ନାୟକ ଭିନ୍ନ ଭିନ୍ନ ନିଜସ୍ୱ ମତ ରଖିଥିଲେ। ଆଠମଲ୍ଲିକ ରେ ଯେତେ ଗୁଡିଏ ସାମ୍ବାଦିକ ଭାଇ ମାନେ ଅଛନ୍ତି। ସମସ୍ତ ଙ୍କୁ ଯୋଡି ପୁନର୍ବାର ଆଉ ଗୋଟିଏ ବୈଠକ ବସି ରାଜ୍ୟ ସଭାପତି ଙ୍କ ଉପସ୍ଥିତି ରେ ଆଠମଲ୍ଲିକ ଓ କିଶୋରନଗର ର ସଭାପତି ଚୟନ କରାଯିବ ତାହା ଉପରେ ଆଲୋଚନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ଆଠମଲ୍ଲିକ ଓ କିଶୋର ନଗର ବ୍ଲକ ର ବିଭିନ୍ନ ସମ୍ବାଦ ପତ୍ର ଗଣମାଧ୍ୟମ ପ୍ରତିନିଧି ଓ ଇଲୋକ୍ଟ୍ରୋନିକ ମିଡିଆ ବନ୍ଧୁ ମାନେ ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିଲେ। ବୁଲୁ ଦଳେଇ, ସଞ୍ଜୟ ଟାଙ୍ଗୀ, ସୁବାସ ନାୟକ,ଅରୁଣ କୁମାର ନାୟକ, ଗୋବିନ୍ଦ ନାୟକ, ପ୍ରଶାନ୍ତ କୁମାର ନାୟକ, ହରେକୃଷ୍ଣ ନାୟକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବ ଶେଷରେ ଧନଞ୍ଜୟ ନାୟକ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ଚାହାଁର କୋଳି ଦେଉଛି ଜୀବିକା, ନାହିଁ ବିକ୍ରି ବ୍ୟବସ୍ଥା ଅଭାବୀ ବିକ୍ରି ର ଶିକାର



ଝରିଗାଁ **୨୦/୪(ନି.ପ୍ର):** ଏବେ ସବୁଠି ଦେଖା ଦେଉଛି ଚାହାଁର କୋଳି, ଜଙ୍ଗଲ ପାହାଡ ଠୁ ଆରାମ କରି ଘର ବାହାରେ ଚାହାଁର ଚାହିଦା କିନ୍ତୁ ବିକ୍ରି ବ୍ୟବସ୍ଥା ନଥିବା ରୁ ଏବେ ଘର ଆଗରେ ଛାଉଣୀ ପରି ଦଲାଲ ଓ ବ୍ୟବସାୟୀ କମ ଦରରେ କିଣି ନେଉଛନ୍ତି । ଫଳରେ ସଂଗ୍ରହକାରୀ ମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଝରିଗାଁ ବ୍ଲକରେ ଚାହାଁର କୋଳି ଲୋକଙ୍କ ପାଇଁ ଜୀବନ ଜୀବିକା ସାଜିଛି । ଝରିଗାଁ ବ୍ଲକ ଦୁର୍ଗମ ଆଦିବାସୀ ଅଞ୍ଚଳ ହୋଇଥିବାରୁ ପାହାଡ ଜଙ୍ଗଲ ସବୁଠି ଚାହାଁର କୋଳି । ଚାହାଁର ଖାଇବାକୁ ଯେପରି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟ ପକ୍ଷେ ମଧ୍ୟ ସେପରି ହିତକର। ଚାଁର ଗ୍ରୀଷ୍ମଋତୁରେ ଫଳିଥାଏ । ଅଞ୍ଚଳର ଲୋକେ ଉହ ଉହ ଖରା କୁ ବି ଖାତିର ନକରି ଜଙ୍ଗଲ ପାହାଡ କୁ ଚାହାଁର ସଂଗ୍ରହ କରିବା କୁ ଯାଆନ୍ତି । ଚାହାଁର କୁ ଆଣି ଖରାରେ ଶୁଖାଇ ମଞ୍ଜି କୁ କେଜି ପିଛା ୧୦୦ ରୁ ୧୫୦ ଟଙ୍କାରେ ବେପାରୀଙ୍କ ହାତକୁ ଟେକି ଦିଅନ୍ତି । କଷ୍ଟ ରେ ସଂଗ୍ରହିତ ଚାହାଁର ର ପାରିଶ୍ରମିକ ମିଳି ପାରୁନାହିଁ ଓ ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୋଇପାରୁଛି ବୋଲି ସଂଗ୍ରହକାରୀ ମାନେ କୁହନ୍ତି । ତେଣୁ ସରକାର ଚାହାଁର କୋଳି କୁ କିଣିବା ପାଇଁ ବଜାର ବ୍ୟବସ୍ଥା କରନ୍ତେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

# ହିଞ୍ଜିଳିରେ ବଢୁଛି ନିଶା କାରବାର: ଅବକାରୀ ବିଭାଗ ନିରବଦ୍ରଷ୍ଟା

ହିଞ୍ଜିଳିକାଟୁ **୨୦/୪(ନି.ପ୍ର):** ଗଞ୍ଜାମ ଜିଲ୍ଲାର ୨ୟ ବୃହତ୍ତମ ସହର ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଦିନକୁ ଦିନ ଚୋରା ନିଶା କାରବାର ବୃଦ୍ଧି ପାଉଥିବା ଜଣାପଡିଛି । ସ୍ଥାନୀୟ ଅବକାରୀ ଥାନାର ବିଭିନ୍ନ ସ୍ଥାନରେ ନିଶା କାରବାର ଅହେତୁକ ଭାବେ ବୃଦ୍ଧି ପାଉଥିବା ନେଇ ସୂଚନା ମିଳିଛି ।ଏପରିକି ବିଭାଗ ପକ୍ଷରୁ ଅନୁମତି ମିଳିଥିବା କିଛି ହାତ ଗଣତି ଶାଖା ଦୋକାନ ବ୍ୟତୀତ ପାନ ଦୋକାନ, ଫାଷ୍ଟଫୁଡ, ଜଳଖିଆ ଦୋକାନ, ଔଷଧ ଦୋକାନରେ ମଧ୍ୟ ଚୋରାରେ ବିକ୍ରି ହେଉଛି ନିଶା ଦ୍ରବ୍ୟର ଅବାଧ କାରବାର । ସ୍ଥାନୀୟ ଅବକାରୀ ବିଭାଗ ଏବଂ ମଦ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ଚୋରା ମଦ ଓ ଗଞ୍ଜେଇ ବେପାର । ଏପରିକି ସ୍ଥାନୀୟ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ବିଭିନ୍ନ ସାହି ବସ୍ତିରେ ନିଶାଖୋର ମାନଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି । ଗ୍ରାମର ଅନ୍ଧାର ଗଳି ରାସ୍ତା ସହ ବିଭିନ୍ନ ପାନ ଦୋକାନ, ଚାହା ଦୋକାନ, ରେଷ୍ଟୁରାଣ୍ଟ, ରେଷ୍ଟସେଡ,ନଦୀ ରାସ୍ତା ଓ ଶ୍ମଶାନ ଓ ମାଟି ପ୍ରସ୍ତୁତ ଇଟାଭାଟି ନିକଟବର୍ତ୍ତୀ ସ୍ଥାନ ଗୁଡିକ ସହ ସହର କଡ଼ରେ ଥିବା ସିମେଣ୍ଟ ଚେୟାର ଉପରେ ବସି ଖୁଲୁମଖୁଲା ମଦ୍ୟପାନ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ନିଶାସକ୍ତ ଅବସ୍ଥାରେ ବିଭିନ୍ନ ସମୟରେ ସ୍ୱ ସାଧାରଣରେ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଉଚ୍ଚବାଚ ହେବା ଏବେ ନିତିଦିନିଆ ଘଟଣା ପାଲଟିଛି । ଏପରିକି ବହୁ ସମୟରେ ମଧ୍ୟ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେଉଥିବା ନଜିର ରହିଛି । ନିଶା ସେବନରେ ଆସକ୍ତି ହୋଇ ଯୁବପିଢି ପଥଭ୍ରଷ୍ଟ ହେବା ସହ ନିଶା ଖାଇବା ପାଇଁ ଅପରାଧିକ କାର୍ଯ୍ୟ ଭିଆଇବାରେ ସାମାନ୍ୟତମ କୁଣ୍ଠାବୋଧ ମଧ୍ୟ ପ୍ରକାଶ କରୁନାହାନ୍ତି ।ଉଚ୍ଚ ଅଧିକାରୀଙ୍କ ଆଦେଶକୁ ପାଳନ କରି ସ୍ଥାନୀୟ ଅବକାରୀ ଅଧିକାରୀ ଛୋଟ କାଟିଆ ନିଶା ବେପାରୀଙ୍କୁ ଧରି ଲକ୍ଷ୍ୟ ପୂରଣ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।କିନ୍ତୁ ଛୋଟ କାଟିଆ ବେପାରୀଙ୍କୁ ଯୋଗାଉଥିବା ବଡ଼ ବଡ଼ ନିଶା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ଅଧିକାରୀ ପଛଘୁଞ୍ଚା ଦେଉଥିବା ଶୁଣିବାକୁ ମିଳୁଛି ।କେବେ ନିଶା ବେପାର ଚାଲିଥିବା ବେଳେ କୌଣସି ବ୍ୟକ୍ତି ଅଧିକାରୀଙ୍କ ମୋବାଇଲ ନମ୍ବରକୁ ଫୋନ କଲେ ମଧ୍ୟ ଅଧିକାରୀ ଫୋନ ଉଠାଉ ନ ଥିବା କିଛି ବ୍ୟକ୍ତିଙ୍କ ସୂଚନା ମିଳିଛି ।ଫଳରେ ସ୍ଥାନୀୟ ଅବକାରୀ ଅଧିକାରୀ ନିଶା ବେପାରୀଙ୍କୁ ଧରିବା ପାଇଁ କେତେ ତତ୍ପର ତାହା ସ୍ପଷ୍ଟ ବାରି ହୋଇ ପଡୁଛି। ନିର୍ଦ୍ଦିଷ୍ଟ ଛୋଟ କାଟିଆ ନିଶା ବେପାରୀଙ୍କୁ ବାରମ୍ବାର ଧରି ଖୁବ କମ ନିଶାଦ୍ରବ୍ୟ ଧରି ଅଧିକ ଦର୍ଶାଯାଉଥିବା ଶୁଣିବାକୁ ମିଳୁଛି ।ସବୁଠାରୁ ଉଲ୍ଲେଖ ଯୋଗ୍ୟ ପ୍ରସଙ୍ଗ ହେଲା ସହରରେ ନିଶା କାରବାର କିଛି ଯୁବ ବର୍ଗଙ୍କ ଦ୍ୱାରା ପରିଚାଳିତ ହେଉଥିଲା ବେଳେ ସ୍ଥାନୀୟ ଅବକାରୀ ବିଭାଗ ସ୍ଥାଣୁ ପାଲଟିଛି। ହିଞ୍ଜିଳିରେ ନିଶା କାରବାରର ଭୁସ୍ୱର୍ଗ ପାଲଟିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ମାତ୍ର ଗୋଟିଏ ଥର ପାଇଁ ହିଞ୍ଜିଳିକାଟୁ ପୌରାଞ୍ଚଳର ଜଣେ ନକଲି ବିଦେଶୀ ମଦ ପ୍ରସ୍ତୁତକାରୀ ଯୁବକ ଏକ ଘରୋଇ ଯାତ୍ରୀବାହୀ ବସ ଯୋଗେ ମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ଚଢାଉ କରିଥିବାର ନଜିର ରହିଛି। ସେହିପରି ଏକ ସରକାରୀ ଯାତ୍ରୀବାହୀ ବସ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗୀୟ କର୍ମଚାରୀ ମାନେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା କିନ୍ତୁ ତାହା ବି ଚାଲି ଚାଲି ଯାଉଥିବା ଜଣେ ଯୁବକଙ୍କୁ ଠାରୁ ଜବତ କରାଯାଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା । ମଦ ଓ ଗଞ୍ଜେଇ ମାଫିଆଙ୍କ ସହ ସ୍ଥାନୀୟ ଅବକାରୀ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ସଫାସୁତୁରା ଚାଲିଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ରକ୍ତରଞ୍ଜିତ ରାଜଧାନୀ: ୪ମାସରେ ଗଡ଼ିଲାଣି ୮ମୁଣ୍ଡ

## ଚିନ୍ତା ବଢ଼ାଉଛି ଯୋଜନାବଦ୍ଧ ହତ୍ୟାକାଣ୍ଡ

ଭୁବନେଶ୍ୱର,୨୦/୪: ରାଜଧାନୀରେ ବଢ଼ିଚାଲିଛି ହତ୍ୟା ଅପରାଧ। ରକ୍ତରଞ୍ଜିତ ହେଉଛି ସହର। ଚଳିତ ବର୍ଷର ୪ମାସ ଭିତରେ ଗଡ଼ିଲାଣି ୮ମୁଣ୍ଡ। ପ୍ରାୟ ସବୁଗୁଡ଼ିକ ଯୋଜନାବଦ୍ଧ ହତ୍ୟାକାଣ୍ଡ। କିନ୍ତୁ କୌଣସି ଗୋଟିଏ ମାମଲା ଲୁଚାଚୋରାରେ ହୋଇନାହିଁ। ଗୋଟିଏ ଦି'ଟିକୁ ବାଦ୍‌ଦେଲେ, ପ୍ରାୟ ସବୁ ସଂଘବଦ୍ଧ ଆକ୍ରମଣ ଓ ଅପରାଧୀମାନେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ହଠାତ୍ ଅପରାଧୀଙ୍କ ଭିତରେ ଏଭଳିଭାବେ ବଢୁଥିବା ଦୁଃସାହସକୁ ନେଇ ବିଭିନ୍ନ ମହଲରୁ ଚିନ୍ତା ପ୍ରକଟ ହେଲାଣି। ପୁଲିସ ପାଇଁ ଏହା ଯେତିକି ମୁଣ୍ଡବିନ୍ଧାର କାରଣ ହୋଇଛି, ସାଧାରଣରେ ସେତିକି ଭୟର ବାତାବରଣ ସୃଷ୍ଟି କଲାଣି। ତେଣୁ ସ୍ୱାଭାବିକ ଭାବେ ଆଇନଶୃଙ୍ଖଳାକୁ ନେଇ ସବୁ ମହଲରୁ ପ୍ରଶ୍ନ ଉଠିଲାଣି।

**ଜାନୁଆରି ୮: ଜାତୀୟ ରାଜପଥରେ ଖଣ୍ଡାରେ ହାଣି ଦି ଗଡ଼ କରିଦେଲେ**

ସହରରେ ଆୟୋଜନ ହେଉଥାଏ ପ୍ରବାସୀ ଭାରତୀୟ ଦିବସ। ସହର ସାରା ପୁଲିସ ଛାଉଣୀ। ସକାଳ ପ୍ରାୟ ୯ଟା ବେଳେ ମଞ୍ଚେଶ୍ୱର ଓ ସହିଦନଗର ଥାନାର ମଧ୍ୟ ଭାଗରେ ୧୬ ନମ୍ବର ଜାତୀୟ ରାଜପଥରେ ଲୋକଙ୍କ ଆଖି ସାମ୍ନାରେ ଘଟିଲା ବୀଭତ୍ସ ହତ୍ୟାକାଣ୍ଡ। କେଦାରପଲ୍ଲୀ ବସ୍ତିର ସହଦେବ ନାୟକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଦେଲେ ହତ୍ୟାକାରୀମାନେ। ଖଣ୍ଡା ଚୋଟରେ ସହଦେବଙ୍କ ବେକରୁ ମୁଣ୍ଡକୁ ଝୁଲାଇଦେଲେ। ସେଦିନ ଏହି ଛାତିଥରା ହତ୍ୟାକାଣ୍ଡ ସାରା ସହରରେ ଚାଞ୍ଚଲ୍ୟ ଖେଳାଇଦେଲା। ପୁଲିସ ଏହି ମାମଲାରେ ଲକ୍ଷ୍ମୀଧର ନାୟକ, ତା' ପତ୍ନୀ ଲିପିକା ନାୟକ, ରାକେଶ ନାୟକ, ତା' ପତ୍ନୀ ଲକ୍ଷ୍ମୀ ନାୟକ, ରକି ନାୟକ, ପିଙ୍କି ନାଏକ, ରମା ବେଓ୍ୱା ଓ ସୁଶାନ୍ତ ନାଏକଙ୍କୁ ଗିରଫ କରିଛି। କିନ୍ତୁ ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡରେ ଆଉ କିଛି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିପାରିନି।

**ଜାନୁଆରି ୨୮: ପ୍ରେମିକାକୁ ମାରି ନଦୀପଠାରେ ଫୋପାଡ଼ିଥିଲା**

ଘଟଣା ଦିନ ଧଉଳି ଥାନା ପୁଲିସ ଲିଙ୍ଗିପୁର ଦୟାନଦୀ ପଠାରୁ ଜଣେ ମହିଳାଙ୍କ ଗଳିତ ଶବ ଜବତ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲେ ହେଁ ବିଭିନ୍ନ କାରଣରୁ ପୁଲିସ ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡର ସୁରାକ୍ ପାଇ ନଥିଲା। କିନ୍ତୁ ୩ମାସର କସରତ ପରେ ପୁଲିସ ଏହି ରହସ୍ୟମୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଥିଲା। କନ୍ଧମାଳର ସ୍ନେହା ବେହେରାଙ୍କୁ ତାଙ୍କ ପ୍ରେମିକ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା କଥକୋଟ ଗ୍ରାମର ଚନ୍ଦନ ପରିଡ଼ା ଓରଫ ମଙ୍ଗୁ ହତ୍ୟା କରି ଫୋପାଡ଼ି ଦେଇଥିଲା। ଖଣ୍ଡଗିରି ଥାନାର ନିଖୋଜ ମାମଲାରୁ ମଙ୍ଗୁର କାରନାମା ଧରାପଡ଼ିଥିଲା।

**ମାର୍ଚ୍ଚ ୧୩: ସାହିମୁଣ୍ଡରେ ହାଣିଦେଲା**



ସନ୍ଧ୍ୟା ବେଳେ ବାଲିଅନ୍ତା ଥାନା ଅଣ୍ଡିଲୋ ଗାଁ ମୁଣ୍ଡରେ ତରୁଣ ଭୋଇ ଓରଫ ଟିମା ସେହି ସାହିର ମିଳନ୍ ଭୋଇଙ୍କୁ ଖଣ୍ଡାରେ ହାଣି ମାରିଦେଇଥିଲା। ଟିମାର ସାଇକେଲ ଚୋରି ହୋଇଥିଲା ଏବଂ ସେ ସନ୍ଦେହ କରି ମିଳନ୍‌କୁ ପଚାରିଥିଲା। ମିଳନ୍ ମନା କରିବାରୁ ରାଗରେ ଟିମା, ଘରୁ ଖଣ୍ଡା ଆଣି ମିଳନ୍‌ଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ପକାଇଥିଲା।

**ମାର୍ଚ୍ଚ ୧୫: ହୋଲିରେ ୨ଜଣଙ୍କୁ ହତ୍ୟା**

ହୋଲିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲା କମିସନରେଟ୍ ପୁଲିସ। ଏହା ସତ୍ତ୍ୱେ ଦୁଇ ଜଣଙ୍କ ମୁଣ୍ଡ ଗଡ଼ିଲା। ସହିଦନଗର ଶାନ୍ତିପଲ୍ଲୀ ବସ୍ତିରେ ଗୋପୀ ଗୁଣିଙ୍କୁ ସେହି ବସ୍ତିର ଦୁର୍ବୃତ୍ତମାନେ ଛୁରି ଭୁସି ହତ୍ୟା କଲେ। ସେହିପରି ମଞ୍ଚେଶ୍ୱର ଥାନା ସମେଇଗାଡ଼ିଆ ଅଞ୍ଚଳରେ ଆୟୁଷ୍ମାନ ପତିଙ୍କୁ ଗୋଡ଼ାଇ ଗୋଡ଼ାଇ ଦୁର୍ବୃତ୍ତମାନେ ଛୁରାମାଡ଼ କରି ଜୀବନ ନେଲେ। ଏହି ୨ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

**ଏପ୍ରିଲ୍ ୨: ଭିଶୋଇକୁ ଖଣ୍ଡାରେ ହାଣିଦେଲା**

ସଂଜବୁଡ଼ଟାରେ ବାଲିପାଟଣା ନରଦା ବଜାରରେ ଘଟିଥିଲା ଏହି ବୀଭତ୍ସ ହତ୍ୟାକାଣ୍ଡ। ସାନ ଶଳା ମିର ସୟଦ୍ ଖଣ୍ଡାରେ ହାଣି ଭିଶୋଇ ମୁସ୍ତାକିନ୍ ଅଲ୍ଲୀଙ୍କୁ ହତ୍ୟା କଲା। ଜମିଜମା ବିକ୍ରିବଟାକୁ ନେଇ ଭିଶୋଇ ମୁସ୍ତାକିନ୍ ଶଶୁରଘରେ ମୁଣ୍ଡ ଖେଳାଉଥିବାରୁ ଶଳା ମିର ସୟଦ ଗୋଡ଼ାଇ ଗୋଡ଼ାଇ ହାଣିପକାଇଲା।

**ଏପ୍ରିଲ୍ ୩: ଲଘୁ ଖଣିଜ ଚୋରା ଚାଲାଣରୁ ଯୁବକଙ୍କୁ ହତ୍ୟା**

ଘଟଣା ଦିନ ରାତିରେ ଜଟଣୀ ବିକାଶନଗରର ମାନସ ଦଳେଇ ଓରଫ ରାକେଶଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲେ ଦୁର୍ବୃତ୍ତମାନେ। ଲଘୁ ଖଣିଜ ଚୋରା ଚାଲାଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ପୁଲିସ ଉପରବସ୍ତର ଦୁଇ ଭାଇ ଅଭିରାମ ବାଘସିଂ ଓ ସପନା ବାଘସିଂକୁ ଗିରଫ କରିଥିଲେ ହେଁ ଆହୁରି ୬ଜଣ ଫେରାର ଅଛନ୍ତି।

**ଏପ୍ରିଲ୍ ୧୧: ବିଲ୍ଡରଙ୍କୁ ପିଟିପିଟି ମାରିଦେଲେ**

ଘଟଣା ଦିନ ୟୁନିଟ୍-୬ ଅଞ୍ଚଳର ବିଲ୍‌ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ତାଙ୍କୁ ଜାମୁକୋଳି ଗାଁ କାଜୁ ଜଙ୍ଗଲକୁ ଟେକି ନେଇ ମାରିଦେଇଥିଲେ। ଏହି ମାମଲାରେ ପୁଲିସ ମାଷ୍ଟରମାଇଣ୍ଡ୍ ତଥା ମୁଖ୍ୟ ଷଡ଼ଯନ୍ତ୍ରକାରୀ ହୋମ୍‌ଗାର୍ଡ ସୁକାନ୍ତ ବେହେରା, ଗୁଲୁ ମହାନ୍ତି, ମନୋଜ ବେହେରାକୁ ଗିରଫ କରିଛି। କିନ୍ତୁ ଆହୁରି ୫ ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଛି।

# ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷାକଲେ ରାଜ୍ୟପାଳ

ପୁରୀ ୨୦/୪ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଆଜି ପୂର୍ବାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲାର ସ୍ଥିତି ଓ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କରିଛନ୍ତି ।ସରକାର ଓ ପ୍ରଶାସନ ସାଧାରଣ ଲୋକ ମାନଙ୍କ ମୌଳିକ ଆବଶ୍ୟକତା ପୂରଣ ସହ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ରେ ଯୋଗ୍ୟତା ଅନୁସାରେ ସେମାନଙ୍କୁ ସାମିଲ କରିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ ।ଲୋକ ପ୍ରତିନିଧିମାନଙ୍କୁ ଏ ସମସ୍ତ କାର୍ଯ୍ୟ ରେ ସାମିଲ କରାଯିବା ସହ ଏହି ସବୁ କାର୍ଯ୍ୟ ର ସମୀକ୍ଷା ଲୋକ ପ୍ରତିନିଧି ମାନେ କରିବା ଆବଶ୍ୟକ ।ପ୍ରଶାସନ ଉପଯୁକ୍ତ ହିତାଧିକାରୀ ଚୟନ ସମୟରେ ସରକାର ପ୍ରଦତ୍ତ ମାର୍ଗଦର୍ଶିକା ଆଧାର ରେ ତାଲିକା ପ୍ରସ୍ତୁତ କରିବା ଉଚିତ ।ଯାହା ଫଳରେ ଉପକୃତ ହେଉଥିବା ହିତାଧିକାରୀ ଓ ଅପେକ୍ଷା ତାଲିକା ରେ ରହୁଥିବା ବ୍ୟକ୍ତି ମାନଙ୍କ ଚିହ୍ନଟ ସହଜ ହେବ ।ଲୋକ ମାନଙ୍କୁ ଶୁଣିବା ଓ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।ଯେ କୌଣସି ପ୍ରକଳ୍ପ ର ପ୍ରକୃତ ଲକ୍ଷ୍ୟ ସମ୍ପର୍କରେ ଲୋକ ମାନ ଙ୍କୁ ସଚେତନ କରାଇବା ସହ ସଫଳତା ହାସଲ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।ଭୁବନେଶ୍ୱର ରାଜଭବନକୁ ସମ୍ପୂର୍ଣ୍ଣ ସୋଲାର ବା ପି ଏମ ସୂର୍ଯ୍ୟ ଘର ଯୋଜନା ରେ ସାମିଲ କରାଯାଇଛି ।ତେଣୁ ପିଏମ ସୂର୍ଯ୍ୟ ଘର ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କ ରେ ଏହାର ଉପଯୋଗ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ଲୋକ ସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର,ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଯୋଗ ଦେଇ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ,ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।ଆଇନ ଶୃଙ୍ଖଳା ରକ୍ଷା,ଜଙ୍ଗଲ ବିଭାଗ,ଚିଲିକା ଉନ୍ନୟନ, ମତ୍ସ୍ୟ ସମ୍ପଦ,ପ୍ରାଣୀ ସମ୍ପଦ, ବିଦ୍ୟୁତ, ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଜଳ ଯୋଗାଣ, ଜଳ ସମ୍ପଦ ଇତ୍ୟାଦି ବିଭାଗ ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିବା ସହ ବିବିଧ ପରାମର୍ଶ ଦେଇଥିଲେ ।ଲୋକ ଙ୍କ ହିତ ପାଇଁ କାର୍ଯ୍ୟ କରିବାର ଅଛି ।ତେଣୁ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ କରିବାର ମାନସିକତା ରଖିବା ।ରାଜ୍ୟ ରେ ସମସ୍ତ ସୁବିଧା ସୁଯୋଗ ରହିଛି ତେଣୁ ସମସ୍ତ ଙ୍କ ସହଯୋଗ ରେ ଏହାକୁ ବିକଶିତ ଓଡିଶାରେ ପରିଣତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।



# ବାଲିପାଟଣା ଥାନା ଆଗରେ ଯୁବକଙ୍କୁ ଗୁଳିମାଡ଼, ଯୁବକ ଗୁରୁତର



ବାଲିପାଟଣା,୨୦/୪: ରାଜଧାନୀ ଉପକଣ୍ଠ କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ନିକଟରେ ଗତକାଲି ରାତିରେ ଜନୈକ ଯୁବକଙ୍କୁ ଗୁଳିମାଡ଼ ହୋଇଛି । ଗୁଳିମାଡ଼ରେ ଯୁବକ ଆହତ ହୋଇଛନ୍ତି । ଆହତ ଯୁବକ ହେଲେ ଗୁଆପୁର ଗ୍ରାମର ଦୀପ୍ତି ରଞ୍ଜନ ମହାପାତ୍ର ଓରଫ କୁନା । ଦୀପ୍ତିଙ୍କ ବାମ ହାତରେ କହୁଣୀ ଉପର ଭାଗରେ ଗୁଳି ବାଜି ଗଭୀର କ୍ଷତ ସୃଷ୍ଟି ହୋଇଛି । ପୁଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରିବା ପରେ ଯୁବକଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି । ଗୁଳିକାଣ୍ଡର ପ୍ରକୃତ ରହସ୍ୟ ଜଣା ପଡି ନାହିଁ । ଦୀପ୍ତି ଥାନା ନିକଟ ଭଉଣୀ ରହୁଥିବା ଭଡ଼ାଘର ବାରଣ୍ଡାରେ ରାତ୍ରି ପ୍ରାୟ ୧୨ ଟାରେ ବସିଥିଲେ । ଏହି ସମୟରେ ୨ଜଣ ଯୁବକ ଏକ ବାଇକରେ ଆସି ଦୀପ୍ତିଙ୍କୁ ଗୁଳିମାଡ଼ କରିଥିଲେ ଦୀପ୍ତି ପୁଲିସକୁ କହିଛନ୍ତି । ଗୋଟିଏ ଗୁଳି ଦୀପ୍ତିଙ୍କ ଦେହରେ ବାଜିବା ପରେ ସେ ସେଠାରୁ ଦୌଡ଼ି ପଳାଇଥିଲେ । ଗୁଳିମାଡ଼ ପରେ ୨ ଦୁର୍ବୃତ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି । ପୁର୍ବ ଶତ୍ରୁତାରୁ ଗୁଳିମାଡ଼ ହୋଇଥିବା ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଗୋଟିଏ ଖୋକା ଓ ରକ୍ତ ଛିଟା ପଡ଼ିଛି । ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ଦୀପ୍ତି ଥାନା ନିକଟ ଭଉଣୀ ରହୁଥିବା ଭଡ଼ାଘର ବାରଣ୍ଡାରେ ରାତ୍ରି ପ୍ରାୟ ୧୨ ଟାରେ ବସିଥିଲେ । ଏହି ସମୟରେ ୨ଜଣ ଯୁବକ ଏକ ବାଇକରେ ଆସି ଦୀପ୍ତିଙ୍କୁ ଗୁଳିମାଡ଼ କରିଥିଲେ ଦୀପ୍ତି ପୁଲିସକୁ କହିଛନ୍ତି । ଗୋଟିଏ ଗୁଳି ଦୀପ୍ତିଙ୍କ ଦେହରେ ବାଜିବା ପରେ ସେ ସେଠାରୁ ଦୌଡ଼ି ପଳାଇଥିଲେ । ଗୁଳିମାଡ଼ ପରେ ୨ ଦୁର୍ବୃତ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି । ପୁର୍ବ ଶତ୍ରୁତାରୁ ଗୁଳିମାଡ଼ ହୋଇଥିବା ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଗୋଟିଏ ଖୋକା ଓ ରକ୍ତ ଛିଟା ପଡ଼ିଛି । ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# କାଳବୈଶାଖୀ ଉଜାଡିଦେଲା ଫସଲ

ଭୁବନେଶ୍ୱର,୨୦/୪: ରାଜ୍ୟରେ ଜାରି ରହିଥିବା କାଳବୈଶାଖୀ ଏବେ ଉପକୂଳ ଜିଲ୍ଲାର ଚାଷୀମାନଙ୍କ ଫସଲ ଅମଳ ଉପରେ ଦାଉ ସାଧୁଛି । ବିଶେଷକରି ବିରି, ମୁଗ ଭଳି ଡାଲିଜାତୀୟ ଶସ୍ୟ ଅମଳ ଏହାଦ୍ୱାରା ପ୍ରଭାବିତ ହେବାରେ ଲାଗିଛି । ରାଜ୍ୟର କେତେକ ଆଭ୍ୟନ୍ତରୀଣ ଅଞ୍ଚଳ ସହିତ ଉପକୂଳ ଜିଲ୍ଲାରେ କାଳବୈଶାଖୀ ଜାରି ରହିଛି । ଯେଉଁଠାରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଛି ସେଠାରେ ପବନ ସହିତ ବର୍ଷାର ପରିମାଣ ଢେର ଅଧିକ ରହୁଛି । ଏପରିକି ବିରି ମୁଗ ଜମିରେ ପାଣି ଜମାହୋଇ ଯାଉଛି । ବର୍ତ୍ତମାନ ଉପକୂଳ ଜିଲ୍ଲାରେ ବିରି, ମୁଗ ଆଦି ଫସଲର ଅମଳ ଋତୁ । ଚାଷୀମାନେ ବିଲରୁ ଏଗୁଡିକୁ ଓପାଡି ଘରକୁ ଆଣିଥାନ୍ତି । ତେବେ କାଳବୈଶାଖୀ ବର୍ଷା ଅନେକ ସ୍ଥାନରେ ଏହି ଫସଲକୁ ନଷ୍ଟଭ୍ରଷ୍ଟ କରିଦେଉଛି । କାରଣ ଚଳିତ କାଳବୈଶାଖୀ ପ୍ରଭାବରେ ବହୁ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ କୁଆପଥର ମାଡ ବି ହେଉଛି । ଫଳରେ ବିଲରେ ଥିବା ଶୁଖିଲା ମୁଗ ଓ ବିରି ଛୁଇଁଗୁଡିକ ନଷ୍ଟ ହୋଇଯାଉଛି । ଯେଉଁଚାଷୀମାନେ ଏଗୁଡିକୁ ଘରକୁ ବୋହି ଆଣିଛନ୍ତି ସେମାନଙ୍କର ଫସଲ କିଛି ମାତ୍ରାରେ ରକ୍ଷା ପାଇଯାଇଥିବାବେଳେ ଟାଣ ଖରା ନବାଜିଲେ ଏହାକୁ ଅମଳ କରିବା ସହଜ ହେବନାହିଁ ବୋଲି ଚାଷୀମାନେ କହୁଛନ୍ତି । ଅନ୍ୟ ପକ୍ଷରେ ଚାଷୀମାନଙ୍କର ବିକଳିଆ ଅବସ୍ଥା ଦେଖି ଏବେ ବ୍ୟବସାୟୀମାନେ କମ୍ ଦରରେ ମୁଗ, ବିରି ଆଦି ସଂଗ୍ରହ ପାଇଁ ଗାଁ ଗଣ୍ଡାରେ ଡେରା ପକାଇଲେଣି । ଏପରିକି ସୁଯୋଗ ଦେଖି ବିରି ଓ ମୁଗ କିଲୋ ପ୍ରତି ୫୦ ରୁ ୫୫ ଟଙ୍କା ଦରରେ ଖରିଦ କରୁଛନ୍ତି । ଧାନ ଭଳି ଏହିସବୁ ଡାଲିଜାତୀୟ ଫସଲର ଦରଧାର୍ଯ୍ୟ କିମ୍ବା ଖରିଦ ବ୍ୟବସ୍ଥା ନଥିବାରୁ ଚାଷୀମାନେ ବାଧହୋଇ ବେପାରୀଙ୍କ ହାତରେ ଟେକି ଦେଉଛନ୍ତି । କାରଣ ବର୍ଷାମାଡିଖିଆ ମୁଗ, ବିରି ଆଦିରେ ପୋକ ଲାଗିବାର ଭୟ ରହୁଥିବା ଚାଷୀମାନେ କହୁଛନ୍ତି । କେବଳ ଡାଲି ଜାତୀୟ ଫସଲ ନୁହେଁ, କାଳବୈଶାଖୀ ପ୍ରଭାବରେ ଚାଷୀମାନଙ୍କ ଖରାଟିଆ ପନିପରିବା ବି ବହୁ ସ୍ଥାନରେ ନଷ୍ଟଭ୍ରଷ୍ଟ ହୋଇଯାଉଛି । ବିଶେଷକରି ପୋଟଳ, ଭେଣ୍ଡି, ଟମାଟୋ, ଝୁଡୁଙ୍ଗ ଆଦି ଫସଲ ପ୍ରବଳ ବର୍ଷାମାଡରେ ନଷ୍ଟହୋଇ ଯାଉଛି । ଅନେକ ସ୍ଥାନରେ କୁଆପଥର ମାଡରେ ନଷ୍ଟ ହୋଇଥିବା ପନିପରିବାକୁ ଚାଷୀମାନେ ବିଲରୁ ସଂଗ୍ରହ କରିବା କଷ୍ଟକର ହୋଇ ପଡୁଛି । ଚାଷୀମାନଙ୍କ କହିବାକଥା ଯେ ଚଳିତବର୍ଷ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଯେଭଳି ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ କୁଆପଥର ମାଡ ଓ ପ୍ରବଳ ପବନ ବୋହୁଛି ତାହା ଆଉ କିଛିଦିନ ଜାରି ରହିଲେ ଖରାଦିନିଆ ଫସଲସବୁ ଉଜୁଡିଯିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି । ତେବେ ଡାଲି ଜାତୀୟ ଫସଲ କରିଥିବା ଚାଷୀମାନେ ଯେଭଳି ଉଚିତ୍ ମୂଲ୍ୟ ପାଇବେ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରୁଛନ୍ତି ।

# ମୋବାଇଲ୍ ଚୋରି ବଢ଼ାଉଛି ସାଇବର ଠକେଇ

ଭୁବନେଶ୍ୱର,୨୦/୪: ସମ୍ପ୍ରତି ରାସ୍ତାରେ ମୋବାଇଲ ଛିନ୍‌ତାଇ ଏକ ସାଧାରଣ ଘଟଣା ହୋଇଯାଇଛି। ନିଶାଡ଼ିମାନେ ଲୁଟିଥିବା ମୋବାଇଲ୍‌ଗୁଡ଼ିକୁ ଶାଗମାଛ ଦରରେ ବିକି ନିଶାସେବନ ପାଇଁ ଅର୍ଥ ଯୋଗାଡ଼ କରନ୍ତି ବୋଲି ସାଧାରଣରେ ବିଶ୍ୱାସ କରାଯାଏ। କିନ୍ତୁ ମୋବାଇଲ୍ ଛିନ୍‌ତାଇ ପଛରେ ଅନ୍ୟ ଏକ କାରଣ ବି ଜଣାପଡ଼ିଲାଣି। ସାଇବର ଠକେଇ ପାଇଁ ଚୋରି ମୋବାଇଲ୍ ବେଶ୍ ସହାୟକ ହେଉଛି। ଚୋରି ହୋଇଥିବା ମୋବାଇଲ୍ ଲିଙ୍କ୍‌ରେ ଥିବା ଆକାଉଣ୍ଟକୁ ସଫା କରିଦେଉଛନ୍ତି ସାଇବର ଠକ। ତେଣୁ ମୋବାଇଲ ଚୋରିକୁ ହାଲୁକା ଭାବେ ନେବା ପରେ ମହଙ୍ଗା ସାବ୍ୟସ୍ତ ହେଉଛି। ଲୁଟ୍ ମୋବାଇଲ୍‌ର ସିମ୍ କାର୍ଡକୁ ଅନ୍ୟ ମୋବାଇଲ୍‌ରେ ବ୍ୟବହାର କରି ସାଇବର ଠକ ୟୁପିଆଇ ମାଧ୍ୟମରେ ଆକାଉଣ୍ଟକୁ ଖାଲି କରିଦେଉଛନ୍ତି। ନିକଟରେ ସାଇବର ଥାନାକୁ ଏଭଳି ଚାରି ଚାରିଟି ମାମଲା ଆସିଲାଣି। ଏସବୁ ମାମଲାରେ ସାଢ଼େ ୪ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ସାଇବର ଥାନା ପୁଲିସ ପାଇଁ ଏଭଳି ମାମଲା ମୁଣ୍ଡବିନ୍ଧା ବଢ଼ାଇଛି। କାରଣ ଏଭଳି ସାଇବର ଠକେଇର ପର୍ଦ୍ଦାଫାସ୍ କରିବା ବେଶ୍ କଷ୍ଟକର। ନିକଟରେ ସାଇବର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ଏକ ଘରୋଇ କମ୍ପାନିରେ କାମ କରୁଥିବା ଶଙ୍କର ସାହୁଙ୍କ ମୋବାଇଲ ଚୋରି ହୋଇଥିଲା। କ୍ୟାପିଟାଲ ହାଟରେ ସପିଂ କରୁଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ମୋବାଇଲ୍ ଫୋନ୍ ଲୁଟିନେଲା। ଏନେଇ ସେ ଥାନାରେ ଅଭିଯୋଗ କଲେ। ମାତ୍ର ପୁଲିସ ନିକଟରେ ଅଭିଯୋଗ ହେବା ପୂର୍ବରୁ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୧୦ହଜାର ଟଙ୍କା ଉଡ଼ିଯାଇଥିଲା। ସାଇବର ଠକ ୟୁପିଆଇ ମାଧ୍ୟମରେ ତାଙ୍କ ଆକାଉଣ୍ଟକୁ ଖାଲି କରିଦେଇଥିଲା। ୟୁପିଆଇ ମାଧ୍ୟମରେ ଟଙ୍କା ଦେଣନେଣ ପାଇଁ ଶଙ୍କରଙ୍କ ହାତରେ ମୋବାଇଲ ନଥିଲେ ମଧ୍ୟ ତାଙ୍କ ଆକାଉଣ୍ଟ ସଫା ହୋଇଯାଇଥିଲା। ସାଇବର ବିଶେଷଜ୍ଞଙ୍କ କହିବା କଥା ଶଙ୍କରଙ୍କ ମୋବାଇଲ କୌଣସି ସାଇବର ଠକ ହାବୁଡ଼ରେ ପଡ଼ିବା ପରେ ସେ ସିମ୍ ବାହାର କରି ଖେଳ କରିଛି। ଶଙ୍କରଙ୍କ ସିମ୍‌କୁ ଅନ୍ୟ ମୋବାଇଲ୍‌ରେ ବ୍ୟବହାର କରି ୟୁପିଆଇ ମାଧ୍ୟମରେ ଟଙ୍କା ଦେଣନେଣ କରିଛି। ବ୍ଲକ୍ ହୋଇନଥିବାରୁ ସାଇବର ଠକ ଅଭିନବ ପଦ୍ଧତିରେ ଉକ୍ତ ସିମ୍ ନମ୍ବର ସହ ଲିଙ୍କ୍ ହୋଇଥିବା ସମସ୍ତ ୟୁପିଆଇ ଆପ୍ଲିକେସନ୍ ଡାଉନ୍‌ଲୋଡ୍ କରିଛି ଏବଂ ଫରଗଟ୍‌ନ ପିନ୍ ନମ୍ବର ସର୍ଚ୍ଚ କରି ଓଟିପି ହାତେଇଛି। କେବଳ ଶଙ୍କର ନୁହନ୍ତି, ୪ମାସ ଭିତରେ ଏମିତି ଠକେଇର ଶିକାର ହୋଇଥିବା ଅନ୍ୟ ୩ଜଣ ମଧ୍ୟ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଉଡ଼ିଯାଇଛି। ଏଭଳି ଠକେଇରୁ ବର୍ତ୍ତିବା ପାଇଁ ହେଲେ ମୋବାଇଲ ଚୋରିକୁ ହାଲୁକା ଭାବେ ନେବା ଠିକ୍ ନୁହେଁ। ସାଇବର ବିଶେଷଜ୍ଞଙ୍କ ମତରେ ମୋବାଇଲ ଚୋରି ହେବା ପରେ ତୁରନ୍ତ ସିମ୍ ଓ ବ୍ୟାଙ୍କ ଆକାଉଣ୍ଟ ବ୍ଲକ୍ କରାଇବାକୁ ପଡ଼ିବ। ଏଥିପାଇଁ ଉପଯୁକ୍ତ ବାଟରେ ଯିବାକୁ ହେବ। ବହୁ ସମୟରେ ଲୋକେ କଷ୍ଟମର କେୟାରକୁ ଯାଇ ସିମ୍ ଓ ଆକାଉଣ୍ଟ ବ୍ଲକ୍ କରିବାକୁ ଉଦ୍ୟମ କରନ୍ତି। କିନ୍ତୁ ଏହା ମଧ୍ୟ ବେଶ୍ ବିପଜ୍ଜନକ ବୋଲି ସାଇବର ବିଶେଷଜ୍ଞମାନେ ମତ ଦିଅନ୍ତି। କଷ୍ଟମର କେୟାର ସର୍ଚ୍ଚ କରୁକରୁ ପୁଣି ସାଇବର ଠକଙ୍କ ହାବୁଡ଼ରେ ପଡ଼ିବା ସମ୍ଭାବନା ରହିଛି। ତେଣୁ ସିମ୍ ବ୍ଲକ୍ କରିବାକୁ ହେଲେ ପୂର୍ବରୁ ଦିଆଯାଇଥିବା ଅଲ୍‌ଟରନେଟ୍ ମୋବାଇଲ ନମ୍ବରରେ ଠିକ୍ କଷ୍ଟମର କେୟାର ସହ ଯୋଗାଯୋଗ କରିବାକୁ ହେବ। ତେଣୁ ବଡ଼ କଥା ହେଉଛି, ସିମ୍ କିଣିବା ବେଳେ ଦେଉଥିବା ଅଲ୍‌ଟରନେଟ୍ ନମ୍ବରକୁ ସମସ୍ତେ ମନେରଖିବା ଉଚିତ। ସେହିଭଳି ଆକାଉଣ୍ଟକୁ ବ୍ଲକ୍ କରିବାକୁ ହେଲେ ଡେବିଟ୍ କାର୍ଡ ପଛରେ ଥିବା ନମ୍ବରରେ ଯୋଗାଯୋଗ କରିବାକୁ ହେବ। ଏସବୁ କାମରେ କୌଣସି ପ୍ରକାର ବିଳମ୍ବ ହେବା ବିପଦ ବୋଲି ସାଇବର ବିଶେଷଜ୍ଞ ସତର୍କ କରାଇଛନ୍ତି।



# ଟ୍ୱିନ ସିଟିରେ ହେବ ନୂଆ ଆଇଟି ପାର୍କ

## ୫ ବର୍ଷରେ ସଡ଼କ ନିର୍ମାଣରେ ଖର୍ଚ୍ଚ ହେବ ୨ ଲକ୍ଷ ୩୦ ହଜାର କୋଟି

ଭୁବନେଶ୍ୱର,୧୯/୪: କଟକ ଓ ଭୁବନେଶ୍ୱର ଟ୍ୱିନ ସିଟିରେ ନୂଆ ଆଇଟି ପାର୍କ ତିଆରି ହେବ। ୧୦୦୦ ହେକ୍ଟର ଜମିରେ ତିଆରି ହେବ ନୂଆ ଆଇଟି ପାର୍କ। ଆଇଟି ଶିଳ୍ପ ପାଇଁ ତିଆରି ହେବ ପ୍ଲଗ ଆଣ୍ଡ୍ ପ୍ଲେ ସୁବିଧା ଥିବା ବିଲ୍ଟ ଅପ୍ ଏରିଆ। ଭୁବନେଶ୍ୱରରେ ୧୦ ନିୟୁତ ବର୍ଗ ମିଟରର ବିଲ୍ଟ ଅପ୍ ଏରିଆ ନିର୍ମାଣ କରାଯିବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୫ ବର୍ଷରେ ସଡ଼କ ନିର୍ମାଣରେ ୨ ଲକ୍ଷ ୩୦ ହଜାର କୋଟି ଖର୍ଚ୍ଚ ହେବ। ରାଜ୍ୟର ୫ ବଡ଼ ସହର ସମେତ ୧୧ ସହରରେ ରିଙ୍ଗରୋଡ୍ ତିଆରି ହେବ। ବ୍ରହ୍ମପୁରରୁ ଜୟପୁର ମଧ୍ୟରେ ଗ୍ରୀନ ଫିଲ୍ଡ କରିଡର ନିର୍ମାଣ କରାଯିବ। ୫ ବର୍ଷରେ ରାଜ୍ୟରେ ୧୫ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।

# ଗଣ୍ଡମୁଣ୍ଡା ଛକରେ ଭୁଜାଲି ମାଡ଼ ମାମଲା

## ବନ୍ଧାହେଲା ଦୁର୍ଦ୍ଦାନ୍ତ କାଳିଆ

ଖଣ୍ଡଗିରି,୨୦/୪: ଗତ ମାସ ୨୭ ତାରିଖ ଦିନ ଅପରାହ୍ନରେ ଗଣ୍ଡମୁଣ୍ଡା ଛକରେ ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ଭୁଜାଲିରେ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଏହି ମାମଲାରେ ଖଣ୍ଡଗିରି ଥାନା ପୁଲିସ ଗଣ୍ଡମୁଣ୍ଡାର ଦୁର୍ଦ୍ଦାନ୍ତ ଚିତ୍ତରଞ୍ଜ ରଣସିଂହ ଓରଫ କାଳିଆ(୩୭)କୁ ଗିରଫ କରିଛି। କାଳିଆ ହିଁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ବୋଲି ପୁଲିସ ଦର୍ଶାଇଛି। ଏବେ ବି କାଳିଆର ୨ ସହଯୋଗୀ ଫେରାର ଅଛନ୍ତି। ଘଟଣା ଦିନ କାଳିଆ, ତା'ର ସହଯୋଗୀମାନଙ୍କୁ ଧରି ଗଣ୍ଡମୁଣ୍ଡା ଛକରେ ଉତ୍ପାତ କରୁଥିଲା। ଯିଏ ତା ସାମ୍ନାରେ ପଡୁଥିଲା, ତାକୁ କାଳିଆ ଗାଳିମନ୍ଦ କରୁଥିଲା। ଏତିକିବେଳେ ସେମାନଙ୍କ ହାବୁଡ଼ରେ କୁଲୁ ସ୍ୱାଇଁ ପଡ଼ିଯାଇଥିଲେ। କାଳିଆ ଗୋଷ୍ଠୀ କୁଲୁଙ୍କୁ ଅଟକାଇ ଗାଳିମନ୍ଦ କରିବାରୁ ସେ ପ୍ରତିବାଦ କରିଥିଲେ। କାଳିଆ ଡରରେ କେହି ମୁହଁ ଖୋଲି ନଥିବା ବେଳେ କୁଲୁ ଜୋରଦାର ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କାଳିଆ ଓ ତା'ର ସହଯୋଗୀମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଭୁଜାଲି ଚୋଟରେ କୁଲୁ ଗୁରୁତର ହୋଇ ତଳେ ପଡ଼ିଯିବା ପରେ ଅନ୍ୟ ଜଣେ ଭଙ୍ଗା ବୋତଲରେ ଭୁସି ପକାଇଥିଲା। ଏତିକିବେଳେ ଜଣେ ମହିଳା ପାଟି କରି ପାଖପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଦୁର୍ବୃତ୍ତମାନେ କୁଲୁଙ୍କୁ ଛାଡ଼ି ମହିଳାଙ୍କୁ ଆକ୍ରମଣ କରିଥିଲେ ଏବଂ ପରେ ପଳାଇଥିଲେ। ଘଟଣା ପରଠୁ କାଳିଆ ଫେରାର ହୋଇଯାଇଥିଲା। ଗତକାଲି ସେ ଘରକୁ ଆସିଥିବା ଖବର ପାଇ ବିଳମ୍ବିତ ରାତିରେ ପୁଲିସ ଚଢ଼ଉ କରିଥିଲା। କାଳିଆ ନାଁରେ ପୂର୍ବରୁ ୪ଟି ମାମଲା ରହିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ